## ଓଡିଶା ସରକାର

# ସ୍ୱରାଷ୍ଟ୍ର ବିଭାଗର ମୁଖ୍ୟ କାର୍ଯ୍ୟାବଳୀ

## ୨୦୨୦ -୨୦୨୧



## ସ୍ୱରାଷ୍ଟ୍ର ବିଭାଗ

# ବିଷୟବସ୍ତୁ


| କ୍ର.ସଂ | ବିଷୟ | ପୃଷ୍ଠା |
|---|---|---|
| 1. | ପୋଲିସ ସଂଗଠନ | ୩-୨୭ |
| 2. | ତାଲିମ ଓ ମାନବ ସମ୍ବଳ | ୨୮-୩୦ |
| 3. | କାରାଗାର ସଂଗଠନ | ୩୧-୩୬ |
| 4. | ଅଗ୍ନିଶମ ସେବା ସଂଗଠନ | ୩୭-୩୯ |
| 5. | ବେସାମରିକ ପ୍ରତିରକ୍ଷା ସଂଗଠନ | ୪୦-୪୧ |
| 6. | ଗୃହରକ୍ଷୀ ସଂଗଠନ | ୪୨-୪୩ |
| 7. | ନ୍ୟାୟ ପାଳିକା | ୪୪-୪୫ |
| 8. | ନିର୍ବାଚନ | ୪୬-୪୮ |
| 9. | ରାଜ୍ୟ ସୈନିକ ବୋର୍ଡ | ୪୯-୫୧ |
| 10. | ରାଜ୍ୟ ଅତିଥି ଭବନ | ୫୨-୫୬ |
| 11. | ଅଭିଯୋଜନ ନିର୍ଦ୍ଦେଶାଳୟ | ୫୭-୫୮ |
| 12. | ଓଡ଼ିଶା ଆରକ୍ଷୀ ଗୃହ ନିର୍ମାଣ ଓ କଲ୍ୟାଣ ନିଗମ | ୫୯-୬୦ |

# ସ୍ୱରାଷ୍ଟ୍ର ବିଭାଗର ମୁଖ୍ୟ କାର୍ଯ୍ୟାବଳୀ :୨୦୨୦-୨୦୨୧

**ଉପକ୍ରମଣିକା:**

ସ୍ୱରାଷ୍ଟ୍ର ବିଭାଗ ରାଜ୍ୟ ଶାସନରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ଏହା ଆରକ୍ଷୀ ଶାସନର ମୂଳାଧାର । ଏହି ବିଭାଗ ଆଇନ ଶୃଙ୍ଖଳା, ଅପରାଧ ପ୍ରତିରୋଧ ଓ ନିୟନ୍ତ୍ରଣ, ଦଣ୍ଡ ଅଭିଯୋଜନ, ଅଗ୍ନିଶମ ସେବା ଏବଂ କାରାଗାର ଇତ୍ୟାଦିର ନିୟନ୍ତ୍ରଣ କରିଥାଏ । ରାଜ୍ୟ ସଚିବାଳୟ ସେବା ଏହି ବିଭାଗ ଦ୍ୱାରା ପରିଚାଳିତ ହୋଇଥାଏ । ସଚିବାଳୟର ଏ.ଏସ.ଓ., ଟାଇପିଷ୍ଟ, କ୍ଷିପ୍ରଲେଖକ, ବ୍ୟକ୍ତିଗତ ସହାୟକ ଓ ବ୍ୟକ୍ତିଗତ ସଚିବ ଓ ଓଡିଶା ସଚିବାଳୟ ସେବାର ସାଧାରଣ କ୍ୟାଡର ଏହି ବିଭାଗଦ୍ୱାରା ନିୟନ୍ତ୍ରିତ ହୁଏ । ଏହାଛଡା ବେସାମରିକ ପ୍ରତିରକ୍ଷା ଓ ଗୃହରକ୍ଷୀ ସଂସ୍ଥା ଗୁଡିକୁ ଏହି ବିଭାଗ ଦେଖାଶୁଣା କରିଥାଏ । ସଂସଦୀୟ ଓ ରାଜ୍ୟ ବିଧାନସଭା ନିର୍ବାଚନ ଏହି ବିଭାଗ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥାଏ । ଏହା ସାମରିକ ସେବା ଓ ବେସାମରିକ ସହଯୋଗ ଏବଂ ସାମରିକ ପ୍ରକଳ୍ପ ପ୍ରତିଷ୍ଠାରେ ଯୋଗସୂତ୍ର ରଖିଥାଏ । ରାଜ୍ୟ-ଅତିଥି ମାନଙ୍କର ସମୁଚିତ ମାନ୍ୟତା ପ୍ରଦାନ ସହ ଭୁବନେଶ୍ୱରସ୍ଥ ରାଜ୍ୟ ଅତିଥି ଭବନ, ନୂଆଦିଲ୍ଲୀସ୍ଥ ଓଡିଶା ନିବାସ ଓ ଓଡିଶା ଭବନ, ତଥା କୋଲକାତାର ଉତ୍କଳ ଭବନ ତଥା ମୁମ୍ବାଇର ଭାସିସ୍ଥିତ ଓଡ଼ିଶା ଭବନ, ଚେନାଇସ୍ଥିତ ଓଡିଶା ଭବନ ଏହି ବିଭାଗଦ୍ୱାରା ପରିଚାଳିତ ହୋଇଥାଏ ।

# ପ୍ରଥମ ଅଧ୍ୟାୟ

## ୧. ପୋଲିସ ସଂଗଠନ

### ୧.୧ ସାଧାରଣ ଆଇନ ଶୃଙ୍ଖଳା

ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ୨୦୨୦ ମସିହାରେ ମୋଟାମୋଟି ଭାବେ ଶାନ୍ତିପୂର୍ଣ୍ଣ ଥିଲା ।

**ରାଜନୈତିକ କାର୍ଯ୍ୟକଳାପ**

୨୦୨୦ ମସିହାରେ ସମସ୍ତ ରାଜନୈତିକ ଦଳ କର୍ମୀ ସମ୍ମିଳନୀ, ସାଧାରଣ ସଭା, ଜନସମ୍ପର୍କ ଏବଂ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ଜନସମର୍ଥନ ହାସଲ କରିବା ପାଇଁ ଚେଷ୍ଟା କରିଥିଲେ । ଏହା ଛଡା, ବିରୋଧୀ ରାଜନୈତିକ ଦଳ ଓ ସେମାନଙ୍କର ସାମ୍ମୁଖ୍ୟ ସଙ୍ଗଠନମାନେ କେତେକ ସ୍ଥାନୀୟ ସମସ୍ୟା ନେଇ ଆନ୍ଦୋଳନ କରିଥିଲେ । ଏତଦ ବ୍ୟତୀତ କରୋନା ମହାମାରୀର ବ୍ୟାପକତା ରାଜ୍ୟର ସମସ୍ତ କ୍ଷେତ୍ରକୁ ପ୍ରଭାବିତ କରିଥିବା ବେଳେ ଅର୍ଥନୈତିକ ଏବଂ ସାମାଜିକ ଜୀବନକୁ ବେଶ୍ ସଙ୍କଟାପନ୍ନ କରିଥିଲା । ପ୍ରଶାସନ ଓ ପୁଲିସର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏ ସମସ୍ତ ସମସ୍ୟା ସୁଚାରୁ ରୁପେ ନିୟନ୍ତ୍ରିତ ହୋଇଥିଲା ।

ବାଲେଶ୍ୱର ଜିଲ୍ଲାର ୩୮-ବାଲେଶ୍ୱର ସଦର ଏବଂ ଜଗତସିଂପୁର ଜିଲ୍ଲାର ୧୦୨-ତିର୍ତୋଲ ବିଧାନସଭା ଆସନ ପାଇଁ ଉପନିର୍ବାଚନ ଗତ ତା:୦୩.୧୧.୨୦୨୦ ରିଖରେ ମତଦାନ ପ୍ରକ୍ରିୟା ପୁଲିସର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶାନ୍ତି ଶୃଙ୍ଖଳାର ସହିତ ସମାହିତ ହୋଇଥିଲା ।

**ସାମ୍ପ୍ରଦାୟିକ ପରିସ୍ଥିତି**

ରାଜ୍ୟ, ବିଭିନ୍ନ ପ୍ରକାରର ସାମ୍ପ୍ରଦାୟିକ ବିଦ୍ୱେଷରୁ ମୁକ୍ତ ରହିଛି ଏବଂ ରାଜ୍ୟ ସରକାର ଜନସାଧାରଣଙ୍କ ମଧ୍ୟରେ ସାମ୍ପ୍ରଦାୟିକ ଶାନ୍ତି ଓ ସୌହାର୍ଦ୍ଦ୍ୟ ବଜାୟ ରଖିବାକୁ ସର୍ବୋଚ୍ଚ ପ୍ରାଥମିକତା ଦେଉଛନ୍ତି । ରାଜ୍ୟରେ ସମସ୍ତ ସମ୍ପ୍ରଦାୟର ମୁଖ୍ୟ ପର୍ବପର୍ବାଣୀ ଗୁଡିକ କୌଣସି ଅପ୍ରୀତିକର ପରିସ୍ଥିତି ନଉପୁଜି, ଆନନ୍ଦ, ଉଲ୍ଲାସ ଓ ଶାନ୍ତିଶୃଙ୍ଖଳାର ସହ ପାଳିତ ହୋଇଥିଲା । ୨୦୨୦ ମସିହାରେ ୨୭ ଥର ହିନ୍ଦୁ-ମୁସଲିମ ମଧ୍ୟେରେ ବିଦ୍ୱେଷ ଦେଖାଦେଇଥିଲା ବେଳେ ୩ ଥର ହିନ୍ଦୁ-ଖ୍ରୀଷ୍ଟିୟାନ ବିଦ୍ୱେଷ ଦେଖାଦେଇଥିଲା । ସ୍ଥାନୀୟ ପୁଲିସ ଓ ପ୍ରଶାସନର ପ୍ରତ୍ୟକ୍ଷ

ତତ୍ତ୍ୱାବଧାନ ଏବଂ ସମୟୋଚିତ ପଦକ୍ଷେପ ଯୋଗୁଁ କୌଣସି ସାମୟିକ ଉତ୍ତେଜନା, ବଡଧରଣର ଆଇନ ଶୃଙ୍ଖଳା ପରିସ୍ଥିତିରେ ପରିଣତ ହୋଇନଥିଲା । ପୁରୀରେ ଅନୁଷ୍ଠିତ ରଥଯାତ୍ରା ମଧ୍ୟ କୋଭିଡ୍‌ର କଟକଣା ଓ ସର୍ବୋଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ ମୁତାବକ ଶାନ୍ତିଶୃଙ୍ଖଳାର ସହ ସମାହିତ ହୋଇଥିଲା ।

**ଶିଳ୍ପ ବାତାବରଣ**

ଜନଜାତିମାନଙ୍କ ଅଧିକାରର ସୁରକ୍ଷା, ଜମି ଅଧିଗ୍ରହଣ, ପୁନର୍ବାସ, କ୍ଷତିପୂରଣ ପ୍ରଦାନ, ନିଯୁକ୍ତି, ପାରିପାର୍ଶ୍ୱିକ ଉନ୍ନତି, ଚାଷ, ପରିବେଶ ପ୍ରଦୂଷଣ ଇତ୍ୟାଦି ପ୍ରସଙ୍ଗକୁ ନେଇ ୨୦୨୦ ମସିହାରେ କେତେକ କ୍ଷେତ୍ରରେ ଶିଳ୍ପାୟନ ବିରୁଦ୍ଧରେ ଆନ୍ଦୋଳନାତ୍ମକ ପରିସ୍ଥିତି ଉପୁଜିଥିଲା । ଏସବୁ ପରିସ୍ଥିତିକୁ ଧୈର୍ଯ୍ୟ, ସଂଯମ ଓ ସତର୍କତାର ସହ ନିୟନ୍ତ୍ରଣ କରାଯାଇପାରିଥିଲା । ଏତଦ ବ୍ୟତୀତ କରୋନା ମହାମାରୀ ସମୟରେ ଗମନାଗମନର କଟକଣା ଲାଗୁ ହୋଇଥିବାରୁ ରାଜ୍ୟର ଶିଳ୍ପ ଅର୍ଥନିତୀ ପ୍ରତିକୂଳ ଭାବରେ ପ୍ରଭାବିତ ହୋଇଥିଲା । ଏତେସବୁ ଆନ୍ଦୋନାତ୍ମକ କାର୍ଯ୍ୟକ୍ରମ ତଥା ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ପୁଲିସ ଆଇନ ଶୃଙ୍ଖଳା ପରିସ୍ଥିତିକୁ ସୁଚାରୁ ରୁପେ ନିୟନ୍ତ୍ରଣ କରିପାରିଥିଲା ।

**ଶ୍ରମ ଓ ସେବା ସମସ୍ୟା**

ଶ୍ରମ ଓ ସେବା ସଙ୍ଗଠନଗୁଡିକ ଆଇନ ଶୃଙ୍ଖଳା ପରିସ୍ଥିତି ବ୍ୟାହତ ହେବାଭଳି କୌଣସି ବିଶେଷ ଆନ୍ଦୋଳନ କରିନଥିଲେ । କିନ୍ତୁ କେତେକ ଶିଳ୍ପାନୁଷ୍ଠାନର କର୍ମଚାରୀ / ଶ୍ରମିକମାନେ ମଜୁରି ବୃଦ୍ଧି, କାରଖାନାର ପୁନଃପରିଚାଳନା, ବକେୟା ପାଉଣା ପ୍ରଦାନ, **ଠିକା କର୍ମଚାରୀଙ୍କର ବେତନ ସମ୍ପର୍କରେ ପୁନଃର୍ବିଚାର , କରୋନା ମହାମାରୀରେ ମୃତ କର୍ମଚାରୀମାନଙ୍କ ନିର୍ଭରଶୀଳ ପରିବାର ସଦସ୍ୟଙ୍କୁ ଅନୁକମ୍ପା ମୂଳକ ନିଯୁକ୍ତି** ଦାବୀଗୁଡିକ ରାଜ୍ୟ ସରକାରଙ୍କ ଦ୍ୱାରା ସହୃଦୟତାର ସହିତ ବିଚାର କରାଯାଇଥିଲା ।

**ଛାତ୍ର ସମସ୍ୟା**

୨୦୨୦ମସିହାରେ ରାଜ୍ୟବ୍ୟାପି କୌଣସି ଛାତ୍ର ଅଶାନ୍ତି ଦେଖାଯାଇ ନଥିଲା । **କରୋନା ମହାମାରୀର ବ୍ୟାପକତା ପରିପ୍ରେକ୍ଷୀରେ ସରକାର ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନ ମାର୍ଚ୍ଚ ମାସ ଶେଷ**

ସପ୍ତାହରୁ ବନ୍ଦ ରଖିଥିଲେ। କିନ୍ତୁ ବିରୋଧୀ ଦଳଗୁଡ଼ିକ ସହ ସଂପୃକ୍ତ ବିଭିନ୍ନ ଛାତ୍ର ସଂଗଠନ ଯଥା: ABVP, NSUI, AIDSO, SFI, AISF ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ, ୨୦୨୦, ଛାତ୍ର ଉପସ୍ଥାନ କମ୍ କାରଣରୁ ରାଜ୍ୟରେ ୧୪,୦୦୦ ରୁ ଉର୍ଦ୍ଧ୍ୱ ବିଦ୍ୟାଳୟ ବନ୍ଦ ନିଷ୍ପତ୍ତି ପ୍ରତ୍ୟାହାର ତଥା ଅନ୍ୟାନ୍ୟ ଦାବିରେ କେତେକ ସ୍ଥାନରେ ଧାରଣା ,ବିକ୍ଷୋଭ ଆଦି ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ଗ୍ରହଣ କରି ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଜରିଆରେ ସରକାରଙ୍କୁ ସ୍ମାରକ ପତ୍ର ପ୍ରଦାନ କରିଥିଲେ । କିନ୍ତୁ ପୁଲିସ ଓ ପ୍ରଶାସନର ତତ୍‌ପରତା ହେତୁ ଏହାକୁ ନିୟନ୍ତ୍ରଣ କରାଯାଇ ପାରିଥିଲା ।

**ବିବିଧ ସମସ୍ୟା**

ଏ ବର୍ଷ ବିଭିନ୍ନ ସମୟରେ ଦୃଷ୍ଟିଗୋଚର ହୋଇଥିବା କେତେକ ଆଦିବାସୀ ସଙ୍ଗଠନ ମାନଙ୍କଦ୍ୱାରା ଜଳ, ଜଙ୍ଗଲ ତଥା ଜମିରେ ଆଦିବାସୀଙ୍କ ଅଧିକାର, ଭୂମିହୀନ ଆଦିବାସୀଙ୍କୁ ଜମିପଟ୍ଟା ବଣ୍ଟନ ଇତ୍ୟାଦିକୁ ନେଇ ଆନ୍ଦୋଳନ, ଦଳିତ/ନାରୀ ସଙ୍ଗଠନମାନଙ୍କ ଦ୍ୱାରା ଦଳିତ ଓ ନାରୀଙ୍କ ଉପରେ ବୃଦ୍ଧିପାଉଥିବା ଅତ୍ୟାଚାରକୁ ନେଇ ଆନ୍ଦୋଳନ, ବିଭିନ୍ନ ସ୍ୱେଚ୍ଛାସେବୀ ତଥା ନାରୀସଙ୍ଗଠନ ଦ୍ୱାରା ଅବୈଧ ମଦ ବ୍ୟବସାୟ, ଅଞ୍ଚଳକୁ ମଦମୁକ୍ତ କରିବାକୁ ନେଇ ଆନ୍ଦୋଳନ, ବିଭିନ୍ନ କୃଷକ ସଙ୍ଗଠନମାନଙ୍କ ଦ୍ୱାରା ମୁଖ୍ୟତଃ ନବନିର୍ମାଣ କୃଷକ ସଙ୍ଗଠନ ଦ୍ୱାରା ମୂଲ୍ୟ ପେନସନ ଓ ସମ୍ମାନ ତଥା ପଶ୍ଚିମ ଓଡିଶା କୃଷକ ସଙ୍ଗଠନ ସମନ୍ୱୟ ସମିତି ଦ୍ୱାରା କୃଷିଋଣ ଛାଡ, କୃଷକଙ୍କଠାରୁ ଧାନକ୍ରୟ, କୃଷିଜାତଦ୍ରବ୍ୟ ହାନି ତଥା ଚାଷୀ ଆତ୍ମହତ୍ୟା ଜନିତ କ୍ଷତିପୂରଣ ଇତ୍ୟାଦିକୁ ନେଇ ଆନ୍ଦୋଳନ, ବିଭିନ୍ନ ଆଇନଜୀବି ସଂଘ ଦ୍ୱାରା ନିଜନିଜ ଅଞ୍ଚଳରେ ସ୍ଥାୟୀ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠାକୁ ନେଇ ଆନ୍ଦୋଳନ, "ସୁନ୍ଦରଗଡ ଜିଲ୍ଲା ଆଦିବାସୀ ମୂଳବାସୀ ବଚାଓ ମଞ୍ଚ" ଦ୍ୱାରା ବିଭିନ୍ନ ସମସ୍ୟାକୁ ନେଇ କରାଯାଇଥିବା ଆନ୍ଦୋଳନ, ଜମା କରିଥିବା ରାଶିକୁ ତୁରନ୍ତ ଜମାକାରୀଙ୍କୁ ଫେରସ୍ତ କରିବା ଦାବିରେ "ଆର୍ଥିକ ସଂସ୍ଥା ମାନଙ୍କ ଦ୍ୱାରା କ୍ଷତିଗ୍ରସ୍ତ ମିଳିତ ମଞ୍ଚ" ଦ୍ୱାରା ଆନ୍ଦୋଳନ, ରାଜ୍ୟରେ କେତେକ ସ୍ଥାନକୁ ଉପଖଣ୍ଡର ମାନ୍ୟତା ଘୋଷଣା ନେଇ ତଥା ନୂତନ ଏନ.ଏ.ସି ଆଦି ଗଠନ ନେଇ ଦେଖାଦେଇଥିବା ଆନ୍ଦୋଳନ, ଓ ଅନ୍ୟାନ୍ୟ ଘଟଣା ଯାହାକି ବିଭିନ୍ନ ସମୟରେ ପ୍ରକାଶ୍ୟ ହୋଇଛି ତାହା କୌଶଳ ଭାବରେ ଦ୍ୱିପାକ୍ଷିକ ଆଲୋଚନା ଦ୍ୱାରା ପ୍ରଶାସନ ଓ ପୁଲିସର ସମୟୋଚିତ ପଦକ୍ଷେପ ଫଳରେ ନିୟନ୍ତ୍ରଣ କରାଯାଇପାରିଛି । କରୋନା

ମହାମାରୀ ପରିପ୍ରେକ୍ଷୀରେ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ମାର୍ଗଦର୍ଶୀକ ଉଲ୍ଲଙ୍ଘନକାରୀଙ୍କୁ ଗିରଫ କରି ଆଇନ ଶୃଙ୍ଖଳା ପରିସ୍ଥିତିକୁ ସୁଚାରୁରୂପେ ପୁଲିସ ନିୟନ୍ତ୍ରଣ କରିବାରେ  ସଫଳ ହୋଇଥିଲେ ।

**ଓଡିଶା ପୋଲିସର କୋଭିଡ-୧୯ ସ୍ଥିତିର ପରିଚାଳନା**

କୋଭିଡ–୧୯ ମହାମାରୀ ଓଡିଶା ସମେତ ସାରା ଦେଶରେ ଏକ ଜରୁରୀକାଳୀନ ସ୍ଥିତି ସୃଷ୍ଟି କରିଥିଲା । ଏହା ରାଜ୍ୟର ସବୁ କ୍ଷେତ୍ରକୁ ପ୍ରଭାବିତ କରିବା ସହ ଏକ ମାନବିକ, ଆର୍ଥୀକ ଓ ସାମାଜିକ ସଙ୍କଟ ଜନିତ ପରିସ୍ଥିତି ସୃଷ୍ଟି କରିଥିଲା । ଓଡିଶା ସରକାର ତତ୍‌କାଳ ଏହାକୁ ଏକ ବିପର୍ଯ୍ୟୟ ଭାବେ ଘୋଷଣା କରି ୨୦୨୦ ମାର୍ଚ୍ଚ ମାସ ଠାରୁ ସାରା ରାଜ୍ୟରେ ଗ୍ଧତାଲାବନ୍ଦଗ୍ଧ ଜାରୀ କରିଥିଲେ । ଏପରି ସ୍ଥିତିରେ ରାଜ୍ୟତମାମ ପୋଲିସ ଅଧିକାରୀ ଓ କର୍ମଗ୍ୱରୀଙ୍କୁ କାର୍ଯ୍ୟରେ ନିୟୋଜିତ କରି ଦୃଢଭାବେ ଏହି ‘ତାଲାବନ୍ଦ’ ଆଇନ୍‌କୁ ପ୍ରବର୍ତ୍ତନ କରାଯାଇଥିଲା । ଏହି ସମୟରେ ପୋଲିସର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା । ସେମାନେ ଏଭଳି ଏକ କଷ୍ଟସାଧ୍ୟ ସମୟରେ ଦୃଢତାର ସହ କର୍ତ୍ତବ୍ୟ ସ–ାଦାନ କରିବା ସଙ୍ଗେ ସଙ୍ଗେ ସାଧାରଣ ନାଗରିକଙ୍କ ପ୍ରତି ସମ୍ବେଦନଶୀଳ ଓ ସଞ୍ଜମତା ପ୍ରଦର୍ଶନ କରି ବିଶ୍ୱାସଭାଜନ ହୋଇପାରିଥିଲେ । ଏହି ମହତକାର୍ଯ୍ୟ ସ–ାଦନ ସମୟରେ ଓଡିଶା ପୋଲିସର ୮୯୦୨ ଜଣ ପୋଲିସ ଅଧିକାରୀ ଓ କର୍ମଗ୍ୱରୀ କରୋନାରେ ସଂକ୍ରମିତ ହୋଇଥିଲେ ଓ ସେମାନଙ୍କ ମଧ୍ୟରୁ ୪୮ ଜଣଙ୍କ କର୍ତ୍ତବ୍ୟରତ ସମୟରେ ଦେହାନ୍ତ ହୋଇଥିଲା ।

ନିୟମ ପ୍ରବର୍ତ୍ତନର ଅଂଶ ସ୍ୱରୂପ ଆଜିସୁଧା ଓଡିଶା ପୋଲିସ ୭୯୪୭ ଟି ମାମଲା ରୁଜୁ କରି ୧୩,୧୦୨ ଜଣଙ୍କୁ ଗିରଫ, ୧୬୫୪୧୦ ଟି ଗାଡିକୁ ଧରିବା ସହ ୧୮,୬୦,୮୦,୧୬୫/– ଟଙ୍କା ଜୋରିମାନା ବାବଦକୁ ଆଦାୟ କରିଛି । ଏହି ସବୁ ଦଣ୍ଡ ଓ ଜୋରିମାନା ଲକ୍‌ଡାଉନ୍ ନିୟମ ଅନ୍ତର୍ଗତ, ଗୃହ ପୃଥକବାସ ନିୟମ, ମାସ୍କ ନିୟମ ଓ ସାମାଜିକ ଦୁରତ୍ୱ ନିୟମର ଉଲଂଘନ ପାଇଁ କରାଯାଇଅଛି । ମହାମାରୀ ରୋକିବାରେ ଏହି ସବୁ କାର୍ଯ୍ୟକ୍ରମ ବିଶେଷ ସହାୟକ ହୋଇଥିଲା ।

ଲକ୍‌ଡାଉନ୍ ସମୟରେ ବିଭିନ୍ନ ସ୍ଥାନରେ ଅସହାୟ ଭାବେ ଅଟକ ରହିଥିବା ପ୍ରବାସୀ ଶ୍ରମିକ, ତୀର୍ଥଯାତ୍ରୀ, ଛାତ୍ରଛାତ୍ରୀ ଏବଂ ଅନ୍ୟାନ୍ୟ ବ୍ୟକ୍ତି ବିଶେଷଙ୍କ ଯାତାୟତକୁ ସୁସଂଗଠିତ କରିବାରେ ଓଡିଶା ପୋଲିସ ଏକ ଗୁରୁତ୍ୱପୂଣ୍ଣ ଭୂମିକା ନିର୍ବାହ କରିବା ସହ ସେମାନଙ୍କୁ ସେମାନଙ୍କ ନିଜ ରାଜ୍ୟକୁ ପହଞ୍ଚାଇବାରେ ସାହାଯ୍ୟ କରିଥିଲା । ଏହି ସମୟରେ ପ୍ରବାସୀ

ପାଦଚଲା ଶ୍ରମିକଙ୍କ ଯାତାୟତ ପାଇଁ ଓଡିଶା ପୋଲିସ ତରଫରୁ ୫୨୯ ଥର ଗାଡିର ବ୍ୟବସ୍ଥା କରି ୨୪୭୫୪ ଜଣଙ୍କୁ ନିଜ ଗନ୍ତବ୍ୟ ସ୍ଥାନରେ ପହଞ୍ଚାଯାଇ ପାରିଥିଲା ।

ମାଲବାହୀ ଗାଡି ଗୁଡିକର ବିନାବାଧାରେ ଯାତାୟତ ଓ ପରିବହନକୁ ସୁନିଶ୍ଚିତ ପାଇଁ ରାଜ୍ୟ ଅପରାଧ ନଥି ସଂସ୍ଥା, ଭୁବନେଶ୍ୱରଠାରେ ଏକ 'କଲ ସେଣ୍ଟର' ଆରମ୍ଭ କରାଯାଇଥିଲା । ତା:୨୬.୦୩.୨୦୨୦ ଠାରୁ ତା:୦୮.୦୭.୨୦୨୦ ପର୍ଯ୍ୟନ୍ତ ଏହି ସଂସ୍ଥା ଦ୍ୱାରା ୬୯୪୦ ଟି ଫୋନ୍ କଲକୁ ଗ୍ରହଣ କରାଯାଇ ସେମାନଙ୍କୁ ସଠିକ ପରାମର୍ଶ ପ୍ରଦାନ କରାଯାଇଥିଲା ।

ସେହିପରି ରାଜ୍ୟ ଅପରାଧ ନଥିସଂସ୍ଥା ଠାରେ ଓଡିଶା ପୋଲିସ ତରଫରୁ ଲକ୍ ଡାଉନ୍ ସମୟରେ ମହିଳାଙ୍କ ବିରୁଦ୍ଧରେ ଘଟୁଥିବା ପାରିବାରିକ ହିଂସାକୁ ପ୍ରତିହତ କରିବା ପାଇଁ ତା:୧୮.୦୪.୨୦୨୦ ଠାରୁ ଏକ "ଫୋନ-ଆପ୍-ପ୍ରୋଗ୍ରାମ୍" ଆରମ୍ଭ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବିଗତ ୫ ବର୍ଷ ମଧ୍ୟରେ ପାରିବାରିକ ହିଂସା ଏବଂ ଅନ୍ୟାନ୍ୟ ହିଂସାରେ ଆକ୍ରାନ୍ତ ମହିଳାଙ୍କୁ ସଂସ୍ଥାର ଜଣେ ମହିଳା ଅଧିକାରୀଙ୍କ ଦ୍ୱାରା ଯୋଗାଯୋଗ କରାଯାଇ ସେମାନଙ୍କ ଭଲମନ୍ଦ କଥା ପଚ୍ଚରିବୁଝା ଯାଇଥିଲା । ଏହି କ୍ରମରେ ରାଜ୍ୟ ଅପରାଧ ନଥି ସଂସ୍ଥା ଦ୍ୱାରା ୯୨୦୫ ଜଣ ମହିଳାଙ୍କୁ ଯୋଗାଯୋଗ କରାଯାଇଥିଲା । ୫୩ ଟି ମାମଲାରେ ପ୍ରତିକୂଳ ରିପୋର୍ଟ ପାଇବା ପରେ ସେ ବାବଦରେ ସଂପୃକ୍ତ ଜିଲ୍ଲାର ଆରକ୍ଷୀ ଅଧିକ୍ଷକଙ୍କୁ ବିହିତ କାର୍ଯ୍ୟାନୁଷ୍ଠାନ ଏବଂ ସମସ୍ୟାର ସମାଧାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା ।

ଓଡିଶା ପୋଲିସ ତରଫରୁ ମଧ୍ୟ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବାସୀ ଶ୍ରମିକଙ୍କ ଓ ଅନ୍ୟାନ୍ୟ ଗରିବ ଲୋକଙ୍କ ପାଇଁ ରନ୍ଧା ଖାଦ୍ୟର ବ୍ୟବସ୍ଥା କରାଯାଇଥିଲା । ଏହି ପରି ଏକ ରନ୍ଧା ଖାଦ୍ୟ ପ୍ରଦାନ କେନ୍ଦ୍ର ଭଦ୍ରକ ଠାରେ ଚ୍ଚାଲିଥିଲା ଯାହାକି ଦୈନିକ ଚ୍ଚାରି ହଜାର ବ୍ୟକ୍ତିଙ୍କୁ ମାଗଣା ଖାଦ୍ୟ ପ୍ରଦାନ କରିଥିଲା ।

ଓଡିଶା ପୋଲିସର ଆଉ ଏକ ମହତ କାର୍ଯ୍ୟ ହେଉଛି "ପ୍ଲାଜମା ଦାନ" । କରୋନାରୁ ସୁସ୍ଥ ହେବା ପରେ ୧୦୦୨ ଜଣ ପୋଲିସ କରୋନା ଯୋଦ୍ଧା ପ୍ଲାଜମା ଦାନ କରି ଉଦାହରଣ ସୃଷ୍ଟି କରିଛନ୍ତି । ଏହି ପ୍ଲାଜମା ଦାନ ଆଜି ସୁଦ୍ଧା ରାଜ୍ୟର ସମୁଦାୟ ପ୍ଲାଜମା ଦାନର ୪୬% ଅଟେ (ସମୁଦାୟ ୨୧୬୬) ।

ଏହି ପୋଲିସ କରୋନା ଯୋଦ୍ଧାଙ୍କ ନିଃସ୍ୱାର୍ଥପର ସେବାର ସ୍ୱୀକୃତି ସ୍ୱରୂପ ରାଜ୍ୟ ସରକାରଙ୍କ ତରଫରୁ ମୃତ ଯୋଦ୍ଧାଙ୍କ ନିକଟତମ ଆତ୍ମୀୟ ସ୍ୱଜନଙ୍କୁ ତାଙ୍କର ଶେଷ ଦରମା ହାରରେ ପରିବାର ପେନ୍‌ସନ୍ ପ୍ରଦାନ କରାଯାଇଛି । ଏହି ପରିବାର ପେନ୍‌ସନ୍ ୪୪ ଜଣ କୋଭିଡ୍ ଯୋଦ୍ଧାଙ୍କୁ ପ୍ରଦାନ ସରିଥିବା ବେଳେ ୪ ଜଣଙ୍କ କାଗଜପତ୍ର ପ୍ରସ୍ତୁତି ଚ୍ଚାଲିଛି । ଏହାବାଦ୍,

ରାଜ୍ୟ ସରକାରଙ୍କ ତରଫରୁ ମୃତ କରୋନା ଯୋଦ୍ଧାଙ୍କ ନିକଟ ସ–ର୍କିୟଙ୍କୁ ୫୦ ଲକ୍ଷ ଟଙ୍କାର କ୍ଷତି ପୂରଣ ଅର୍ଥରାଶି ଘୋଷଣା କରାଯାଇଛି । ଏହି ଅର୍ଥରାଶି ୪୬ ଜଣ ପୋଲିସ କରୋନା ଯୋଦ୍ଧାଙ୍କୁ ପ୍ରଦାନ ସରିଥିବା ବେଳେ ୨ ଜଣଙ୍କ କାଗଜପତ୍ର କାର୍ଯ୍ୟ ଚ଼ାଲିଛି ।

**ସନ୍ତ୍ରାସବାଦୀ କାର୍ଯ୍ୟକଳାପ**

ଏ ପର୍ଯ୍ୟନ୍ତ, ରାଜ୍ୟରେ କୌଣସି ସନ୍ତ୍ରାସବାଦୀ କାର୍ଯ୍ୟକଳାପ ଦେଖା ଯାଇନାହିଁ ଏବଂ ଆଗୁଆ ସୂଚନା ଦ୍ୱାରା ସନ୍ତ୍ରାସବାଦୀ କାର୍ଯ୍ୟକଳାପକୁ ଫଳପ୍ରଦଭାବେ ନିୟନ୍ତ୍ରଣ କରାଯାଇଅଛି । ଏହାଛଡା, ରାଜ୍ୟରେ ସନ୍ତ୍ରାସବାଦୀ କାର୍ଯ୍ୟକଳାପ ସମ୍ବନ୍ଧୀୟ ସୂଚନା ସମସ୍ତ ଜିଲ୍ଲା ଏସ୍.ପି.ମାନଙ୍କୁ ସମୟ ସମୟରେ ବିଭିନ୍ନ ପରାମର୍ଶ ଓ ସତର୍କ ବାର୍ତ୍ତା ମାଧ୍ୟମରେ ଅବଗତ କରାଯାଇଅଛି ।

**ଓଡିଶାରେ ବାମପନ୍ଥୀ ଉଗ୍ରବାଦ :**

ପ୍ରଭାବୀ ପୁଲିସ ଓ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ଯୋଗୁଁ ୨୦୨୦ (ତା:୦୧.୦୧.୨୦୨୦ ଠାରୁ ତା:୩୧.୧୨.୨୦୨୦ ପର୍ଯ୍ୟନ୍ତ) ବର୍ଷରେ ମାଲକାନଗିରି ଜିଲ୍ଲାର ସ୍ୱାଭିମାନ ଅଞ୍ଚଳ ଏବଂ କଳାହାଣ୍ଡି - ରାୟଗଡା - କନ୍ଧମାଳ ଜିଲ୍ଲା ସୀମାନ୍ତବର୍ତ୍ତୀ ଅଞ୍ଚଳ ସମେତ  ରାଜ୍ୟର ମାଓବାଦୀ ପ୍ରଭାବିତ ଅଞ୍ଚଳ ଗୁଡିକରେ ସାମଗ୍ରୀକ ବାମପନ୍ଥୀ ଉଗ୍ରବାଦ ସ୍ଥିତିରେ କ୍ରମାଗତ ଓ ସ୍ଥିର ଉନ୍ନତି ପରିଲକ୍ଷିତ ହୋଇଥିଲା । ଉକ୍ତ ବର୍ଷ ପରିସ୍ଥିତିରେ ଉଲ୍ଲେଖନୀୟ ଉନ୍ନତି ଯୋଗୁଁ ରାଜ୍ୟ ସରକାର ପାଞ୍ଚଗୋଟି ପ୍ରଭାବିତ ଜିଲ୍ଲା ଯଥା: ଅନୁଗୁଳ, ବୌଦ୍ଧ, ଦେବଗଡ, ନୟାଗଡ ଏବଂ ସମ୍ବଲପୁରକୁ ମାଓବାଦୀ କାର୍ଯ୍ୟକଳାପ ମୁକ୍ତ ଜିଲ୍ଲା ଭାବରେ  ଘୋଷଣା କରିଥିଲେ । ପରନ୍ତୁ ମାଲକାନଗିରି, କନ୍ଧମାଳ, କଳାହାଣ୍ଡି, ନୂଆପଡା, କୋରାପୁଟ, ରାୟଗଡା, ବଲାଙ୍ଗିର, ବରଗଡ, ନବରଙ୍ଗପୁର ଏବଂ ରାଉରକେଲା ଜିଲ୍ଲାର କେତେକ ଅଞ୍ଚଳରେ ମାଓବାଦୀ କାର୍ଯ୍ୟକଳାପ ରହିଥିଲା ।

ଏହି ବର୍ଷ ପୁଲିସ ପ୍ରଚେଷ୍ଟାରେ ମାଓବାଦୀମାନଙ୍କ ସହିତ ସଂଗଠିତ ୨୭ଟି ଗୁଳି ବିନିମୟ ଘଟଣା ସମେତ ରାଜ୍ୟରେ ମୋଟ ୪୧ ଟି ସି.ପି.ଆଇ. (ମାଓବାଦୀ) ଜନିତ ଘଟଣା ଘଟିଥିଲା ଯେଉଁଥିରେ ୭ ଜଣ ସାଧାରଣ ବ୍ୟକ୍ତିଙ୍କର ପ୍ରାଣହାନୀ ଘଟିଥିଲା ଏବଂ ୨ ଜଣ ସୁରକ୍ଷାକର୍ମୀ ସହୀଦ୍ ହୋଇଥିଲେ ।  ଉକ୍ତ ବର୍ଷ, ବାମପନ୍ଥୀ ଉଗ୍ରବାଦ ବିରୋଧୀ କାର୍ଯ୍ୟାନୁଷ୍ଠାନରେ ସୁରକ୍ଷାବାହିନୀ ଉଲ୍ଲେଖନୀୟ ସଫଳତା ପାଇଥିଲେ । ପୁଲିସ ସହିତ ପୃଥକ ଗୁଳି ବିନିମୟ ଘଟଣାରେ ୧୬ ଜଣ ଦୁର୍ଦ୍ଦାନ୍ତ ସି.ପି.ଆଇ.(ମାଓବାଦୀ) କ୍ୟାଡର (ଜଣେ ରାଜ୍ୟ କମିଟି ସଭ୍ୟ,

ଜଣେ ଡିଭିଜିନାଲ କମିଟି ସଭ୍ୟ ଏବଂ ୮ଜଣ ଏରିଆ କମିଟି ସଭ୍ୟ ସମେତ) ଙ୍କର ମୃତ୍ୟୁ ଘଟିଥିବା ସ୍ଥଳେ, ଗ୍ରାମବାସୀମାନଙ୍କ ସହିତ ସଂଘର୍ଷରେ ଜଣେ ମାଓବାଦୀ ମୃତ୍ୟୁବରଣ କରିଥିଲେ । ଏତଦ୍‌ବ୍ୟତୀତ, ରାଜ୍ୟରେ ମାଓବାଦୀ କାର୍ଯ୍ୟକଳାପରେ ଲିପ୍ତ ଥିବା ଅଭିଯୋଗରେ ୩୪ ଜଣଙ୍କୁ ଗିରଫ କରାଯାଇଥିଲା , ୨୧ ଜଣ (ଜଣେ ଏରିଆ କମିଟି ସେକ୍ରେଟାରୀ, ଏବଂ ୪ ଜଣ ଏରିଆ କମିଟି ସଭ୍ୟ ସମେତ) ଆତ୍ମସମର୍ପଣ କରିଥିଲେ ଏବଂ ମାଓବାଦୀ ବିରୋଧି କାର୍ଯ୍ୟାନୁଷ୍ଠାନରେ ୬୦ ଟି ବନ୍ଧୁକ (୨୬ ଗୋଟି ଉତ୍ତମ ଧରଣର ଅସ୍ତ୍ର ସମେତ),୬୩ ଟି ଉନ୍ନତ ବିସ୍ଫୋରକ, ବହୁ ପରିମାଣରେ ଗୁଳିଗୋଳା, ବିସ୍ଫୋରକ ସାମଗ୍ରୀ ତଥା ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଥିଲା ।

ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ ଅଞ୍ଚଳରେ ସୁରକ୍ଷା ଆବରଣକୁ ସଶକ୍ତ କରି ଉକ୍ତ ଅଞ୍ଚଳରେ ଉନ୍ନୟନମୂଳକ କାର୍ଯ୍ୟ ନିମନ୍ତେ ସୁରକ୍ଷିତ ପରିବେଶ ସୃଷ୍ଟି କରିବା ନମନ୍ତେ ପ୍ରଭାବୀ ପଦକ୍ଷେପ ନିଆଯାଇଥିଲା । ମାଲକାନଗିରି ଜିଲ୍ଲାର ସ୍ୱାଭିମାନ ଅଞ୍ଚଳରେ ଯୋଡାମ୍ବ ଏବଂ ଗୁରାସେତୁ, କଳାହାଣ୍ଡି ଜିଲ୍ଲାର ମୁଷାନାଳ, କନ୍ଧମାଳ ଜିଲ୍ଲାର ଖମଣଖୋଲ ଏବଂ ସାଡିଙ୍ଗିଆ, ନବରଙ୍ଗପୁର ଜିଲ୍ଲାର ଝରିଗାଁ ଏବଂ ଫୁଟାନଡାଏବଂ ନୂଆପଡା ଜିଲ୍ଲାର ଭଁଇସାଦାନୀ ଠାରେ ମୋଟ ୮ କ-ାନୀ ଅପରେସନାଲ ବେସ୍ ପ୍ରତିଷ୍ଠା କରାଯାଇଥିଲା । ଉକ୍ତ ଅଞ୍ଚଳଗୁଡିକରେ କ-ାନୀ ଅପରେସନାଲ ବେସ୍ ସ୍ଥାପନା ହେବା ଦ୍ୱାରା ସୁରକ୍ଷାବାହିନୀ ଦ୍ୱାରା ମାଓବାଦୀ ବିରୋଧି ଅଭିଯାନକୁ ଅଧିକ ତ୍ୱରାନ୍ୱିତ କରାଯାଇ ପାରିଥିବା ସଙ୍ଗେ ସଙ୍ଗେ ଉନ୍ନୟନମୂଳକ କାର୍ଯ୍ୟକ୍ରମକୁ ମଧ୍ୟ ଅଧିକ ତ୍ୱରାନ୍ୱିତ କରାଯାଇ ପାରିଥିଲା ।

ବିଶେଷ କରି ମାଲକାନଗିରିର ସ୍ୱାଭିମାନ ଅଞ୍ଚଳରେ ସୁରକ୍ଷାବଳର ସ୍ଥାପନାଦ୍ୱାରା ବିକାଶମୂଳକ କାର୍ଯ୍ୟକ୍ରମ ତ୍ୱରାନ୍ୱିତ ହୋଇପାରିଥିଲା ଏବଂ ଦୀର୍ଘଦିନରୁ ବିକାଶଧାରା ଠାରୁ ଦୂରରେ ଥିବା ସ୍ୱାଭିମାନ ଅଞ୍ଚଳବାସୀ ବିକାଶର ମୁଖ୍ୟଧାରାରେ ସାମିଲ ହୋଇଥିଲେ ।

## ୧.୨ ଅପରାଧ ଜନିତ ପରିସ୍ଥିତି

୨୦୨୦ ମସିହାରେ ରାଜ୍ୟରେ ରଜୁ ହୋଇଥିବା ମୋଟ ୧,୩୪,୨୩୦ଟି ଧର୍ତ୍ତବ୍ୟ ଅପରାଧ ମଧ୍ୟରୁ ୧୪୭୦ଟି ହତ୍ୟା, ୫୧୪ ଗୋଟି ଡକାୟତି, ୨୧୬୬ ଟି ଲୁଣ୍ଠନ , ୪୫୦୦ ଟି

ସିନ୍ଧିଗ୍ରେରି, ୧୦୪୧୨ ଟି ଗ୍ରେରି, ୩୫୨୪ ଟି ପ୍ରତାରଣା, ୨୦୫୯ ଟି ଦଙ୍ଗା, ୨୯୮୪ ଟି ଧର୍ଷଣ, ୯୮୧୭ ଟି ମୋଟରଯାନ ଦୁର୍ଘଟଣା, ୯୬୭୮୪ ଟି ବିବିଧ ମାମଲା ଅନ୍ତର୍ଭୁକ୍ତ ।

**୨୦୨୦ରେ ନିଶାଦ୍ରବ୍ୟ କାରବାର ରୋକିବାରେ ଓଡିଶା ପୋଲିସର ଉଲ୍ଲେଖନୀୟ ପ୍ରଦର୍ଶନ**

୨୦୨୦ ମସିହାରେ ଓଡିଶା ପୋଲିସ ୧୦୦୦ ରୁ ଅଧିକ ଏନ.ଡି.ପି.ଏସ୍. ମାମଲା ପଞ୍ଜୀକୃତ କରି ୧୮୦୦ ରୁ ଅଧିକ ଅଭିଯୁକ୍ତଙ୍କୁ ଗିରଫ କରିଥିଲା । ବର୍ଷକ ମଧ୍ୟରେ ୧୩୭୪ କ୍ୱିଣ୍ଟାଲ ଗଞ୍ଜା, ୩୪ କେ.ଜି. ବ୍ରାଉନ ସୁଗାର (ହିରୋଇନ) ଜବତ କରିଥିଲା । ଏବଂ ୧୮୦୦୦ ଏକରରୁ ଅଧିକ ବେଆଇନ ଗଞ୍ଜେଇ ଚାଷ ନଷ୍ଟ କରିଥିଲା । (ଫସଲ ବର୍ଷ ୨୦୧୯-୨୦୨୦) ।

୨୦୨୦ ମସିହାରେ ୧୩୭୪ କ୍ୱିଣ୍ଟାଲ ଗଞ୍ଜା ବା କାନାବିସ୍‌ର ଜବତ ଏକ ରେକର୍ଡ । ପ୍ରଥମ ଥର ପାଇଁ ଭାରତର କୌଣସି ଏକ ରାଜ୍ୟ ରେକର୍ଡ ପରିମାଣର ୧୦୦୦ କ୍ୱିଣ୍ଟାଲ / ୧୦୦ ଟନରୁ ଅଧିକ ଗଞ୍ଜା ଜବତ କରି ପାରିଛି । ଆମର ଗତ ବର୍ଷ ଗଞ୍ଜା ଜବତର ପରିମାଣ ୬୦୦ କ୍ୱିଣ୍ଟାଲ ରୁ ଅଧିକ ଥିଲା ।

୨୦୧୯-୨୦ ଆର୍ଥିକ ବର୍ଷରେ ୧୮,୦୦୦ ଏକରରୁ ଅଧିକ ବେଆଇନ ଗଞ୍ଜେଇ ଚାଷର ନଷ୍ଟ ମଧ୍ୟ ଅଭୁତପୂର୍ବ ଏବଂ ଏହା ଏକ ପ୍ରକାର ଜାତୀୟ ରେକର୍ଡ । ୨୦୨୦-୨୧ ଫସଲ ବର୍ଷରେ ଜାନୁୟାରୀ ପର୍ଯ୍ୟନ୍ତ, ୨୦,୦୦୦ ଏକରରୁ ଅଧିକ ଗଞ୍ଜେଇ ଚାଷ ନଷ୍ଟ କରାଯାଇଛି ।

୩୪ କିଲୋଗ୍ରାମ୍ ବ୍ରାଉନ ସୁଗାର / ହିରୋଇନ ଜବତ ମଧ୍ୟ ଏକ ଉଲ୍ଲେଖନୀୟ ଘଟଣା । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଚଳିତ ବର୍ଷର ଜବତ ବିଗତ ୧୦ ବର୍ଷ ମଧ୍ୟରେ ଜବତ କରାଯାଇଥିବା ସମୁଦାୟ ବ୍ରାଉନ ସୁଗାରର ପରିମାଣ ଠାରୁ ଯଥେଷ୍ଟ ଅଧିକ ଅଟେ ।

**୧.୩ ପୁଲିସ୍ ବାହିନୀର ଆଧୁନିକୀକରଣ**

ପୁଲିସ୍ ବିଭାଗର ବିଭିନ୍ନ ସଂସ୍ଥା ନିମନ୍ତେ ଆଧୁନିକୀକରଣ ଯୋଜନାରେ ୨୦୦୦-୦୧ ରୁ ୨୦୧୯-୨୦ ମସିହା ମଧ୍ୟରେ ୧୦୨୦.୬୭ କୋଟି ଟଙ୍କା ଅନୁଦାନ ମିଳିଅଛି । ତନ୍ମଧ୍ୟରୁ ୯୨୯.୭୪ କୋଟି ଟଙ୍କା (ପ୍ରାୟ ଶତକଡା ୯୧.୦୯ ଭାଗ) ବ୍ୟୟ କରାଯାଇଅଛି ।

ପୁଲିସ୍ ଆଧୁନିକୀକରଣ ଯୋଜନାରେ ମିଳିଥିବା ଅନୁଦାନକୁ ରାଜ୍ୟ ଆରକ୍ଷୀ ବାହିନୀର ଯାନବାହାନ, ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର, ଅତ୍ୟାଧୁନିକ ଯୋଗାଯୋଗ ସାମଗ୍ରୀ, ଅତ୍ୟାଧୁନିକ ତାଲିମ୍ ସାମଗ୍ରୀ, ସାଇବର କ୍ରାଇମ୍ ଅପରାଧ ତଦନ୍ତ ବିଭାଗର ମାନବୃଦ୍ଧି ନିମନ୍ତେ ଅତ୍ୟାଧୁନିକ ତାଲିମ ସାମଗ୍ରୀ, ମୋବାଇଲ୍ ଫୋରେନସିକ ୟୁନିଟ୍, ଏକ୍ସପ୍ଲୋସିଭ-କମ୍-ନାରକୋଟିକ୍ସ ଡିଟେକଟର, ଅତ୍ୟାଧୁନିକ ବମ୍ ଡିସ୍ପୋଜାଲ ୟୁନିଟ୍, ଟ୍ରାଫିକ ପୋଲିସ୍ ପାଇଁ ନାଇଟ ଭିଜନ ଉପକରଣ, ସି.ସି.ଟି.ଭି. ବେସଡ୍ ସିଟି ସର୍ଭିଲାନସ୍ ସିଷ୍ଟମ ଆଦିର କ୍ରୟ ସମେତ ଆରକ୍ଷୀ ବାସଗୃହ ଏବଂ କାର୍ଯ୍ୟାଳୟ ଗୃହ ନିର୍ମାଣରେ ଉପଯୋଗ କରାଯାଇଅଛି ।

ପୁନଶ୍ଚ ରାଜ୍ୟ ସରକାର ଆଧୁନିକୀକରଣ ଯୋଜନାରେ ଟ.୨୬ କୋଟି ଟଙ୍କା ୨୦୨୦-୨୧ ମସିହା ପାଇଁ ଅନୁଦାନ ଦେଇଛନ୍ତି (୩୧.୧୨.୨୦୨୦ ପର୍ଯ୍ୟନ୍ତ) । ଏହାର ବିଶଦ ବିବରଣୀ ନିମ୍ନ ମତେ ପ୍ରଦତ୍ତ କରାଗଲା ।

| କ୍ର. ସଂ. | ଉପାଦାନ | ଅନୁଦାନ (ଲକ୍ଷରେ) | | |
|---|---|---|---|---|
| | | କେନ୍ଦ୍ରୀୟ ଅନୁଦାନ | ରାଜ୍ୟ ଅନୁଦାନ | ସମୁଦାୟ |
| ୧. | ସ୍ମାର୍ଟ ପୋଲିସିଙ୍ଗ / ଟେକ୍ନୋଲୋଜିର ମାନବୃଦ୍ଧି | ୯୩.୦୦ | ୨୧୬.୬୦ | ୩୦୯.୬୦ |
| ୨. | ଅପରାଧ ଅନୁସନ୍ଧାନ ସାମଗ୍ରୀ | ୦.୦୦ | ୩୦୦.୪୦ | ୩୦୦.୪୦ |
| ୩. | ଯାନବାହାନ | ୬୫୦.୦୦ | ୦.୦୦ | ୬୫୦.୦୦ |
| ୪. | ଯୋଗାଯୋଗ ସାମଗ୍ରୀ | ୫୩.୨୨ | ୬୫.୮୦ | ୧୧୯.୦୨ |
| ୫. | ଗୁଇନ୍ଦା ବିଭାଗ ସାମଗ୍ରୀ | ୨୪.୦୦ | ୧୫୭.୧୦ | ୧୮୧.୧୦ |
| ୬. | ଟ୍ରାଫିକ ସାମଗ୍ରୀ | ୧୦୫.୨୨ | ୦.୦୦ | ୧୦୫.୨୨ |
| ୭. | ପ୍ରଶିକ୍ଷଣ ସାମଗ୍ରୀ | ୨୭.୬୫ | ୮୬.୫୨ | ୧୧୪.୧୭ |
| ୮. | ସୁରକ୍ଷା ଏବଂ ଅନ୍ୟାନ୍ୟ ସାମଗ୍ରୀ | ୬୦୬.୯୧ | ୨୧୩.୫୮ | ୮୨୦.୪୯ |
| | **ମୋଟ:-** | **୧୫୬୦.୦୦** | **୧୦୪୦.୦୦** | **୨୬୦୦.୦୦** |

## ଜରୁରୀକାଳୀନ ପ୍ରତିକ୍ରିୟା ସହାୟତା ବ୍ୟବସ୍ଥା (ERSS)

ଅପରାଧ ଓ ଜରୁରୀ ସମୟରେ ତୁରନ୍ତ ସେବା ଯୋଗାଇ ଦେବା ପାଇଁ ସରକାର Emergency Response Support System (ERSS) କାର୍ଯ୍ୟକାରୀ କରୁଛନ୍ତି, ଯାହାର କମାଣ୍ଡ ସେଣ୍ଟର ଭୁବନେଶ୍ୱର ରେ ସ୍ଥାପନ କରାଯାଇଛି । ଏହାଦ୍ୱାରା ଗୋଟିଏ ନମ୍ବର ୧୧୨ ଦ୍ୱାରା ପୋଲିସ ସେବା, ଅଗ୍ନିଶମସେବା, ମହିଳା ଓ ଶିଶୁ ସହାୟତା ଇତ୍ୟାଦି ଉପଲବ୍ଧ ହେବ । ଏଥିପାଇଁ ପ୍ରଥମ ପର୍ଯ୍ୟାୟରେ ରାଜ୍ୟ ସରକାର ୧୦୯୮ ଟି ବିଭିନ୍ନ ପଦବୀ ଯଥା:- ୪ ଟି ଡି.ଏସ.ପି., ୧୫୧ ଟି ସବ୍-ଇନସ୍ପେକ୍ଟର, ୨୦୩ ଟି ଆସିଷ୍ଟାଣ୍ଟ ସବ୍-ଇନସ୍ପେକ୍ଟର, ୭୪୦ ଟି କନେଷ୍ଟବଳ ଏବଂ ୧୯୮ ଟି କଲ୍ ଟେକର୍ସ ପଦବୀ ସୃଷ୍ଟି କରିଛନ୍ତି । ଏତଦ୍‌ବ୍ୟତୀତ ଉକ୍ତ ସେବା ଗୁଡିକୁ ତୁରନ୍ତ ଯୋଗାଇ ଦେବା ପାଇଁ ୧୦୬ ଟି ଗାଡି ଓ ଡ୍ରାଇଭର ଭଡାରେ ଅଣାଯିବାର ବ୍ୟବସ୍ଥା କରାଯାଉଛି । ଏହି ପ୍ରୋଜେକ୍ଟ କାର୍ଯ୍ୟକାରିତା ପାଇଁ ୧୫୭.୦୦ କୋଟି ଟଙ୍କା ବ୍ୟୟରେ ଲକ୍ଷ ରଖାଯାଇ ୨୦୨୦-୨୧ ଆର୍ଥିକ ବର୍ଷରେ ୫୪ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ।

## ନୂତନ ପ୍ରତିଷ୍ଠିତ ପୋଲିସ ଥାନା

ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତିକୁ ସୁଚାରୁରୂପେ ପରିଚାଳନା କରିବା ପାଇଁ ରାଜ୍ୟ ସରକାର ୬ ଗୋଟି ନୂତନ ଥାନା ପ୍ରତିଷ୍ଠା ପାଇଁ ୨୦୨୦ ମସିହାରେ ମଞ୍ଜୁର କରିଛନ୍ତି । ଯଥା: (୧)ଭରତପୁର ପୋଲିସ୍ ଥାନା, ସହରାଞ୍ଚଳ ପୋଲିସ ଜିଲ୍ଲା, ଭୁବନେଶ୍ୱର, (୨) ସଦର ପୋଲିସ ଥାନା, ଅନୁଗୁଳ ଜିଲ୍ଲା, (୩) ବେଲଗୁଣ୍ଠା ପୋଲିସ୍ ଥାନା, ଗଞ୍ଜାମ ଜିଲ୍ଲା , (୪) ସଦର ପୋଲିସ୍ ଥାନା, ଝାରସୁଗୁଡ଼ା ଜିଲ୍ଲା, (୫) ସବରଙ୍ଗ ପୋଲିସ ଥାନା, ଭଦ୍ରକ ଜିଲ୍ଲା ଏବଂ (୬) ପିର ହାଟ ପୋଲିସ୍ ଥାନା ଭଦ୍ରକ ଜିଲ୍ଲା ।

ଏହାବ୍ୟତୀତ ଓଡିଶା ପୋଲିସକୁ ସମୃଦ୍ଧ କରିବା ପାଇଁ ୧୪୧୭ ଗୋଟି ବିଭିନ୍ନ ନୂତନ ପଦବୀ ସୃଷ୍ଟି କରାଯାଇଅଛି ।

## ୧.୪ ରାଜ୍ୟ ଅପରାଧ ବିଧି ବିଜ୍ଞାନାଗାର

ରାଜ୍ୟ ଅପରାଧ ବିଧି ବିଜ୍ଞାନାଗାର, ଓଡିଶା, ସମଗ୍ର ଭାରତବର୍ଷର ପୁରାତନ ବିଜ୍ଞାନାଗାରମାନଙ୍କ ମଧ୍ୟରେ ଅନ୍ୟତମ । ତଦନ୍ତ ଓ ନ୍ୟାୟିକ ପ୍ରକ୍ରିୟାରେ ବୈଜ୍ଞାନିକ ପଦ୍ଧତିର ପର୍ଯ୍ୟାପ୍ତ ଉପଯୋଗ ଉଦ୍ଦେଶ୍ୟରେ, ସମୟକ୍ରମେ ୩ (ତିନି)ଟି ଆଞ୍ଚଳିକ ବିଧି ବିଜ୍ଞାନାଗାର ଓ ୩୬ଟି ଜିଲ୍ଲା ବିଧି ବିଜ୍ଞାନାଗାର ଏହା ସହିତ ସଂଯୋଗ କରାଯାଇଛି । ୩୬ ଜିଲ୍ଲା ବିଧି ବିଜ୍ଞାନାଗାର ମଧ୍ୟରୁ ୨୩ଟି ବର୍ତ୍ତମାନ କାର୍ଯ୍ୟକ୍ଷମ ଅଛି । ଏତଦ୍‌ବ୍ୟତୀତ, ଏହି ବିଜ୍ଞାନାଗାରରେ ୯ ଟି ବିଭାଗ ଯଥା:ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଜୀବ ବିଜ୍ଞାନ, ଲସୀ ବିଜ୍ଞାନ, ପ୍ରକ୍ଷେପ ବିଜ୍ଞାନ, ବିଷ ବିଜ୍ଞାନ, ଉଗଆ ବିଜ୍ଞାନ, ମିଥ୍ୟା ଅନୁସନ୍ଧାନ ଓ ସାଇବର ବିଧି ବିଜ୍ଞାନ ବିଭାଗମାନ କାର୍ଯ୍ୟ କରୁଅଛି ।

ଅପରାଧ ସ୍ଥଳ ପରିଦର୍ଶନ ସହ ନ୍ୟାୟଳୟମାନଙ୍କୁ ବିଶେଷଜ୍ଞ ରିପୋର୍ଟ ପ୍ରଦାନ କରି ଏହି ବିଜ୍ଞାନାଗାର ବର୍ଷ ବର୍ଷ ଧରି ଏହାର ଦାୟିତ୍ୱ କୃତିତ୍ୱର ସହ ନିର୍ବାହ କରି ଆସୁଛି ।

୨୦୨୦ ମସିହା (୩୧.୧୨.୨୦୨୦ ପର୍ଯ୍ୟନ୍ତ) ରାଜ୍ୟ ଅପରାଧ ବିଧି ବିଜ୍ଞାନାଗାରରେ ୧୦୩୨୭ଟି ମାମଲା ପରୀକ୍ଷା କରାଯାଇ ରିପୋର୍ଟ ପ୍ରଦାନ କରାଯାଇଅଛି । ଚଳିତ ବର୍ଷ ୨୯ ଜଣ ସହାୟକ ବୈଜ୍ଞାନିକ ଅଧିକାରୀ, ୫୨ ଜଣ ବିଜ୍ଞାନାଗାର ସହାୟକ, ଜଣେ ଭିସେରା କଟରଙ୍କୁ ଚୁକ୍ତିଭିତ୍ତିନ ନିଯୁକ୍ତ ପ୍ରଦାନ କରାଯାଇଅଛି ଏହା ବ୍ୟତୀତ ନିୟମିତ ୨୨ ଜଣ ବୈଜ୍ଞାନିକ ଅଧିକରୀ ଓ ୪୫ ଜଣ ସହାୟକ ବୈଜ୍ଞାନିକ ଅଧିକାରୀ ନିଯୁକ୍ତି ପାଇଁ ଓଡିଶା ଲୋକସଭା ଆୟୋଗ, କଟକ ଓ ଓଡିଶା କର୍ମଚାରୀ ଚୟନ ଆୟୋଗ, ଭୁବନେଶ୍ୱରଙ୍କୁ ଅନୁରୋଧ କରାଯାଇଅଛି ।

ପୁଲିସ ଅଧିକାରୀ, ନ୍ୟାୟାଧୀଶ ଓ ସରକାରୀ ଓକିଲମାନଙ୍କ ପାଇଁ ଏହି ବିଜ୍ଞାନାଗାର ଅନେକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ହାତକୁ ନେଇଛି । ଏଠାରେ କାର୍ଯ୍ୟରତ ବୈଜ୍ଞାନିକମାନେ ରାଜ୍ୟ ଅପରାଧ ବିଧି ବିଜ୍ଞାନାଗାର ଓ Biju Patnaik State Police Academy ରେ ଅପରାଧ ତଦନ୍ତ ଓ ନ୍ୟାୟିକ ପ୍ରକିୟାରେ ଅପରାଧ ବିଧି ବିଜ୍ଞାନାଗାରର ଗୁରୁତ୍ୱ ସମ୍ବନ୍ଧରେ ତାଲିମ ପ୍ରଦାନ

କରୁଛନ୍ତି ।୨୦୨୦ ମସିହାରେ ୨୨ ଜଣ ଅଧିକାରୀ ଦିଲ୍ଲୀ " National Institute of Criminology and Forensic Science" ରେ ତାଲିମ ପାଇଛନ୍ତି ।

୨୦୧୩ ମସିହାରୁ ସି.ସି.ଟି.ଏନ୍.ଏସ୍. ପ୍ରକଳ୍ପ ସହିତ ରାଜ୍ୟ ଅପରାଧବିଧି ବିଜ୍ଞାନଗାର ସଂଯୁକ୍ତ ହୋଇଛି ଯାହାଦ୍ୱାରା ଏଠାରେ ଗୃହୀତ ହୋଇଥିବା ଯେ କୌଣସି ମାମଲାର ପରିକ୍ଷଣ ସମ୍ବନ୍ଧୀୟ ସବିଶେଷ ତଥ୍ୟ କମ୍ପୁଟର ସଂଯୋଗିକରଣ ମାଧ୍ୟମରେ ସହଜରେ ଉପଲବ୍ଧ ହୋଇପାରୁଛି ।

## ୧.୫. ରାଜ୍ୟ ଅପରାଧ ନଥି ସଂସ୍ଥା

ରାଜ୍ୟ ଅପରାଧ ନଥି ସଂସ୍ଥା ୧୯୮୮ ମସିହା ଜୁଲାଇ ମାସ ୨୩ ତାରିଖରେ ରାଜ୍ୟ ଗୃହ ବିଭାଗର ସଂକଳ୍ପ ପତ୍ର ସଂଖ୍ୟା-୪୦୪୬୪ ଅନୁଯାୟୀ ତତ୍କାଳୀନ "ଓଡିଶା ପୁଲିସ୍ କମ୍ପ୍ୟୁଟର ସଂସ୍ଥା" ଏବଂ "ରାଜ୍ୟ ଅଙ୍ଗୁଳିଛାପ ସଂସ୍ଥା" କୁ ନେଇ ଗଠିତ ହୋଇଥିଲା ।

ବର୍ତ୍ତମାନ କ୍ରାଇମ ଓ କ୍ରିମିନାଲ ଟ୍ରାକିଙ୍ଗ୍ ନେଟୱାର୍କ ସିଷ୍ଟମ (ସି.ସି.ଟି.ଏନ୍.ଏସ୍)କୁ ଓଡିଶା ରାଜ୍ୟ ସହିତ ସାରାଦେଶରେ କାର୍ଯ୍ୟକ୍ଷମ କରିବା ପାଇଁ ଉଦ୍ୟମ ଜାରି ରହିଛି । କ୍ରାଇମ ଓ କ୍ରିମିନାଲ ଟ୍ରାକିଙ୍ଗ୍ ନେଟୱାର୍କ ସିଷ୍ଟମ କେନ୍ଦ୍ର ସରକାରଙ୍କ ଇ-ଗଭର୍ନାନ୍ସ ଯୋଜନା ଅନ୍ତର୍ଗତ ଏକ ମିଶନମୋଡ୍ ପ୍ରକଳ୍ପ, ଯାହାକି, ସମଗ୍ର ଦେଶରେ ପୁଲିସ୍ ସଂସ୍ଥାକୁ ଆଧୁନିକୀକରଣ କରିବା ପାଇଁ ଉଦ୍ଦିଷ୍ଟ । ସି.ସି.ଟି.ଏନ୍.ଏସ୍. ମାଧ୍ୟମରେ ପୁଲିସ ସଂସ୍ଥା ଗୁଡିକ ଅପରାଧ ଏବଂ ଅପରାଧିକ ତଥ୍ୟ ଗୁଡିକୁ ଅନ୍‌ଲାଇନ ମାଧ୍ୟମରେ ସଂରକ୍ଷଣ କରିରଖିପାରିବା ସଙ୍ଗେ ସଙ୍ଗେ ଦେଶର ସାଧାରଣ ନାଗରିକ ମଧ୍ୟ ନିର୍ବିଘ୍ନରେ ଅନ୍ ଲାଇନ ପୋଲିସ ସେବା ପାଇପାରିବେ ।

ପରିସଂଖ୍ୟାନ ବିଭାଗର ରାଜ୍ୟ ଅପରାଧ ସଂସ୍ଥାର ଏକ ବିଶେଷ ଭୂମିକା ରହିଛି । ସମସ୍ତ ପ୍ରକାରର ଅପରାଧିକ ତଥ୍ୟର ପରିସଂଖ୍ୟାନ ବିବରଣୀ ଏହି ବିଭାଗରେ ସଠିକ ଭାବରେ ପ୍ରସ୍ତୁତ କରାଯାଇଥାଏ ।

ଏହା ବ୍ୟତୀତ, ରାଜ୍ୟ ଅପରାଧ ନଥି ସଂସ୍ଥାର ଏହି ପରିସଂଖ୍ୟାନ ବିଭାଗ ବିଭିନ୍ନ ପ୍ରକାରର ଅପରାଧିକ ତଥ୍ୟ ବିଭିନ୍ନ ରାଜ୍ୟ ଏବଂ କେନ୍ଦ୍ରୀୟ ସଂସ୍ଥା ତଥା କାର୍ଯ୍ୟାଳୟ ନିକଟରେ ସଫଳତାର ସହିତ ଉପସ୍ଥାପନା କରିପାରିଛି । ଆହୁରି ମଧ୍ୟ ଏହି ବିଭାଗ ଜନସାଧାରଣ ତଥା

ଅନୁଷ୍ଠାନକୁ ସୂଚନା ଅଧିକାର ଆଇନ-୨୦୦୫ ଆଧାରରେ ଆବଶ୍ୟକୀୟ ଅପରାଧିକ ତଥ୍ୟର ବିବରଣୀ ଯୋଗାଇ ଦେଇଛି । ପରିସଂଖ୍ୟାନ ବିଭାଗ, ଓଡିଶା ତଥା ଓଡିଶା ବାହାରର ସମସ୍ତ ଆରକ୍ଷୀ କାର୍ଯ୍ୟାଳୟ / ସଂସ୍ଥା, ଅନ୍ୟାନ୍ୟ ସରକାରୀ ସଂସ୍ଥା ତଥା କାର୍ଯ୍ୟାଳୟମାନଙ୍କୁ ସେମାନେ ଆବଶ୍ୟକ କରୁଥିବା ତଥ୍ୟ ସଠିକ ସମୟରେ ସଫଳତାର ସହିତ ଯୋଗାଇ ପାରିଛି । ଚଳିତ ବର୍ଷ ମହାମାରୀ କରୋନା ଯୋଗୁଁ ସମସ୍ତ ପୁଲିସ କର୍ମଚାରୀମାନଙ୍କୁ ଅଫଲାଇନ ପରିବର୍ତ୍ତେ ଅନଲାଇନ ମାଧ୍ୟମରେ ତାଲିମ ପ୍ରଦାନ କରାଯାଇଅଛି । ଆରକ୍ଷୀ ପରିସଙ୍ଖ୍ୟାନ ବିଭାଗ, ଜନସାଧାରଣ, ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ତଥା ସଂସ୍ଥା, ଅପରାଧ ଅନୁସନ୍ଧାନକାରୀ ଅଧିକାରୀ, ଓକିଲ ଇତ୍ୟାଦିଙ୍କୁ, ସେମାନେ ଆବଶ୍ୟକ କରୁଥିବା ଅପରାଧ ଓ ଅପରାଧୀ ସମ୍ବନ୍ଧୀୟ ତଥ୍ୟ ମଧ୍ୟ ଯୋଗାଇ ଦିଆଯାଇଛି ।

ଅପରାଧି ଏବଂ ଅପରାଧି ମାନଙ୍କର ପୂର୍ଣ୍ଣ ତଥ୍ୟ ରାଜ୍ୟ ଅପରାଧ ନଥି ସଂସ୍ଥାର ଏହି ପରିସଂଖ୍ୟାନ ବିଭାଗରେ ସଂଗୃହିତ ହୋଇଥାଏ ।

**ସି.ସି.ଟି.ଏନ.ଏସ. ପ୍ରୋଜେକ୍ଟର ସଫଳତା**

ସି.ସି.ଟି.ଏନ.ଏସ. ପ୍ରୋଜେକ୍ଟ ଓଡିଶା ରାଜ୍ୟରେ ସଫଳତାର ସହିତ ପ୍ରତିପାଦିତ ହୋଇଅଛି । ବିଭିନ୍ନ ସଫଳତାମାନଙ୍କ ମଧ୍ୟରୁ ସମ୍ୟକ ନିମ୍ନରେ ପ୍ରଦତ୍ତ କରାଗଲା:-

୧. ଏହା ଦ୍ୱାରା ଓଡିଶା ପୁଲିସରେ ଏକ ବୈଷୟିକ ଭିତ୍ତିଭୂମି ସୃଷ୍ଟି କରାଯାଇପାରିଛି ।
୨. ଏହି ଯୋଜନା ଅନ୍ତର୍ଗତ ସମସ୍ତ(୬୨୦)ପୁଲିସ ଥାନା ଏଂବ ଉଚ୍ଚତର କାର୍ଯ୍ୟାଳୟ (୨୦୯) ଏବଂ ସି.ସି.ଟି.ଏନ.ଏସ. ତାଲିମ କେନ୍ଦ୍ର (୩୮) ମାନଙ୍କୁ କ-୍ୟୁଟର ଯୋଗାଇ ଦିଆଯାଇଛି ।
୩. ପ୍ରତ୍ୟେକ ଥାନାକୁ ୪ଟି ଲେଖାଏଁ କ-୍ୟୁଟର, ୧ଟି ମଲ୍‌ଟି ଫଙ୍କସନାଲ ପ୍ରିଣ୍ଟର ଏବଂ ୧ଟି ଡୁପ୍ଲେକ୍ସ ପ୍ରିଣ୍ଟର ଯୋଗାଇ ଦିଆଯାଇଛି ।
୪. ପ୍ରତ୍ୟେକ ଉଚ୍ଚତର କାର୍ଯ୍ୟାଳାୟକୁ ୩ଟି ଲେଖାଏଁ କ-୍ୟୁଟର, ୧ଟି ମଲ୍‌ଟି ଫଙ୍କସନାଲ ପ୍ରିଣ୍ଟର ଏବଂ ୧ଟି 2KVA UPS ଏବଂ ୧ଟି CISCO ସୁଇଚ୍ ଉକ୍ତ ଯୋଜନାରେ ଯୋଗାଇ ଦିଆଯାଇଛି । ଏହା ବ୍ୟତୀତ ପ୍ରତ୍ୟେକ ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳାୟକୁ ୧୦ଟି ଲେଖାଏଁ କ-୍ୟୁଟର, ୧୦ଟି ମଲ୍‌ଟି ଫଙ୍କସନାଲ ପ୍ରିଣ୍ଟର ଏବଂ ୨ ଟି 2KVA UPS ଯୋଗାଇ ଦିଆଯାଇଛି ।

୫. ଓକାକ, ଭୁବନେଶ୍ୱରଠାରେ ଗୋଟିଏ ଷ୍ଟେଟ ଡାଟା ସେଣ୍ଟର ସ୍ଥାପନା କରାଯାଇଛି ।

୬. ସମସ୍ତ ଥାନା ଏବଂ ଉଚ୍ଚତର କାର୍ଯ୍ୟାଳୟ ଗୋଟିଏ ନେଟୱାର୍କ ସହିତ ଯୋଡିହୋଇଛନ୍ତି ଏବଂ ରାଜ୍ୟ ତଥ୍ୟ କେନ୍ଦ୍ରକୁ କ୍ରମାଗତ ଭାବେ ତଥ୍ୟ ପ୍ରେରଣ କରିଆସୁଛନ୍ତି ।

୭. ନୂଆଦିଲ୍ଲୀଠାରେ ପ୍ରତିଷ୍ଠିତ ହୋଇଥିବା **"ନ୍ୟାସନାଲ୍ ଡାଟା ସେଣ୍ଟର"** କୁ **ଷ୍ଟେଟ ଡାଟା ସେଣ୍ଟର,** ଭୁବନେଶ୍ୱର ପ୍ରତି ୨୪ ଘଣ୍ଟାରେ ଥରେ ଡାଟା ଶିଙ୍କ୍ରୋନାଇଜେସନ କରିଥାଏ ।

୮. ବର୍ତ୍ତମାନ, ସମସ୍ତ ଏତଲା ସି.ସି.ଟି.ଏନ.ଏସ.ର କୋର ଆପ୍ଲିକସନ ସଫ୍ଟୱେର ମାଧ୍ୟମରେ ନିୟନ୍ତ୍ରିତ ହେଉଛି ।

୯. କେବଳ ସମ୍ବେଦନଶୀଳ ଏତଲାଗୁଡିକୁ ବାଦ ଦେଇ ଅନ୍ୟ ସମସ୍ତ ଏତଲାକୁ ଓଡିଶା ପୁଲିସର ସିଟିଜେନ ପୋର୍ଟାଲ ରେ ଅପଲୋଡ କରାଯାଉଛି ।

୧୦. ସମସ୍ତ ଚାର୍ଜ ସିଟ୍ ଏବଂ ଫାଇନାଲ ଫର୍ମ ଗୁଡିକ ମଧ୍ୟ ସି.ସି.ଟି.ଏନ.ଏସ. କୋର ଆପ୍ଲିକସନ ସଫ୍ଟୱେର ମାଧ୍ୟମରେ ନିୟନ୍ତ୍ରିତ ହେଉଛି । ।

୧୧. ବର୍ତ୍ତମାନ ନ୍ୟାୟଳୟମାନଙ୍କରେ କେବଳ ସି.ସି.ଟି.ଏନ.ଏସ. କୋର ଆପ୍ଲିକସନ ସଫ୍ଟୱେର ମାଧ୍ୟମରେ ପ୍ରତିପାଦିତ କରାଯାଇଥିବା ଦଲିଲମାନ ଗ୍ରହଣ ଯୋଗ୍ୟ ହେଉଛି ।

୧୨. ଥାନାର ଷ୍ଟେସନ ଡାଇରୀ ଅନଲାଇନରେ କରାଯାଉଥିବାରୁ ତାହା କାରାସାଦବିହୀନ ହୋଇଛି ।

୧୩. ବର୍ତ୍ତମାନ ପର୍ଯ୍ୟନ୍ତ ମୋଟ ୨୫,୪୭୬ ଜଣ ପୁଲିସ କସର୍ମଚାରୀ ସି.ସି.ଟି.ଏନ.ଏସ.ର ବ୍ୟବହାର ସଂର୍ପକରେ ତାଲିମପ୍ରାପ୍ତ ହୋଇଛନ୍ତି ।

୧୪. ମୋଟ ୧୮ ପ୍ରକାରର ସେବା "ଓଡିଶା ପୁଲିସ ସିଟିଜେନ ପୋର୍ଟାଲ" ମାଧ୍ୟମରେ ସମସ୍ତ ନାଗରିକ ମାନଙ୍କ ପାଇଁ ଉପଲବ୍ଧ ହେଉଅଛି । ଏହାଦ୍ୱାରା ଜନସାଧାରଣ ଥାନାକୁ ନଯାଇ ନିଜ ଘରେ ବସି ମୋବାଇଲ / କମ୍ପୁ୍ୟଟର ମାଧ୍ୟମରେ ଖୁବ୍ କମ ସମୟ ମଧ୍ୟରେ ଓଡିଶା ପୁଲିସର ବିଭିନ୍ନ ସେବାମାନ ପାଇପାରିବେ ।

୧୫. ସ୍ପ୍ରତି ବୈଷୟିକ ଜ୍ଞାନକୌଶଳରେ ଓଡିଶା ପୁଲିସ ଦେଶର ଆଗଧାଡିର ରାଜ୍ୟ ପୁଲିସମାନଙ୍କ ମଧ୍ୟରେ ଅନ୍ୟତମ ଭାବେ ପରିଗଣିତ ହେଉଅଛି ଏବଂ ଏଥିପାଇଁ ନିକଟରେ ବେଷ୍ଟ ପ୍ରାକ୍ଟିସ ପାଇଁ ଜାତୀୟ ଅପରାଧୀ ନଥି ସଂସ୍ଥା ତରଫରୁ ପୁରସ୍କୃତ ହୋଇଅଛି ।

୧୬. ୨୦୦୫ ମସିହା ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ସମସ୍ତ Archival ତଥ୍ୟମାନ ଶତ ପ୍ରତିଶତ Core Appliation Software କୁ ପଠାଯାଇଛି ।

୧୭. ସମସ୍ତ ତଥ୍ୟକୁ ସୁରକ୍ଷିତ ରଖିବା ପାଇଁ ଫାୟାରୱାଲ ଏବଂ ନିରାପତ୍ତା ବିଧି ମାନ ଗ୍ରହଣ କରାଯାଇଛି ।

୧୮. "ସହାୟତା" : ଓଡିଶା ପୁଲିସ ଜନସାଧାରଣମାନଙ୍କୁ ସମୟଭିତ୍ତିକ ସେବା ଯୋଗାଇ ଦେବାପାଇଁ ସର୍ବଦା ପ୍ରତିଶ୍ରୁତିବଦ୍ଧ । ଜନସାଧାରଣଙ୍କୁ ଉନ୍ନତ ଏବଂ ତ୍ୱରିତ ସେବା ଯୋଗାଇଦେବାପାଇଁ ଓଡିଶା ପୁଲିସ ତରଫରୁ "ସହାୟତା" ନାମରେ ଏକ ମୋବାଇଲ ଆପ୍ଲିକେସନ ବିକଶିତ କରାଯାଇଛି ଯାହାକି " ଆଣ୍ଡ୍ରଏଡ ପ୍ଲେ ଷ୍ଟୋର" ଏବଂ IOS ରେ ଉପଲବ୍ଧ ।

୧୯. ଆରକ୍ଷୀ ମୋବାଇଲ ଆପ୍ଲିକେସନ୍ : ତଦନ୍ତକାରୀ ଅଧିକାରୀ ଅପରାଧସ୍ଥଳରେ ଉପସ୍ଥିତ ରହି ତଦନ୍ତ କରିବା ନିମନ୍ତେ "ଆରକ୍ଷୀ" ନାମକ ମୋବାଇଲ ଆପ୍ଲିକେସନ ବିକଶିତ କରାଯାଇଛି ଯାହାଦ୍ୱାରା ତଦନ୍ତ ପ୍ରକିୟା ଅଧିକ ସରଳ ହୋଇପାରୁଛି ।

୨୦. ଦ୍ରାଘିମା/ଅକ୍ଷାଂଶ ମୋବାଇଲ ଆପ୍ଲିକେସନ: ତଦନ୍ତକାରୀ ଅଧିକାରୀଙ୍କ ତଦନ୍ତରେ ସୁବିଧା ନିମନ୍ତେ ଏକ ଦ୍ରାଘିମା/ଅକ୍ଷାଂଶ ମୋବାଇଲ ଆପ୍ଲିକେସନ ମଧ୍ୟ ଉପଲବ୍ଧ ।

୨୧. ପୁଲିସ କର୍ମଚାରୀମାନଙ୍କ ଦୈନନ୍ଦିନ କାର୍ଯ୍ୟକାରିତା ଉପରେ ନଜର ରଖିବା ଉଦ୍ଦେଶ୍ୟରେ ଉଚ୍ଚ ଅଧିକାରୀମାନଙ୍କ ନିମନ୍ତେ ଡ୍ୟାସବୋର୍ଡର ବ୍ୟବସ୍ଥା କରାଯାଇଛି ।

୨୨. ଅନଲାଇନରେ ଦେୟ ନିମନ୍ତେ "ଓଡିଶା ପୁଲିସ ସିଟିଜେନ ପୋର୍ଟାଲ" ଏବଂ ମୋବାଇଲ ଆପ୍ଲିକେସନ କୁ ଏକୀକୃତ କରାଯାଇଛି ।

୨୩. ଗୋଷ୍ଠୀ ଭିତ୍ତିକ ସନ୍ଦେଶ ପ୍ରେରଣ ସେବା ମଧ୍ୟ ସଫଳ ଭାବେ ପ୍ରଚଳନ କରାଯାଇଛି ।

୨୪. ଫାଇନାଲ ଫର୍ମ ଦାଖଲ କରିବାର ୬୦/୧୨୦/୧୮୦ ଦିନର ବୈଧାନିକ ସମୟସୀମାକୁ ନିୟନ୍ତ୍ରିତ କରାଯାଇଛି ।

୨୫. ଜନସାଧାରଣ ଅନୁରୋଧ କରିଥିବା ସେବାର ସ୍ଥିତି ଜାଣିବା ପାଇଁ "ସହାୟତା" ଏସ.ଏମ୍.ଏସ୍ ଏବଂ ଇ-ମେଲ ସେବାର ବ୍ୟବସ୍ଥା କରାଯାଇଛି ।

୨୬. ନୋ ଅବଜେକସନ ସାର୍ଟିଫିକେଟ ମୁଦ୍ରଣ ପଦ୍ଧତିରେ କ୍ୟୁ.ଆର. କୋଡ ଏବଂ ଫୋଟୋଗ୍ରାଫ କାର୍ଯ୍ୟକାରୀ କରାଯାଇଛି ।

୨୭. ନୋ ଅବଜେକସନ ସାର୍ଟିଫିକେଟର ବାସ୍ତବିକତା ଯାଞ୍ଚ କରିବା ପାଇଁ ଜନସାଧାରଣଙ୍କ ପାଇଁ ଏକ୍ସଟରନାଲ ଲିଙ୍କ ବ୍ୟବସ୍ଥା କରାଯାଇଛି ।

୨୮. ପରିବହନ ବିଭାଗ ଦ୍ୱାରା ବିକଶିତ ହୋଇଥିବା ବାହନ ଏବଂ ସାରଥୀ ସେବାକୁ ସି.ସି.ଟି.ଏନ.ଏସ. କୋର ଆପ୍ଲିକେସନ ସଫ୍‌ଟୱେର ବ୍ୟବସ୍ଥାରେ ଏକୀକୃତ କରାଯାଇଛି ।

୨୯. ଭାରତ ସରକାରଙ୍କ ସଡକ ପରିବହନ ବିଭାଗ ଦ୍ୱାରା ଆବଶ୍ୟକ ହେଉଥିବା ତଥ୍ୟ ବିଶ୍ଳେଷଣ ଅନୁପାଳନ କରିବା ନମିନ୍ତେ ଆକ୍ସିଡେଣ୍ଟ ଇନଭେଷ୍ଟିଗେସନ ମଡ୍ୟୁଲ ବିକଶିତ କରାଯାଇଛି । ଏହି ମଡ୍ୟୁଲ ଏକ ବିଶ୍ଳେଷଣ ମୂଳକ ବିବରଣୀ ପ୍ରଦାନ କରିଥାଏ ଯାହା ଦୁର୍ଘଟଣାଜନିତ ମୃତ୍ୟୁକୁ ହ୍ରାସ କରିବା ସହିତ ସଡକ ସୁରକ୍ଷା ପାଇଁ ହେଉଥିବା ନୂତନ ନୀତି ଗୁଡିକର ସଫଳ କାର୍ଯ୍ୟକାରିତାରେ ସହାୟକ ହୋଇଥାଏ ।

୩୦. ଏଣିକି କୌଣସି ଅପରାଧର ଡାକ୍ତରୀ ତଥ୍ୟ ପାଇବା ପାଇଁ ତଦନ୍ତକାରୀ ଅଧିକାରୀ ମାନେ ସିଧାସଳଖ ଚିକିତ୍ସାଧିକାରୀ ମାନଙ୍କୁ ସି.ସି.ଟି.ଏନ୍.ଏସ୍. କୋର ଆପ୍ଲିକେସନ ସଫ୍‌ଟୱେର ମାଧ୍ୟମରେ ଅନୁରୋଧ ପତ୍ର ପ୍ରେରଣ ଏବଂ ଗ୍ରହଣ କରିପାରିବେ । ଏହାକୁ ସୁବ୍ୟବସ୍ଥିତ କରିବା ପାଇଁ "ମେଡିକାଲ ଲିଗାଲ ଓପିନିୟନ ସିଷ୍ଟମ" (MLOS) ନାମକ ଏକ ମଡ୍ୟୁଲ ବିକଶିତ କରାଯାଉଛି ଯାହାଦ୍ୱାରାକି ଏଭଳି ସଂବେଦଶୀଳ କାର୍ଯ୍ୟକଳାପ ସମ୍ପୂର୍ଣ୍ଣ ସ୍ୱଚ୍ଛତାର ସହିତ କମ ସମୟ ମଧ୍ୟରେ କାର୍ଯ୍ୟକାରୀ କରାଯାଇପାରିବ ।

୩୧. ଭୌଗଳିକ ତଥ୍ୟ ଅନୁଯାୟୀ ଦୁର୍ଘଟଣାସ୍ଥଳର ସଠିକ ନିରୂପଣ ତଥା ସମ୍ପୃକ୍ତ ଥାନର କାର୍ଯ୍ୟକାରୀ ପରିସୀମାକୁ ନିଶ୍ଚିତ କରିବା ନିମନ୍ତେ "ଆର୍କ-ଜିଆଇଏସ" (ARC-GIS) ନାମକ ସର୍ଭରକୁ ସି.ସି.ଟି.ଏନ୍.ଏସ୍. କୋର ଆପ୍ଲିକେସନ ସଫ୍‌ଟୱେର ଡାଟାବେସ ଦ୍ୱାରା ଏକୀକୃତ କରାଯାଇଛି । ବର୍ତ୍ତମାନ ରାଜ୍ୟର ସମସ୍ତ ଥାନା ଗୁଡିକର ପରିସୀମା ଭୌଗୋଳିକ ଘେରାବନ୍ଦୀ ଦ୍ୱାରା ନିର୍ଦ୍ଧାରିତ କରାଯାଇଥିବାରୁ ଏହା ତଦନ୍ତକାରୀ ଅଧିକାରୀ ମାନଙ୍କୁ ଅଧିକ ସହାୟକ ହେଉଅଛି ।

୩୨. ରାଜ୍ୟ ସରକାରଙ୍କ ଦ୍ୱାରା ନିକଟରେ ଘୋଷଣା କରାଯାଇଥିବା ୫ଟି ଯୋଜନା ଅନ୍ତର୍ଗତ "ମୋ ସରକାର" ବ୍ୟବସ୍ଥାର ସଫଳ ରୂପାୟନ ନିମନ୍ତେ ଏକ ରାଜ୍ୟସ୍ତରୀୟ କଲ ସେଣ୍ଟର ରାଜ୍ୟ ଅପରାଧ ନଥି ସଂସ୍ଥା ଅଧୀନରେ କାର୍ଯ୍ୟ କରୁଛି । ପୁଲିସ ଥାନାକୁ ଆସୁଥିବା ବିଭିନ୍ନ ଅଭିଯୋଗକାରୀ / ନାଗରିକ ମାନଙ୍କୁ ପୁଲିସର ବ୍ୟବହାରିକ / ଭାଷାଗତ ଏବଂ କ୍ରିୟାଗତ ମାନ ନିର୍ଦ୍ଧାରଣ କରିବା ନିମନ୍ତେ ସେମାନଙ୍କ ମତାମତ ସଂଗ୍ରହ କରାଯାଉଛି । ଏଥିପାଇଁ ଏକ FEEDBACK MANAGEMENT SYSTEM ନାମକ ଏକ ଡ୍ୟାସବୋର୍ଡର ବ୍ୟବସ୍ଥା କରାଯାଇଛି ଯାହାକି ବହୁତ ଉପଯୋଗୀ ହେଉଛି ।

୩୩. ଆଭାଷୀ ପୁଲିସ ଥାନା (VIRTUAL POLICE STATION ): ମାନ୍ୟବର ମୁଖ୍ୟମନ୍ତ୍ରୀ ତା:୨୮.୦୧.୨୦୨୦ ରିଖ ଠାରୁ ରାଜ୍ୟ ଅପରାଧ ନଥି ସଂସ୍ଥାରେ ଏକ ଆଭାଷୀ ପୁଲିସ ଥାନାର ଉଦଘାଟନ କରିଛନ୍ତି । ଏହାଦ୍ୱାରା ଜନସାଧାରଣ ଥାନାକୁ ନ ଯାଇ ଘରେ ବସି ଅନଲାଇନରେ ସିଟିଜେନ ପୋର୍ଟାଲ / ସହାୟତା ମୋବାଇଲ ପ୍ରୟୋଗ ମାଧ୍ୟମରେ ନିଜର ଗାଡି ଚୋରୀ ସଂକ୍ରାନ୍ତୀୟ ଅଭିଯୋଗ ଦାଖଲ କରିବା ସହିତ ତତସମ୍ବନ୍ଧୀୟ ସୂଚନା ଏସ୍.ଏମ.ଏସ୍. ମାଧ୍ୟମରେ ପ୍ରାପ୍ତ କରିପାରିବେ । ଏହି ବାବଦରେ ସ-ୃକ୍ତ ଥାନାରେ ଡାଇରୀ କରାଯାଇ କେସ ପଞ୍ଜୀକରଣ ହେବାପରେ ଅନୁସନ୍ଧାନ ଆରମ୍ଭ କରାଯାଏ । କେସ ପଞ୍ଜୀକରଣ ହେବାର ୨୧ ଦିନ ମଧ୍ୟରେ ଯଦି ଅନୁସନ୍ଧାନକାରୀ ଅଧିକାରୀ ଅନ୍ତିମ ଫର୍ଦ୍ଦ ଦାଖଲ ନକରନ୍ତି, ତେବେ ସ୍ୱୟଂକ୍ରିୟ ଭାବେ ଅନ୍ତିମ ଫର୍ଦ୍ଦ ନ୍ୟାୟାଳୟରେ ଦାଖଲ ହୋଇଥାଏ ।

୩୪. ରାସ୍ତା ଦୁର୍ଘଟଣା ତଥ୍ୟ ଏକକାଂଶ (Road Accident Case Documents Module): ରାସ୍ତାରେ ଯାନବାହାନ ଜନିତ ଦୁର୍ଘଟଣାରେ ଜଡିତଥିବା ବ୍ୟକ୍ତି ତଥା ବୀମା କ-ାନୀ ମାନଙ୍କୁ ଯଥାଶୀଘ୍ର ବୀମାର ସୁବନ୍ଦୋବସ୍ତ କରିବା ନିମନ୍ତେ ବୀମା ସମ୍ବନ୍ଧୀୟ ତଥ୍ୟ ପ୍ରଦାନ କରିବାରେ ଏହା ସହାୟକ ହୋଇଥାଏ ।

## ୧.୬. ରାଜ୍ୟ ଅଙ୍ଗୁଳିଛାପ ସଂସ୍ଥା, ଭୁବନେଶ୍ୱର

୧୯୩୬ ମସିହା ଅପ୍ରେଲ ପହିଲାରେ ଓଡିଶା ସ୍ୱତନ୍ତ୍ର ପ୍ରଦେଶ ଗଠିତ ହେବା ଦିନଠାରୁ "ଓଡିଶା ଅଙ୍ଗୁଳିଛାପ ସଂସ୍ଥା" ଗଠିତ ହୋଇଥିଲା ।

୩୨ଟି ଜିଲ୍ଲାରେ, ୨୦୦୨ ମସିହାରୁ ଜିଲ୍ଲା ଅଙ୍ଗୁଳିଛାପ ୟୁନିଟ୍‌ଗୁଡିକୁ କାର୍ଯ୍ୟକ୍ଷମ କରାଯାଇଛି । ଉନ୍ନତ ମାନର Automated Finger Print Identification System ସଫଟଓୟାର ରାଜ୍ୟ ଅପରାଧ ନଥି ସଂସ୍ଥା HCI Server ରେ ସ୍ଥାପନ କରାଯାଇଅଛି । ସମସ୍ତ ଆରକ୍ଷୀ ଜିଲ୍ଲା ଅଙ୍ଗୁଳିଛାପ ୟୁନିଟମାନଙ୍କୁ ଫିଙ୍ଗରପ୍ରିଣ୍ଟ ଲାଇଭ ସ୍କାନର ଯୋଗାଇଦିଆଯାଇ ଅପରାଧୀମାନଙ୍କର ଉନ୍ନତମାନର ଅଙ୍ଗୁଳିଛାପ ଏଫିସ୍ ଡାଟାବେସ (AFIS) ରେ ସଂରକ୍ଷଣ କରାଯାଉଛି । ୨୦୭ ଗୋଟି ଥାନାକୁ ସିଙ୍ଗଲ ଡିଜିଟି ଫିଙ୍ଗରପ୍ରିଣ୍ଟ ଲାଇଭ ସ୍କାନର (Single Digit Finger Print Live Scanner) ଅପରାଧୀମାନଙ୍କର ଅଙ୍ଗୁଳିଛାପ ତଥ୍ୟ ଏ ଏଫ ଆଇ ଏସ୍ ଡାଟାବେସ (AFIS Database) କୁ ସିଧାସଳଖ ପ୍ରେରଣ ପାଇଁ ଯୋଗାଇ ଦିଆଯାଇଅଛି ।

ଚଳିତ ବର୍ଷ ମୋଟ ୧୫,୨୯୯ ଜଣ ଗିରଫ ସନ୍ଦିଗ୍ଧ ଅପରାଧୀଙ୍କ ଅଙ୍ଗୁଳି ଛାପ ଏଫିସ୍ ମାଧ୍ୟମରେ ଯାଞ୍ଚ କରାଯାଇ ତଥ୍ୟବାଳୀ ଜିଲ୍ଲା ମାନଙ୍କୁ ଯୋଗାଇ ଦିଆଯାଇଛି ।

୨୦୨୦ ମସିହାରେ ୧୫ ଜଣ ଦଣ୍ଡିତ ଅପରାଧୀଙ୍କର ଅଙ୍ଗୁଳିଛାପ ନଥି ଫର୍ଦ୍ଦକୁ ପରୀକ୍ଷଣ ଓ ବର୍ଗୀକରଣ କରାଯାଇ ରାଜ୍ୟ ଅଙ୍ଗୁଳିଛାପ ସଂସ୍ଥାରେ ସଂରକ୍ଷଣ କରାଯାଇଅଛି ।

ମୋଟ ୨,୪୨,୦୧୨ ଜଣ ଗିରଫ ବ୍ୟକ୍ତି ଓ ଦଣ୍ଡିତ ଅପରାଧୀ ଏବଂ ୫,୮୬୭ ଟି ଅଜ୍ଞାତ ଅଙ୍ଗୁଳିଛାପ ନଥି ଫର୍ଦ୍ଦକୁ ଏଫିସ୍ ଡାଟାବେସ୍ (AFIS database) ରେ ସଂରକ୍ଷିତ କରାଯାଇଅଛି ।

୩୮ ଜଣ ଅଚିହ୍ନା ମୃତବ୍ୟକ୍ତି ଏବଂ ଅନ୍ୟ ରାଜ୍ୟରୁ ଆସିଥିବା ୨ ଜଣ ଦଣ୍ଡିତ ଅପରାଧୀମାନଙ୍କର ଅଙ୍ଗୁଳି ଛାପ ନଥିଫର୍ଦ୍ଦ ଏଫିସ୍ ଡାଟାବେସ୍ ଦ୍ୱାରା ତନଖି କରାଯାଇ ମତାମତ ପ୍ରଦାନ କରାଯାଇ ମତାମତ ପ୍ରଦାନ କରାଯାଇଅଛି ।

୧୫ ଜଣ ଦଣ୍ଡିତ ଅପରାଧୀଙ୍କର ଅଙ୍ଗୁଳିଛାପ ନଥିଫର୍ଦ୍ଦ ତନଖି କରାଯାଇ ଜାତୀୟ ଅପରାଧ ନଥିସଂସ୍ଥା, ନୂଆଦିଲ୍ଲୀକୁ ଯାଞ୍ଚ ଓ ପଞ୍ଜୀକରଣ ପାଇଁ ପଠାଯାଇଅଛି ।

୨୨୯ଟି ମାମଲାରେ (ଅପରାଧ ସ୍ଥଳରୁ ସଂଗୃହୀତ ଅଙ୍ଗୁଳିଛାପ ମାମଲା-୨୨୩, ସରକାରୀ ଦଲିଲରେ ଥିବା ବିବାଦୀୟ ଟିପଚିହ୍ନ ମାମଲା-୪ ଏବଂ ବିଚାରାଳୟରୁ ଆସିଥିବା ଦଲିଲରେ ବିବାଦୀୟ ଟିପଚିହ୍ନ ମାମଲା-୨) ଅଙ୍ଗୁଳିଛାପ ପରୀକ୍ଷା କରାଯାଇ ମତାମତ ପ୍ରଦାନ କରାଯାଇଥିଲା ।

ଏହିବର୍ଷ ୧୩୫ ଜଣ ଆରକ୍ଷୀ ଅଧିକାରୀ, ସାଇଣ୍ଟିଫିକ ଅଫିସର ଏବଂ ବିଚାର ବିଭାଗୀୟ ଅଧିକାରୀମାନଙ୍କୁ ଅଙ୍ଗୁଳିଛାପ ବିଜ୍ଞାନ ସମ୍ବନ୍ଧରେ ତାଲିମ ପ୍ରଦାନ କରାଯାଇଅଛି ।

**ସଫଳତା**

୧୫ ଟି ମାମଲାରେ ଅପରାଧ ସ୍ଥଳରୁ ମିଳିଥିବା ୫୭ଟି ଅଙ୍ଗୁଳିଛାପ ଗୁଡିକୁ ପରୀକ୍ଷା କରାଯାଇ ୨୦ ଜଣ ଅପରାଧୀଙ୍କର ନାମ ସଂପୃକ୍ତ ଜିଲ୍ଲା ଆରକ୍ଷୀ ଅଧିକାରୀଙ୍କୁ ଜଣାଇ ଦିଆଯାଇଥିଲା, ଯାହାକି ତଦନ୍ତକାରୀ ଅଧିକାରୀମାନଙ୍କୁ ତଦନ୍ତରେ ସାହାଯ୍ୟ କରିଥିଲା ।

୬ ଟି ମାମଲା (୪ଟି ସରକାରୀ ଓ ୨ଟି ଦେୱାନୀ)ରେ ଅଙ୍ଗୁଳିଛାପ ଜରିଆରେ ଅପରାଧୀଙ୍କୁ ଚିହ୍ନଟ କରାଯାଇ ଦୋଷୀ ସାବ୍ୟସ୍ତ କରାଯାଇପାରିଥିଲା ।

୩୮୪୭ ଦଣ୍ଡିତ ଓ ଗିରଫ ଅପରାଧୀମାନଙ୍କର ଅଙ୍ଗୁଳିଛାପ ଏ ଏଫ ଆଇ ଏସ (AFIS) ମାଧ୍ୟମରେ ପରୀକ୍ଷା କରାଯାଇ ସେମାନଙ୍କର ପୂର୍ବ ଅପରାଧ ସମ୍ବନ୍ଧୀୟ ତଥ୍ୟ ଜଣାଇ ଦିଆଯାଇଅଛି ।

**୧.୭ ହସ୍ତାକ୍ଷର ପରୀକ୍ଷାଗାର**

ଓଡିଶା ରାଜ୍ୟ ପୁଲିସ୍ ଦଣ୍ଡବିଧି ତଦନ୍ତ ବିଭାଗ, ଅପରାଧ ଶାଖା ଅଧୀନରେ ଥିବା ହସ୍ତାକ୍ଷର ପରୀକ୍ଷାଗାରରେ ଜାଲିଆତି, ଯୌତୁକଜନିତ ଅପରାଧ, ରାଜ୍ୟ ବିରୁଦ୍ଧରେ ଷଡଯନ୍ତ୍ର, ହତ୍ୟା, ଅର୍ଥ ତୋଷରପାତ, ଜାଲ ନୋଟ୍ କାରବାର ଇତ୍ୟାଦି ଅପରାଧ ସମ୍ବନ୍ଧୀୟ ଦଲିଲ୍ ପରୀକ୍ଷା କରାଯାଇ ବିଶେଷଜ୍ଞ ମାନଙ୍କର ମତ ପ୍ରଦାନ କରାଯାଏ । ଏତଦ୍‌ବ୍ୟତୀତ, ସରକାରୀ କର୍ମଚାରୀମାନଙ୍କ ବିରୁଦ୍ଧରେ କରାଯାଇଥିବା ବିଚାର ବିଭାଗୀୟ ପ୍ରୋସିଡିଙ୍ଗ୍‌ରେ ସଂପୃକ୍ତଥିବା ଦଲିଲମାନ ମଧ୍ୟ ପରୀକ୍ଷା କରାଯାଏ । ଏଥିସହ, ଏହି ପରୀକ୍ଷାଗାରରେ ନ୍ୟାୟାଳୟ ଓ ବିଭିନ୍ନ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଠାରୁ ଗ୍ରହଣ କରାଯାଇଥିବା ଦଲିଲମାନ ପରୀକ୍ଷା କରାଯାଇଥାଏ ।

ଏହି ପରୀକ୍ଷାଗାରରେ କାର୍ଯ୍ୟରତ ହସ୍ତାକ୍ଷର ବିଶେଷଜ୍ଞମାନେ  ପ୍ରୋବେସନାରୀ ଆରକ୍ଷୀ ଉପନିରୀକ୍ଷକ, କାରାଗାର କର୍ମଚାରୀ, ସର୍ବଭାରତୀୟ ଓ ରାଜ୍ୟସ୍ତରୀୟ ବୃତ୍ତିଗତ ଶିକ୍ଷାର୍ଥୀ, ବିଜୁ ପଟ୍ଟନାୟକ ରାଜ୍ୟ ଆରକ୍ଷୀ ଶିକ୍ଷାନୁଷ୍ଠାନର ଶିକ୍ଷାର୍ଥୀ, ଡାକ୍ତରୀ ଛାତ୍ର, ଛାତ୍ରୀ ତଥା ବିଭିନ୍ନ ବିଚାରାଳୟର ବିଚାରପତିମାନଙ୍କୁ ତାଲିମ ପ୍ରଦାନ  କରିଥାନ୍ତି  ।

୨୦୨୦ ମସିହାରେ ଏହି ପରୀକ୍ଷାଗାରରେ ସମୁଦାୟ ୧୨୪ ଟି ପୁଲିସ୍ ମାମଲା ସମ୍ବନ୍ଧିତ ୯,୨୨୩ ଏକ୍‌ଜିବିଟ୍ ଓ ୨୮ ଟି ଦୁର୍ନୀତି ନିବାରଣ ମାମଲାର ୩୯୧୫ ସଂଖ୍ୟକ ଏକ୍‌ଜିବିଟ ପରୀକ୍ଷା କରାଯାଇ ମତ ପ୍ରଦାନ କରାଯାଇଥିଲା  । ସେହିପରି ନ୍ୟାୟାଳୟ ଏବଂ ବିଭିନ୍ନ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଠାରୁ ମିଳିଥିବା ୭ ଟି ମାମଲାର ୨୭୩ ଏକ୍‌ଜିବିଟ ପରୀକ୍ଷା କରାଯାଇ ପରୀକ୍ଷା ଫିସ୍ ବାବଦକୁ ଟ ୫,୧୦୦ ଙ୍କା ଆଦାୟ କରାଯାଇ ସରକାରୀ ତହବିଲରେ ଜମା କରାଯାଇଅଛି  ।

**୧.୮   ଫଟୋ ସଂସ୍ଥା-**

୨୦୨୦ ମସିହାରେ ଉକ୍ତ ସଂସ୍ଥା ଦ୍ୱାରା ୩୨୮ ଟି ମାମଲାରେ ୧୦୮୮ ଟି ଅଙ୍ଗୁଳିଛାପ ଫଟୋ, ହସ୍ତାକ୍ଷର ବିଶେଷଜ୍ଞଙ୍କ ମତାମତ ପାଇଁ ୮୫ ଟି ମାମଲାରେ ୨୪୭୩ ଏକଜିବିଟ୍‌ସ ନେଗେଟିଭ ପ୍ରସ୍ତୁତି କରି ଆବଶ୍ୟକ ଫଟୋ ଚିତ୍ର ପ୍ରସ୍ତୁତ କରିବା ସହ ୪୭ଜଣ କର୍ମଚ୍ରାରୀଙ୍କ ପାଇଁ ପରିଚୟ ପତ୍ର ଏବଂ ଗଣ ମାଧ୍ୟମରେ ପ୍ରଚ୍ରାର ପାଇଁ  ନିରୁଦ୍ଦିଷ୍ଟ ବ୍ୟକ୍ତିମାନଙ୍କର ଫଟୋ କପି ପ୍ରସ୍ତୁତ କରାଯାଇଅଛି ।

ଉକ୍ତ ସଂସ୍ଥା ଅପରାଧସ୍ଥଳ, ଆଇନ ଶୃଙ୍ଖଳା ରକ୍ଷା କ୍ଷେତ୍ରରେ ୭୩ ଟି ଘଟଣାର  ଭିଡିଓ ଚିତ୍ର ଉତ୍ତୋଳନ କରିବା ସହ ବିଶିଷ୍ଟ ବ୍ୟକ୍ତିଙ୍କର ଗସ୍ତ ସମୟରେ ବିଭିନ୍ନ ଗଣ ମାଧ୍ୟମର ପ୍ରତିନିଧି ମାନଙ୍କର  ଯନ୍ତ୍ରପାତିଗୁଡିକ ଯାଞ୍ଚ କରିଥିଲେ  ।

**୧.୯   କେ-ନାଇନ୍ ସ୍କ୍ୱାଡ୍**

୧୯୬୧ ମସିହାଠାରୁ ଓଡିଶା ପୁଲିସ୍ ଶ୍ୱାନବାହିନୀ, ରାଜ୍ୟ ଅପରାଧ ତଦନ୍ତ ବିଭାଗ ଅଧିନରେ କାର୍ଯ୍ୟକରିଆସୁଅଛି  । ଏତଦ୍‌ବ୍ୟତୀତ ,ଶ୍ୱାନ ବାହିନୀ ୨୪ ଟି ଜିଲ୍ଲାରେ କାର୍ଯ୍ୟ କରୁଅଛି  । ରାଜ୍ୟ ଶ୍ୱାନବାହିନୀରେ  ନିମ୍ନ ପ୍ରକାରର ତାଲିମପ୍ରାପ୍ତ ଶ୍ୱାନ ଅଛନ୍ତି (କ) ଟ୍ରାକିଙ୍ଗ୍

ଶ୍ୱାନ, (ଖ) ବିସ୍ଫୋରକ ସାମଗ୍ରୀ ଅନୁସନ୍ଧାନକାରୀ ଶ୍ୱାନ , (ଗ) ମାଦକ ଦ୍ରବ୍ୟ ଅନୁସନ୍ଧାନକାରୀ ଶ୍ୱାନ ଓ (ଘ) ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଅନୁସନ୍ଧାନ ଓ ସାହାଯ୍ୟକାରୀ ଶ୍ୱାନ । ୨୦୨୦ ମସିହାରେ ଟ୍ରାକିଙ୍ଗ୍ ଶ୍ୱାନମାନେ ୬୬୦ ଗୋଟି ମାମଲାର ତଦନ୍ତରେ ସାହାଯ୍ୟ ପାଇଁ ନିୟୋଜିତ ହୋଇଥିଲେ, ତନ୍ମଧ୍ୟରୁ ୨୪୭ ଟି ମାମଲାରେ ଅନୁସନ୍ଧାନର ସୂତ୍ର ବାହାରିଥିଲା । ୫୬ ଟି ମାମଲାରେ ଶ୍ୱାନମାନଙ୍କ ପ୍ରଶଂସନୀୟ କାର୍ଯ୍ୟ ଯୋଗୁଁ ଅପରାଧୀମାନେ ଗିରଫ ହେବା ସହ ଚୋରି ସାମଗ୍ରୀ ଉଦ୍ଧାର କରାଯାଇଥିଲା । ଏତଦ୍‌ବ୍ୟତୀତ, ବିସ୍ଫୋରକ ଅନୁସନ୍ଧାନକାରୀ ଶ୍ୱାନମାନେ ୧୨୮୭ ଗୋଟି ଘଟଣା ଯଥା- ଅତି ବିଶିଷ୍ଟ ବ୍ୟକ୍ତିମାନଙ୍କ ଗସ୍ତ, ଆଇନ୍ ଶୃଙ୍ଖଳା ପରିସ୍ଥିତି ଏବଂ ନକ୍ସଲ ଦମନ ସମୟରେ ରାଜ୍ୟରେ ନିୟୋଜିତ ହୋଇଥିଲେ ।

**୧.୧୦ ବେତାର ବିଭାଗ:**

ପୋଲିସ ପ୍ରଶାସନ ତଥ୍ୟ ପରିବେଷଣ ଆବଶ୍ୟକତା ଦୃଷ୍ଟିରୁ ୧୯୪୬ ମସିହାରେ ଆମ ରାଜ୍ୟର ୬ ଗୋଟି ଜିଲ୍ଲା ସଦର ମହକୁମାକୁ ନେଇ ଓଡିଶା ବେତାର ସଂସ୍ଥା ସ୍ଥାପନ କରାଯାଇଥିଲା ।

ସଂ୍‌ତି ସମଗ୍ର ରାଜ୍ୟରେ ୭୪ ଗୋଟି ବେତାର କେନ୍ଦ୍ର, ୨୪୭୧ ଗୋଟି ଉପଗ୍ରହ ମାଧ୍ୟମରେ ଯୋଗାଯୋଗ କେନ୍ଦ୍ର, ୪୫ ଗୋଟି ଡାଟା କମ୍ୟୁନିକେସନ୍ କେନ୍ଦ୍ର, ୨୧ ଗୋଟି ଗୁପ୍ତ ଭାଷା କେନ୍ଦ୍ର ଏବଂ ୧୧ ଗୋଟି ରିପିଟିର ଭି.ଏଚ୍.ଏଫ. କେନ୍ଦ୍ର କାର୍ଯ୍ୟରତ ।

ରାଜ୍ୟରେ ଆଇନ ଶୃଙ୍ଖଳା ରକ୍ଷା ଓ ମାଓବାଦୀ କାର୍ଯ୍ୟକଳାପ ପ୍ରତିହତ କରିବାପାଇଁ ୨୦୨୦ ମସିହାରେ ୧୭୬ ଗୋଟି ସ୍ଥାୟୀ ହସ୍ତବାହୀ ଭି.ଏଚ୍.ଏଫ. ଯନ୍ତ୍ର ରାଜ୍ୟର ବିଭିନ୍ନ ପଦସ୍ଥ ପୁଲିସ ଅଫିସରମାନଙ୍କୁ ପ୍ରଦାନ କରାଯାଇଅଛି । ପୁଲିସ ଯୋଗାଯୋଗ ବ୍ୟବସ୍ଥାକୁ ସୁଦୃଢ କରିବା ପାଇଁ ୬୨ ଗୋଟି ନୂତନ ଭି.ଏଚ୍.ଏଫ. କେନ୍ଦ୍ର ସ୍ଥାୟୀ ଭାବେ ସ୍ଥାପନ କରାଯିବା ସହିତ ରାଜ୍ୟର ବିଭିନ୍ନ ଥାନା ମାନଙ୍କରେ ଥିବା ଗାଡି ଏବଂ ପୁଲିସ୍ କଣ୍ଟ୍ରୋଲ ରୁମ୍ ଗାଡି ଗୁଡିକରେ ୪୩ ଟି ଭ୍ରାମ୍ୟମାଣ ଭି.ଏଚ୍.ଏଫ୍. ଯନ୍ତ୍ର ସ୍ଥାୟୀ ଭାବେ ଖଞ୍ଜା ଯାଇଅଛି । ବନ୍ୟା ପ୍ରପୀଡିତ ଅଞ୍ଚଳରେ ଯୋଗାଯୋଗ ରକ୍ଷା ନିମନ୍ତେ ୨୦୨୦ ରେ ୧୬ ଗୋଟି ଭି.ଏଚ୍.ଏଫ୍. କେନ୍ଦ୍ର ସ୍ଥାପନ କରାଯାଇଥିଲା । ଏତଦ୍‌ବ୍ୟତୀତ, ପର୍ବ ପର୍ବାଣୀ, ବିଶିଷ୍ଟ/ଅତି ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କ ଗସ୍ତ

ସମୟରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ  ପର୍ଯ୍ୟାୟକ୍ରମେ ୫୯୩୧ ଗୋଟି ସ୍ଥିର/ଭ୍ରାମ୍ୟମାଣ ଭି.ଏଚ୍.ଏଫ୍. ଏବଂ ୮୦୦୧ ଗୋଟି ହସ୍ତବାହୀ ବେତାର ଯନ୍ତ୍ର ଅସ୍ଥାୟୀ ଭାବେ ନିୟୋଜିତ ହୋଇଥିଲା  ।

ସ‑୍ରତି ରାଜ୍ୟର ୨ ଟି ପାରାକେନ୍ଦ୍ର ଯଥା- କେନ୍ଦ୍ରୀୟ ଅଭିଜନନ କେନ୍ଦ୍ର, କଟକ ଓ ପୁଲିସ୍ ତାଲିମ କେନ୍ଦ୍ର, ଅନୁଗୁଳ ଠାରେ ୧୫୦ ଗୋଟି ପାରା  ଅଛନ୍ତି  । ଏହି ପାରାଗୁଡିକୁ ରାଜ୍ୟସ୍ତରୀୟ ଉତ୍ସବ ଓ ଆନୁଷ୍ଠାନିକ ପ୍ୟାରେଡରେ ଶାନ୍ତି ଓ   ମୈତ୍ରୀ ର ବାର୍ତ୍ତା ପ୍ରସାର ପାଇଁ ନିୟୋଜିତ କରାଯାଇଥାଏ  ।  ଏହି ପାରାଗୁଡିକୁ ୨୫ ଟି ରାଜ୍ୟସ୍ତରୀୟ  ଉତ୍ସବରେ  ଉଡାଣ କରାଯାଇଥିଲା  ।

## ୧.୧୧ ପୁଲିସ୍ ମୋଟର ପରିବହନ

ପୁଲିସ୍ ମୋଟର ପରିବହନ ସଦର କାର୍ଯ୍ୟାଳୟ କଟକ ଠାରେ ଅବସ୍ଥିତ । ଏତଦ୍‌ବ୍ୟତୀତ, ସମ୍ବଲପୁର, ବ୍ରହ୍ମପୁରଠାରେ ଦୁଇଟି ରେଞ୍ଜ୍ କର୍ମଶାଳା ଏବଂ ରାଉରକେଲା ଓ କୋରାପୁଟ ଠାରେ ଦୁଇଟି ଆଞ୍ଚଳିକ କର୍ମଶାଳା ତଥା ଜିଲ୍ଲା ଓ ବାଟାଲିୟନ ସ୍ତରରେ ୧୮ ଗୋଟି କ୍ଷୁଦ୍ର କର୍ମଶାଳା ଅଛି  ।

୨୦୨୦ ମସିହାରେ ପୁଲିସ୍ ମୋଟର ପରିବହନର ବିଭିନ୍ନ କର୍ମଶାଳା ମାନଙ୍କରେ ୨୯,୭୦୧ ଟି ବଡ ଧରଣର ଓ ୬୭,୩୯୩ ଟି ଛୋଟ ଧରଣର ମରାମତି କାର୍ଯ୍ୟ କରାଯାଇଥିଲା  ।

୨୦୨୦ ମସିହାରେ ୭୭୨ ଟି ବିଭିନ୍ନ କିସମର ଗାଡିକୁ ଅକାମୀ କରାଯାଇଅଛି  ଏବଂ ସେଗୁଡିକର ନିଲାମ ପାଇଁ ବ୍ୟବସ୍ଥା କରାଯାଇଅଛି  ।

୨୦୨୦ ମସିହାରେ ଗାଡି ଚାଳନା ଓ ରକ୍ଷଣାବେକ୍ଷଣ ନିମନ୍ତେ  ୨୪ ଜଣ ସର୍ଜେଣ୍ଟ, ୯ ଜଣ ଉପଆରକ୍ଷୀ ଅଧୀକ୍ଷକ , ୧୦୩ ଜଣ ଡ୍ରାଇଭରଙ୍କୁ ତାଲିମ ପ୍ରଦାନ କରାଯାଇଥିଲା  ।

## ୧.୧୨ ରାଜ୍ୟ ମାନବାଧିକାର ସୁରକ୍ଷା ପ୍ରକୋଷ୍ଠ

ରାଜ୍ୟ ମାନବାଧିକାର ସୁରକ୍ଷା ପ୍ରକୋଷ୍ଠରେ ଯୌତୁକ/ଅଣଯୌତୁକ ନିର୍ଯାତନା, ତଫସିଲଭୁକ୍ତ ଜାତି/ତଫସିଲଭୁକ୍ତ ଉପଜାତି ମାନଙ୍କଉପରେ ହେଉଥିବା ଅତ୍ୟାଚାର ସ‑ର୍କିତ

ମୋକଦ୍ଦମା ଗୁଡିକର ତଦାରଖ ତଥା ଆବଶ୍ୟକ ସ୍ଥଳେ ଏଗୁଡିକର ତଦନ୍ତ ଦାୟିତ୍ୱ ଗ୍ରହଣ କରାଯିବା ସଙ୍ଗେ ସଙ୍ଗେ ରାଜ୍ୟରେ ଘଟୁଥିବା ହାଜତ ମୃତ୍ୟୁ ମାମଲାର ତଦାରଖ ଓ ତଦନ୍ତ ଦାୟିତ୍ୱ ଗ୍ରହଣ କରାଯାଇଥାଏ । ଏହି ପ୍ରକୋଷ୍ଠ ଜାତୀୟ ମାନବାଧିକାର ଆୟୋଗ, ରାଜ୍ୟ ମାନବାଧିକାର ଆୟୋଗ, ଜାତୀୟ ମହିଳା କମିଶନ, ରାଜ୍ୟ ମହିଳା କମିଶନ ଓ ଜାତୀୟ ଅନୁସୂଚିତ ଜାତି/ଜନଜାତି ଆୟୋଗଙ୍କର ସମନ୍ୱୟ ରକ୍ଷାକାରୀ ବିଭାଗ (ନୋଡାଲ ଏଜେନ୍ସି) ରୂପେ କାର୍ଯ୍ୟକରେ ଏବଂ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ବିଭିନ୍ନ ପ୍ରତିଷ୍ଠାନରୁ ଉତ୍ତର ତଥା ଅନୁସନ୍ଧାନ ରିପୋର୍ଟ ସଂଗ୍ରହକରି ଉପରୋକ୍ତ ଆୟୋଗମାନଙ୍କୁ ପଠାଇଥାଏ। ଏହା ବ୍ୟତୀତ, ଏହି କାର୍ଯ୍ୟାଳୟରେ ଏକ ଅଭିଯୋଗ ପ୍ରକୋଷ୍ଠ ପରିଚାଳିତ ହେଉଅଛି, ଯେଉଁଠାରେ ଜନସାଧାରଣ ଜିଲ୍ଲା ପୁଲିସ୍‌ର ନିଷ୍କ୍ରିୟତା କିମ୍ବା ଅନ୍ୟ କୌଣସି କାରଣରୁ ଅଭିଯୋଗ କଲେ ଆବଶ୍ୟକ ସ୍ଥଳେ ସେମାନଙ୍କ ଅଭିଯୋଗ ଗୁଡିକର ଅନୁସନ୍ଧାନ ଏବଂ ତଦନ୍ତ କରାଯାଏ କିମ୍ବା ଜିଲ୍ଲା ଆରକ୍ଷୀ ଅଧିକ୍ଷକ ମାନଙ୍କୁ ସମୁଚିତ ପଦକ୍ଷେପ ନେବା ଲାଗି ନିର୍ଦ୍ଦେଶ ଦିଆଯାଇ ସେଗୁଡିକର ତଦାରଖ କରାଯାଏ । ରାଜ୍ୟର ସମସ୍ତ ଜିଲ୍ଲା ସଦର ମହକୁମାରେ ଗଠିତ ଜିଲ୍ଲା ସ୍ତରୀୟ ମାନବାଧିକାର ସୁରକ୍ଷା ପ୍ରକୋଷ୍ଠର ପରିଚାଳନା ନିମନ୍ତେ ଆବଶ୍ୟକୀୟ ନିର୍ଦ୍ଦେଶନାମା ଉକ୍ତ କାର୍ଯ୍ୟାଳୟରୁ ପଠାଯାଇଥାଏ । ରାଜ୍ୟ ସରକାରଙ୍କ ସମାଜ ମଙ୍ଗଳ ବୋର୍ଡ ଦ୍ୱାରା ନିଯୁକ୍ତି ପାଇଥିବା ବୃତ୍ତି ଭିତ୍ତିକ ପରାମର୍ଶଦାତ୍ରୀମାନଙ୍କୁ ନେଇ ଏକ ପରିବାର ପରାମର୍ଶ କେନ୍ଦ୍ର ମଧ୍ୟ ଏହି କାର୍ଯ୍ୟାଳୟରେ ଖୋଲାଯାଇଛି । ଏହି କେନ୍ଦ୍ର ଦ୍ୱାରା ପାରିବାରିକ ମନୋମାଳିନ୍ୟ ଓ ଦା- ତ୍ୟ କଳହ ଗୁଡିକର ଆପୋଷ ମିଳାମିଶା କରାଯାଇଥାଏ । ଏହାଛଡା ପ୍ରତ୍ୟେକ ଥାନାରେ ମହିଳା ଓ ଶିଶୁ ଡେସ୍କର କାର୍ଯ୍ୟକାରିତା ଏବଂ ଥାନା ଅଫିସରମାନଙ୍କ ତାଲିମ କାର୍ଯ୍ୟକ୍ରମ ପରିଚାଳନା କରାଯାଇଥାଏ । ୨୦୨୦ ମସିହାରେ ଉକ୍ତ ପରିବାର ପରାମର୍ଶ କେନ୍ଦ୍ରରେ ୧୫୧ ଟି ଅଭିଯୋଗ ପ୍ରାପ୍ତ ହୋଇଥିଲା । ତନ୍ମଧ୍ୟରୁ ୧୧୨ ଟି ଅଭିଯୋଗର ସମାଧାନ ହୋଇସାରିଛି ଏବଂ ଅବଶିଷ୍ଟ ୩୯ ଟି ଅଭିଯୋଗରେ ଉଭୟ ପକ୍ଷ ମଧ୍ୟରେ ସମାଧାନ ପ୍ରକ୍ରିୟା ଚାଲୁରହିଛି ।

ତଫସିଲଭୁକ୍ତ ଜାତି ଓ ତଫସିଲଭୁକ୍ତ ଉପଜାତିଙ୍କ ଉପରେ ୨୦୨୦ ମସିହାରେ ରୁଜୁ ହୋଇଥିବା ସର୍ବମୋଟ ୨୬୭୦ ଟି ମାମଲା ମଧ୍ୟରୁ ୧୬୧୩ ଟି ମାମଲା  ସମାଧାନ ହୋଇସାରିଛି ଏବଂ ଅବଶିଷ୍ଟ ୧୦୫୭ଟି ମାମଲା ତଦନ୍ତାଧୀନ ଅଛି ।

୨୦୨୦ ମସିହାରେ ଅଭିଯୋଗ ପ୍ରକୋଷ୍ଠରେ ୩୧୪ ଟି ତଫସିଲଭୁକ୍ତ ଜାତି ଓ ତଫସିଲଭୁକ୍ତ ଉପଜାତି ମାନଙ୍କ ଉପରେ ହୋଇଥିବା ଅତ୍ୟାଚାର ସମ୍ବନ୍ଧୀୟ  ଅଭିଯୋଗ ମିଳିଥିଲା । ତନ୍ମଧ୍ୟରୁ ୧୧୭ ଟି ଅଭିଯୋଗ ସମାଧାନ ହୋଇଥିବା ସ୍ଥଳେ ଅବଶିଷ୍ଟ ୧୯୭ ଟି ଅଭିଯୋଗ ବିଭିନ୍ନ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ନିକଟକୁ କାର୍ଯ୍ୟାନୁଷ୍ଠାନ ନିମିତ୍ତ ପ୍ରେରଣ ।ଯାଇଛି  ।

୨୦୨୦ ମସିହାରେ ଜାତୀୟ ମାନବାଧିକାର ଆୟୋଗ, ନୂଆଦିଲ୍ଲୀଙ୍କ ଠାରୁ ୧୯୬ଟି ଅଭିଯୋଗ ଏହି ପ୍ରତିଷ୍ଠାନକୁ ଅନୁସନ୍ଧାନ ପାଇଁ ଆସିଥିଲା  । ତନ୍ମଧ୍ୟରୁ ୧୭୩ଟି ଅଭିଯୋଗ ସମାଧାନ ହୋଇଥିବା ସ୍ଥଳେ ଅବଶିଷ୍ଟ ୨୩ ଟି ଅଭିଯୋଗ ବିଭିନ୍ନ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ନିକଟରେ ଅନୁସନ୍ଧାନ ନିମିତ୍ତ ରହିଛି  ।

୨୦୨୦ ମସିହାରେ ୯୬ଟି ଅଭିଯୋଗ ରାଜ୍ୟ ମାନବାଧିକାର ଆୟୋଗ, ଭୁବନେଶ୍ୱରଙ୍କ ଠାରୁ ପ୍ରାପ୍ତ   ହୋଇଥିଲା  । ତନ୍ମଧ୍ୟରୁ ୮୧ ଟି ଅଭିଯୋଗ ସମାଧାନ ହୋଇଥିବା ସ୍ଥଳେ ଅବଶିଷ୍ଟ ୧୫ ଟି ଅଭିଯୋଗ ତଦନ୍ତାଧୀନ ଅଛି  ।

## ୧.୧୩  କର୍ମଚାରୀଙ୍କ ପଦୋନ୍ନତୀ ସମ୍ବନ୍ଧୀୟ ତଥ୍ୟ

ବିଗତ ୨୦୨୦ ମସିହାରେ  ସରକାରଙ୍କ ପଦୋନ୍ନତ୍ତୀ ନିୟମକୁ ଦୃଷ୍ଟିରେ ରଖି  ପୋଲିସ୍ ବିଭାଗର ସମସ୍ତ ପଦପଦବୀର ପଦୋନ୍ନତୀ ପାଇଁ ପଦକ୍ଷେପ ଗ୍ରହଣ କରାଯାଇ ନିମ୍ନଲିଖିତ ପଦୋନ୍ନତୀ ଦିଆଯାଇଅଛି  ।

(୧) ଓଡିଶା ପୋଲିସରେ ଏ.ଏସ.ଆଇ. ପ୍ରଶିକ୍ଷଣ କୋର୍ସର ଚୟନ ପାଇଁ ଏକ ଲିଖିତ ପରୀକ୍ଷା କରାଯାଇଥିଲା  । ତଦନୁଯାଇ ସି.ଏସ.ବି. କରାଯାଇ  ୧୦୯୨ ଜଣ ପ୍ରାର୍ଥୀଙ୍କୁ ଏ.ଏସ.ଆଇ. ପ୍ରଶିକ୍ଷଣ କୋର୍ସ  ନିମନ୍ତେ ଚୟନ  କରାଯାଇଅଛି  ।

(୨) ବେତାର ବିଭାଗର ୯୦ ଜଣ ଏ.ଏସ୍.ଆଇ. (କମ୍ୟୁନିକେସନ)ମାନଙ୍କୁ ଏସ.ଆଇ. (କମ୍ୟୁନିକେସନ)ଭାବେ ପଦୋନ୍ନତି ଦିଆଯାଇଅଛି  ।

(୩) ୧୨୬ କନେଷ୍ଟବଳ ମାନଙ୍କୁ ଏ.ଏସ.ଆଇ. ଭାବେ ପଦୋନ୍ନତି ଦିଆଯାଇଅଛି ।

(୪) ୪୩ ଜଣ ଏ.ଏସ.ଆଇ. ମାନଙ୍କୁ ଏସ.ଆଇ. ଭାବେ ପଦୋନ୍ନତି ଦିଆଯାଇଅଛି ।

(୫) ୧୪ ଜଣ ହାବିଲ୍‌ଦାର ମେଜର ମାନଙ୍କୁ ଡେପୁଟି ସୁବେଦାର ଭାବେ ପଦୋନ୍ନତି ଦିଆଯାଇଅଛି ।

(୬) ୩୭ ଜଣ ହାବିଲ୍‌ଦାର ମେଜର ମାନଙ୍କୁ ଡ୍ରିଲ୍ ଏସ.ଆଇ. ଭାବେ ପଦୋନ୍ନତି ଦିଆଯାଇଅଛି ।

(୭) ୧୭ ଜଣ ଏ.ଏସ.ଆଇ.(ମେକାନିକ୍) ମାନଙ୍କୁ ଏସ.ଆଇ.(ମେକାନିକ୍) ଭାବେ ପଦୋନ୍ନତି ଦିଆଯାଇଅଛି ।

(୮) ୮୮ ଜଣ ହାବିଲ୍‌ଦାର ମାନଙ୍କୁ ହାବିଲ୍‌ଦାର ମେଜର ଭାବେ ପଦୋନ୍ନତି ଦିଆଯାଇଅଛି ।

(୯) ୨୩ ଜଣ (ଓ.ଏସ.ଏ.ପି. ବାଟାଲିୟନ, ଆଇ.ଆର. ବାଟାଲିୟନ ଓ ଏସ.ଏସ. ବାଟାଲିୟନ) ହାବିଲ୍‌ଦାର ମାନଙ୍କୁ ହାବିଲଦାର ମେଜର ଭାବେ ପଦୋନ୍ନତି ଦିଆଯାଇଅଛି ।

(୧୦) ୧୨ ଜଣ ହେଲପର କନେଷ୍ଟବଳ ମାନଙ୍କୁ ଏ.ଏସ୍.ଆଇ. (ପି.ଏମ.ଟି.) ଭାବେ ପଦୋନ୍ନତି ଦିଆଯାଇଅଛି ।

(୧୧) ୯୬ ଜଣ ପି.ଏମ.ଟି. ବିଭାଗର ଡ୍ରାଇଭର ମାନଙ୍କୁ ଡ୍ରାଇଭର ହାବିଲ୍‌ଦାର ଭାବେ ପଦୋନ୍ନତି ଦିଆଯାଇଅଛି ।

(୧୨) ୧୭ ଜଣ ଡି.ଜି.ପି.ଓ. କ୍ୟାଡରର ସହାୟକ ଉପବିଭାଗୀୟ ଅଧିକାରୀ ମାନଙ୍କୁ ଉପବିଭାଗୀୟ ଅଧିକାରୀ ଭାବେ ପଦୋନ୍ନତି ଦିଆଯାଇଅଛି ।

(୧୩) ୧୨ ଜଣ ଡି.ପି.ଓ. କ୍ୟାଡରର ବରିଷ୍ଠ କିରାଣୀ ମାନଙ୍କୁ ମୁଖ୍ୟ କିରାଣୀ ଭାବେ ପଦୋନ୍ନତି ଦିଆଯାଇଅଛି ।

(୧୪) ୩୫ ଜଣ ଡି.ପି.ଓ. କ୍ୟାଡରର କନିଷ୍ଠ କିରାଣୀ ମାନଙ୍କୁ ବରିଷ୍ଠ କିରାଣୀ ଭାବେ ପଦୋନ୍ନତି ଦିଆଯାଇଅଛି ।

# ଦ୍ୱିତୀୟ ଅଧ୍ୟାୟ

## ୨. ତାଲିମ ଓ ମାନବ ସମ୍ବଳ

୨.୧ ରାଜ୍ୟରେ ପୁଲିସ୍ ଅଧିକାରୀ ଓ କର୍ମଚାରୀମାନଙ୍କ ତାଲିମ ନିମନ୍ତେ ନିମ୍ନଲିଖିତ ତାଲିମ ଅନୁଷ୍ଠାନମାନ କାର୍ଯ୍ୟ କରୁଅଛି ।

୧. ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ ଏକାଡେମୀ, ଭୁବନେଶ୍ୱର ।

୨. ପୁଲିସ୍ ଟ୍ରେନିଂ କଲେଜ, ଅନୁଗୁଳ ।

୩. ପୁଲିସ୍ ଟ୍ରେନିଂ ସ୍କୁଲ, ନୟାଗଡ ।

୪. ସହରାଞ୍ଚଳ ପୁଲିସ୍ ଓ ଯାତାୟତ ତାଲିମ ପ୍ରଶିକ୍ଷଣ କେନ୍ଦ୍ର, ଭୁବନେଶ୍ୱର ।

୫. ଓଡିଶା ସଶସ୍ତ୍ର ପୁଲିସ୍ ବାହିନୀ ଟ୍ରେନିଂ ସେଣ୍ଟର, ଝାରସୁଗୁଡା ।

୬. ସ୍ୱତନ୍ତ୍ର ଅପରେସନ ଗ୍ରୁପ୍ ତାଲିମ କେନ୍ଦ୍ର,ଚନ୍ଦକା,ଭୁବନେଶ୍ୱର ।

୭. ପୁଲିସ୍ ତାଲିମ କେନ୍ଦ୍ର, ବୈରୀ ।

୮.ରେଞ୍ଜ ପୁଲିସ୍ ତାଲିମ ସ୍କୁଲ, କୋରାପୁଟ ।

୯. ମୌଳିକ ତାଲିମ କେନ୍ଦ୍ର, ବୁର୍ଲା ।

### ୨.୨ କାରାଗାର କର୍ମଚାରୀଙ୍କ ତାଲିମ :-

- ବୈଷୟୀକ ତାଲିମ ଏବଂ ପୁନଃ ନବୀକରଣ ପାଠ୍ୟକ୍ରମ ପ୍ରଶିକ୍ଷଣ କାରାଗାର କର୍ମଚାରୀଙ୍କ ନିମନ୍ତେ ପର୍ଯ୍ୟାୟକ୍ରମେ ଦିଆଯାଉଅଛି ।
- ୭୨ ଜଣ ଜେଲ ଅଫିସର ମାନଙ୍କୁ ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ ଏକାଡେମୀ ଠାରେ (positive attitude towards women prisoners) ବିଷୟ ବସ୍ତୁ ଉପରେ ତାଲିମ ପ୍ରଦାନ କରାଯାଇ ଅଛି
- ୨୬ ଜଣ କାରାଗାର ଅଧିକାରୀ ଜୟପୁର ଠାରେ ଥିବା କେନ୍ଦ୍ରୀୟ ପୋଲିସ ପଶିକ୍ଷଣ ଏକାଡେମୀ ଓ ଭେଲୋର ଠାରେଥିବା କାରାଗାର ଏକାଡେମୀ ଅଫ୍ କରେକ୍ସନାଲ ଆଡ୍ମିନ୍ଷ୍ଟ୍ରେସନକୁ ପଠାଯାଇ ବିଭିନ୍ନ ପ୍ରକାର ଶିକ୍ଷା ଯଥା- ପ୍ରଯୁକ୍ତି ବିଜ୍ଞାନ, କାରାଗର ତତ୍ତ୍ୱାବଧାନ ଓ କାରାଗାର ସୁରକ୍ଷା ବିଷୟରେ ତାଲିମ ପ୍ରଦାନ କରାଯାଇଅଛି ।

## ୨.୩ ଓଡିଶା ସଚିବାଳୟ ପ୍ରଶିକ୍ଷଣ ଅନୁଷ୍ଠାନ, ଭୁବନେଶ୍ୱର

ସାଧାରଣ ପ୍ରଶାନକୁ ସଶକ୍ତିକରଣ ଓ ଅଧିକ ଲୋକାଭିମୁଖୀ କରିବା ସକାଶେ ସଚିବାଳୟର ପ୍ରଶାସନ ବ୍ୟବସ୍ଥାର ସୂଚନା ପ୍ରଯୁକ୍ତି ଓ ତତ୍ ସଂକ୍ରାନ୍ତୀୟ ସେବା ପ୍ରୟୋଗ ପରି ସରକାରୀ କାର୍ଯ୍ୟକ୍ରମରେ ବହୁ ଢାଞ୍ଚାଗତ ପରିବର୍ତ୍ତନ ହୋଇଅଛି । ଏହି ପରିବର୍ତ୍ତନକୁ ଦୃଷ୍ଟିରେ ରଖି ତଥା ନୂତନ ଢାଞ୍ଚା ସହ ତାଳଦେବା ସକାଶେ ତଦାନୀନ୍ତନ ସଚିବାଳୟ ସହାୟକ ମାନଙ୍କର କାର୍ଯ୍ୟଦକ୍ଷତା ବୃଦ୍ଧି କରିବା ନିତ୍ୟାନ୍ତ ଭାବେ ଅନୁଭୂତ ହେବାରୁ ରାଜ୍ୟ ସରକାର ମିନିଷ୍ଟେରିଆଲ ସେବା କାଡ଼ର ଅନ୍ତର୍ଗତ ସଚିବାଳୟ କନିଷ୍ଠ ଓ ବରିଷ୍ଠ ସହାୟକ ପଦବୀକୁ ପୁନଃବିନ୍ୟାସ କରିବା ପୂର୍ବକ ସହକାରୀ ଉପବିଭାଗ ଅଧିକାରୀ ପଦବୀ ସୃଷ୍ଟି କରିଛନ୍ତି ।

ଏଣୁ ସାଧାରଣ ପ୍ରଶାସନ ବ୍ୟବସ୍ଥାରେ ହୋଇଥିବା ବିକାଶ ସହିତ ଖାପ ଖୁଆଇବା ପାଇଁ ତଥା ସଚିବାଳୟ ସେବା କାଡ଼ର ଅଧିକାରୀ ମାନଙ୍କ ପ୍ରଶିକ୍ଷଣ ମାନ ବୃଦ୍ଧି କରିବା ସକାଶେ ରାଜ୍ୟ ସରକାର ଗୃହ ବିଭାଗ ସଂକଳ୍ପ ସଂଖ୍ୟା ୨୧୬୪୭, ତା ୩୦.୦୫.୨୦୧୯ ରିଖ ରେ ଏକ ନୂତନ ସଂଶୋଧିତ ପ୍ରଶିକ୍ଷଣ ଯୋଜନା ପ୍ରଣୟନ କରିଅଛନ୍ତି । ଏହି ନୂତନ ସଂଶୋଧିତ ପ୍ରଶିକ୍ଷଣ ଯୋଜନା ଅନୁଯାୟୀ ଓଡ଼ିଶା ସଚିବାଳୟ ପ୍ରଶିକ୍ଷଣ ଅନୁଷ୍ଠାନ ଅଧୂନା ନିମ୍ନ ତିନି ପ୍ରକାର ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରୁଛନ୍ତି ଯଥା (କ) ନୂତନ ଭାବେ ନିଯୁକ୍ତି ପାଉଥିବା ଓ ଇଂଡକ୍ସନ ପ୍ରଶିକ୍ଷଣ, (ଖ) ସହକାରୀ ଉପବିଭାଗ ଅଧିକାରୀ / ଉପବିଭାଗ ଅଧିକାରୀ /ଡେକ୍ସ ଅଧିକାରୀ ମାନଙ୍କ ପାଇଁ ଉଦ୍ଦିଷ୍ଟ ରିଫ୍ରେଶର ପ୍ରଶିକ୍ଷଣ, ଓ (ଗ) ପେନସନ, ଆର୍ଥିକ ନିୟମାବଳୀ ତଥା ନିଯୁକ୍ତି ସଂକ୍ରାନ୍ତୀୟ ନିର୍ଦ୍ଦିଷ୍ଟ ବିଷୟରେ ଓରିଏଣ୍ଟସନ ପ୍ରଶିକ୍ଷଣ ।

ଇତିମଧ୍ୟରେ ଏହି ପ୍ରଶିକ୍ଷଣ ଅନୁଷ୍ଠାନ (ତା ୦୪.୦୨.୨୦୧୭ ରିଖ) ପୁନଃଗଠନ ହେବା ପରଠାରୁ ୧୨ ଗୋଟି ପର୍ଯ୍ୟାୟରେ ୧୦୦୮ ଜଣ ସହକାରୀ ଉପବିଭାଗ ଅଧିକାରୀ ମାନଙ୍କୁ ପ୍ରଶିକ୍ଷଣ ଦେଇସାରିଛନ୍ତି । ଦ୍ୱାଦଶ ବ୍ୟାଚରେ ୬୮ ଜଣ ଉପ ବିଭାଗ ଅଧିକାରୀଙ୍କର ପ୍ରଶିକ୍ଷଣ ତା ୧୦. ୧୨.୨୦୧୯ ରିଖ ରୁ ଆରମ୍ଭ ହୋଇ ସମ୍ପୂର୍ଣ୍ଣ ହୋଇଅଛି । ବର୍ତ୍ତମାନ ସମୟରେ କୋଭିଡ-୧୯ ପାଇଁ ପ୍ରଶିକ୍ଷଣ ସ୍ଥଗିତ ରହିଅଛି ।

## ୨.୪ ଓଡ଼ିଶା କ୍ଷିପ୍ରଲିପି ଓ ମୁଦ୍ରଲିପି ଶିକ୍ଷାନୁଷ୍ଠାନ, ଭୁବନେଶ୍ୱର

ଓଡ଼ିଶା କ୍ଷିପ୍ରଲିପି ଓ ମୁଦ୍ରଲିପି ଶିକ୍ଷାନୁଷ୍ଠାନ, ଭୁବନେଶ୍ୱର ଓଡ଼ିଶା ସରକାରଙ୍କ ସ୍ୱରାଷ୍ଟ୍ର ବିଭାଗ ଅଧିନରେ ୧ ୯୬୩ ମସିହାଠାରୁ ଅବିରତ ଭାବରେ କାର୍ଯ୍ୟ କରି ଆସୁଅଛି । ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବର୍ଗର ବେକାରୀ ସ୍ନାତକମାନଙ୍କୁ ବିଭିନ୍ନ ସରକାରୀ ଦପ୍ତର, ସରକାରୀ ଉଦ୍ୟୋଗ ଏବଂ ବେସରକାରୀ ସଂସ୍ଥାଗୁଡ଼ିକରେ କ୍ଷିପ୍ରଲେଖକ ପଦବୀରେ ନିଯୁକ୍ତି ସୁଯୋଗ ସୃଷ୍ଟି ନିମନ୍ତେ ସେମାନଙ୍କୁ ଇଂରାଜୀ କ୍ଷିପ୍ରଲିପି ଓ ମୁଦ୍ରଲିପି ପ୍ରଶିକ୍ଷଣ ପ୍ରଦାନ କରିବା ଏହି ଅନୁଷ୍ଠାନର ମୂଳ ଲକ୍ଷ୍ୟ । ଓଡିଶା ସଚିବାଳୟର ବିଭିନ୍ନ ବିଭାଗରେ କାର୍ଯ୍ୟରତ ବ୍ୟକ୍ତିଗତ ସଚିବ, ବ୍ୟକ୍ତିଗତ ସହାୟକ, କ୍ଷିପ୍ରଲେଖକ ଓ ଡାଟା ଏଣ୍ଟ୍ରି ଅପରେଟରମାନଙ୍କୁ ମଧ୍ୟ ଏହି ଅନୁଷ୍ଠାନରେ ଓଡ଼ିଆ କ୍ଷିପ୍ରଲିପି ଓ ମୁଦ୍ରଲିପି ପ୍ରଶିକ୍ଷଣ ପ୍ରଦାନ କରାଯାଏ ।

ଏତଦ୍ ବ୍ୟତୀତ ରାଜ୍ୟ ସରକାରଙ୍କ ଅଧିନରେ ଥିବା ବିଭିନ୍ନ ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଜିଲ୍ଲା କାର୍ଯ୍ୟାଳୟ ଏବଂ ସେମାନଙ୍କ ଅଧିନରେ ଥିବା କାର୍ଯ୍ୟାଳୟଗୁଡ଼ିକରେ କାର୍ଯ୍ୟରତ କ୍ଷିପ୍ରଲେଖକ/ ମୁଦ୍ରଲେଖକ/ କିରାଣୀ/ ଡାଟା ଏଣ୍ଟ୍ରି ଅପରେଟର୍ ମାନଙ୍କୁ ଅନୁଷ୍ଠାନରେ ଓଡ଼ିଆ କ୍ଷିପ୍ରଲିପି ଓ ମୁଦ୍ରଲିପି ପ୍ରଶିକ୍ଷଣ କମ୍ପ୍ୟୁଟରରେ ଓଡ଼ିଆ ଲିପ୍ ଅଫିସ୍ ସଫ୍ଟୱେୟାର ମାଧ୍ୟମରେ ପ୍ରଦାନ କରାଯାଏ ।

୨୦୧୯-୨୦ ବର୍ଷରେ ରାଜ୍ୟ ସରକାରଙ୍କ ବିଭିନ୍ନ ଦପ୍ତରରୁ ପ୍ରେରୀତ ୨୨ ଜଣ କ୍ଷିପ୍ରଲେଖକ ଓ ୭୦ ଜଣ ମୁଦ୍ରଲେଖକ / କିରାଣୀ/ ଡାଟା ଏଣ୍ଟ୍ରି ଅପରେଟର ଓଡ଼ିଆ କ୍ଷିପ୍ରଲିପି ଓ ମୁଦ୍ରଲିପି ପ୍ରଶିକ୍ଷଣ କମ୍ପ୍ୟୁଟରରେ ଓଡ଼ିଆ ଲିପ୍ ଅଫିସ୍ ସଫ୍ଟୱେୟାର ମାଧ୍ୟମରେ ନେଇଛନ୍ତି ।

ଏତଦ୍ ବ୍ୟତୀତ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ କାର୍ଯ୍ୟାଳୟରେ କ୍ଷିପ୍ରଲେଖକ, କିରାଣୀ ଓ ମୁଦ୍ରଲେଖକ ପଦବୀରେ ନିଯୁକ୍ତି କିମ୍ବା ପଦୋନ୍ନତି ପ୍ରକ୍ରିୟାରେ ଉକ୍ତ ଶିକ୍ଷାନୁଷ୍ଠାନ ଆବଶ୍ୟକୀୟ ସହାୟତା ପ୍ରଦାନ କରିଥାଏ ।

# ତୃତୀୟ ଅଧ୍ୟାୟ

## ୩ କାରାଗାର ସଂଗଠନ

### ୩.୧ କାରାଗାର ସୁରକ୍ଷାର ଉନ୍ନତୀ କରଣ

- କାରାଗାର ଗୁଡିକର ସୁରକ୍ଷାର ଦୃଢୀକରଣ ନିମନ୍ତେ ବିଭିନ୍ନ କାରାଗାରର ପେରିମିଟର ପ୍ରାଚୀରର ଉଚ୍ଚତାକୁ ବୃଦ୍ଧି କରାଯାଇଛି ଏବଂ ଅତିରିକ୍ତ କାରାଗାର କକ୍ଷର ନିର୍ମାଣ କରାଯାଇଛି । ବିଭିନ୍ନ କାରାଗାରରେ ଜଳ ଯୋଗାଣ ଓ ପରିମଳ ସୁବିଧାର ଉନ୍ନତ୍ତି କରଣ ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ।
- ସି.ସି.ଟି.ଭି ୮୫ ଜେଲରେ, ଭିଡିଓ କନ୍‌ଫରେନସିଂ (୬୮ ଜେଲରେ), ବ୍ୟାଗେଜ୍ ସ୍କାନର (୨୯ ଜେଲରେ), ଡୋର ଫ୍ରେମ୍ ମେଟାଲ ଡିଟେକ୍‌ଟର (୫୧ ଜେଲରେ), ରାତ୍ରି କାଳୀନ ବାଇନା କୁଲାର (୧୧ ଜେଲରେ), ସାଇଲେଣ୍ଟ ଜେନେରେଟର (୮୬ ଜେଲରେ) ହ୍ୟାଣ୍ଡ ହେଲଡ୍ ମୋବାଇଲ ଡିଟେକ୍‌ଟର (ସବୁ ଜେଲ୍ ଗୁଡିକରେ) ଏବଂ ରୁଟି ତିଆରି ମେସିନ (୧୭ଟି ଜେଲରେ)ପାଇଁ ବିଗତ ପାଞ୍ଚ ବର୍ଷରେ ବ୍ୟୟ ବରାଦ କରାଯାଇଅଛି । ୱାକିଟକି(୧୬୨୩ଟି ୮୬ ଜେଲ୍‌ରେ ଅବସ୍ଥାପିତ କରାଯାଇଛି) । କଟକ ଜିଲ୍ଲାର ଆଠଗଡ ଠାରେ ଆଦର୍ଶ ଦୋଷୀ ସାବ୍ୟସ୍ତ ବନ୍ଦୀ କାରାଗାର କାର୍ଯ୍ୟକ୍ଷମ ଚାଲିଛି । ୫୦୦ କ୍ଷମତା ବିଶିଷ୍ଟ ଦୋଷୀ ସାବ୍ୟସ୍ତ ବନ୍ଦୀ କାରାଗାର ସୁନ୍ଦରଗଡ ଜିଲ୍ଲାର ଭୋଇପାଲି ଠାରେ କାର୍ଯ୍ୟକ୍ଷମ ଅଛି ଏବଂ ନୂତନ ସରକାରୀ ବାସଗୃହ କାର୍ଯ୍ୟ ନିର୍ମାଣ ଚାଲୁଅଛି ।
- ଏତଦବ୍ୟତିତ ୬୮ ଗୋଟି କାରାଗାରରେ ଭିଡିଓ କନ୍‌ଫରେନସିର ସଂସ୍ଥାପନ କରାଯାଇଛି, ଯାହାର ବର୍ଷୱାରୀ ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଯାଉଛି ।

| | |
|---|---|
| ୧.୨୦୧୪-୧୫ - | ୦୭ ଜେଲରେ । |
| ୨.୨୦୧୫-୧୬ ଏବଂ ୨୦୧୬-୧୭ - | ୪୧ ଜେଲରେ(ଇ.କୋର୍ଟ) । |
| ୩.୨୦୧୭-୧୮ - | ୦୭ ଜେଲରେ । |
| ୪.୨୦୧୮-୧୯ - | ୦୨ ଜେଲରେ । |
| ୫.୨୦୧୯-୨୦ - | ୦୫ ଜେଲରେ । |
| ୬.୨୦୨୦-୨୧( ୩୦.୧୧.୨୦୨୦ ପର୍ଯ୍ୟନ୍ତ- | ୦୬ ଜେଲରେ । |

- ତ୍ୱରିତ ନ୍ୟାୟ ପ୍ରଦାନ ନିମନ୍ତେ ବିଭିନ୍ନ କାରାଗାର ମାନଙ୍କରେ ଭିଡିଓ  କନ୍‌ଫରେନସିଂ ହଲ ନିର୍ମାଣ ଏବଂ ଷ୍ଟାଫ୍ କ୍ୱାର୍ଟର ନିର୍ମାଣ କରାଯାଇଅଛି  ।

- ୱାକିଟକି, ରିଚାର୍ଜବେଲ ଏଲ.ଇ.ଡି. ସର୍ଚ୍ଚ ଲାଇଟ, ଡୋର ଫ୍ରେମ୍ ମେଟାଲ ଡିଟେକ୍‌ଟର, ସି.ସି.ଟି.ଭି ସିଷ୍ଟମ୍, ହ୍ୟାଣ୍ଡହେଲ୍‌ଡ ମୋବାଇଲ ଡିଟେକ୍‌ଟର, ପୋର୍ଟେବଲ ଫାୟାର ଏକସଟନ୍‌ଷ୍ଟ୍ୟୁସର ଫ୍ୟାର ବଲ, ଇଣ୍ଡଷ୍ଟ୍ରିଆଲ ୱାଟର ଫିଲଟର ସିଷ୍ଟମ୍, ପବ୍ଲିକ୍ ଆଡ୍ରେସ୍ ସିଷ୍ଟମ ପାଇଁ ବିଭିନ୍ନ ଜେଲ ମାନଙ୍କରେ ୨୦୨୦-୨୧ ଆର୍ଥିକ ବର୍ଷରେ  ଅର୍ଥର ବ୍ୟୟ ବରାଦ କରାଯାଇଅଛି  ।

  ୨୦୨୦ ମସିହା ଠାରୁ ପ୍ରତିବର୍ଷ ଡିସେମ୍ବର ୧୦ ତାରିଖକୁ କାରାଗାର ପ୍ରତିଷ୍ଠ ଦିବସ ଓ ଆନ୍ତର୍ଜାତିକ ମାନବାଧିକାର ଦିବସ ରୂପେ ପାଳନ କରାଯିବା ନିମନ୍ତେ ପ୍ରସ୍ତବିତ ହୋଇଅଛି  ।

**୩.୨ କାରାଗାର କର୍ମଚାରୀଙ୍କ ପଦୋନ୍ନତି  ।**

- ୦୧.୦୭.୨୦୧୯ ଠାରୁ ୩୦.୧୧.୨୦୨୦ ବର୍ଷରେ ୬ ଜଣ ମଣ୍ଡଳ କାରାଗାର ଅଧୀକ୍ଷକଙ୍କୁ ବରିଷ୍ଠ କାରା ଅଧୀକ୍ଷକ, ୦୭ ଜଣ କାରାପାଳ ଅଧୀକ୍ଷକ,୧୭ ଉପ କାରାପାଳଙ୍କୁ କାରାପାଳ ଭାବେ,୧୦ଜଣ ଉପସହାୟକ କାରାପାଳଙ୍କୁ ଉପକାରାପାଳ ରୁପେ ପଦୋନ୍ନତି, ୮୭ ଜଣ ମୁଖ୍ୟ କାରାରକ୍ଷୀ ଉପସହାୟକ କାରାପାଳ ରୁପେ ପଦୋନ୍ନତି ଦିଆଯାଇଅଛି  ।

**୩.୩  କ୍ରିୟା କଳାପ-**

- ରାଜ୍ୟରେ ବିଭିନ୍ନ କାରାଗାର ମାନଙ୍କରେ ଥିବା ଶିଳ୍ପ ଅନୁଷ୍ଠାନ ଗୁଡିକରେ ଚଳିତ ଆର୍ଥିକ ବର୍ଷ ୨୦୨୦-୨୧ରେ ସମୁଦାୟ ୪୨.୦୭ ଲକ୍ଷ ରାଜସ୍ୱ ବାବଦରେ ଅକ୍ଟୋବର ମାସ ସୁଦ୍ଧା ଆଦାୟ ହୋଇ ସରକାରଙ୍କ ରାଜକୋଷରେ ଜମାକରାଯାଇଛି  ।

- ରାଜ୍ୟରେ ଥିବା ସମସ୍ତ ୮୬ ଗୋଟି କାରାଗାର ମାନଙ୍କୁ କ‌-ୂଟର ପ୍ରଦାନ କରିବା ସହିତ ଲେନ୍ ଓ ଇଣ୍ଟରନେଟ୍ ସଂଯୋଗ ପ୍ରଦାନ କରିବା ସହିତ ଇଣ୍ଟରନେଟ୍ ଲିଜ୍ ଲାଇନ ସଂଯୋଗ କାରାଯାଇଛି  ଏତଦ୍ ବ୍ୟତିତ ଜେଲ୍ ଗୁଡିକୁ ଇ-ପ୍ରିଜିନ୍ ପ୍ରକଳ୍ପ ମାଧ୍ୟମରେ କଂ-ୂଟରାଇଜେସନ୍ ଏହଂ ଡିଜିଟାଇଜେସନ୍ ମାଧ୍ୟମରେ ବନ୍ଦୀମାନଙ୍କର ଏକ ତାଲିକା

ପ୍ରସ୍ତୁତ କରିବାପାଇଁ ସ୍ୱୟଂଚାଳିତ ଜେଲ୍ ପରିଚାଳନାକୁ ଲକ୍ଷ୍ୟ କରାଯାଇ (ICJS) ମାଧ୍ୟମରେ ରଖାଯାଇଛି ।

- କାରାଗାର ନିର୍ଦ୍ଦେଶାଳୟର ବିଭିନ୍ନ ଉପବିଭାଗ ଗୁଡିକ ଓଡିଶା ସଚିବାଳୟ ତ୍ୱରିତ କାର୍ଯ୍ୟ ନିମନ୍ତେ, ଫେସ୍‌ବୁକ୍, ଟୁଇଟର୍ ଆକାଉଣ୍ଟ, ୱେବ୍ ସାଇଟ୍ ଜରିଆରେ ସଂଯୁକ୍ତ କରାଯାଇଅଛି
- ୩୧.୦୮.୨୦୧୯ ସୁଦ୍ଧା ରାଜ୍ୟରେ ଥିବା କାରାଗାର ଗୁଡିକରେ ସମୁଦାୟ ୧୪୮ ଟି ଖାଲିଥିବା କାରାରକ୍ଷୀ ପଦବୀ ମାନଙ୍କର ନିଯୁକ୍ତି ପାଇଁ ରାଜ୍ୟ ସରକାରଙ୍କ ସିକୃତି ପ୍ରାପ୍ତହେଲାପରେ ଓଡିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ ସଚିବଙ୍କୁ ଅନ୍‌ଲାଇନ୍ ବିଜ୍ଞପ୍ତି ପ୍ରକାଶ ନିମନ୍ତେ ନିର୍ଦ୍ଦେଶାଳୟରେ ପତ୍ର ସଂଖ୍ୟା ତା ୯୬୬ ରିଖ ୧୮.୧. ୨୦୨୦ରେ ଅନୁରୋଧ କରାଯାଇଛି । ଏଥିସହିତ ୩୧.୦୮.୨୦୨୦ ସୁଦ୍ଧା ଖାଲିଥିବା ୧୪୪ ଗୋଟି କାରାରକ୍ଷୀ ପଦବୀ ନିଯୁକ୍ତି ନିମନ୍ତେ ଓଡିଶା ରାଜ୍ୟସରକାରଙ୍କୁ ଏହି ନିର୍ଦ୍ଦେଶାଳୟର ପତ୍ର ସଂଖ୍ୟା ୧୭୧୭୩ ତା ୩.୧୧.୨୦୨୦ ରିଖରେ ଅନୁମୋଦନ ନିମନ୍ତେ ଅନୁରୋଧ କରାଯାଇଛି ।
- ୨୦୨୦-୨୧ ମସିହାରେ ପ୍ରିଜିନ୍ ଏକାଡେମୀ ଜାମୁଝରୀ ଭୁବନେଶ୍ୱର ରାଧାରମଣପୁର ଠାରେ ନୂତନ ମଡେଲ କନଭିଟ୍ କାରାଗାର କାର୍ଯ୍ୟକ୍ଷମ କରାଯାଇଅଛି ।
- ନିର୍ଦ୍ଦିଷ୍ଟ କାରାଗାରରେ ଇ-ପ୍ରିଜିନ୍ ମାଧ୍ୟମରେ ନିର୍ଦ୍ଦିଷ୍ଟ କାରାଗାର ମାନଙ୍କରେ ଇ-କିଓସ୍କୋ ଓ ଇ-ମୁଲାକାତ୍ ପ୍ରକ୍ରୟା କାର୍ଯ୍ୟକ୍ଷମ କରାଯାଇଅଛି ।
- ସୁନ୍ଦରଗଡ ଜିଲ୍ଲାର ଭୋଇପାଲିଠାରେ ୫୦୦ କ୍ଷମତା ବିଶିଷ୍ଟ ଏକ ନୂତନ ମଡେଲ ଜେଲ୍‌ର କାର୍ଯ୍ୟ ଚାଲୁଅଛି । ଏହା ଖୁବ୍ ଶୀଘ୍ର ଶେଷ ହେବାର ଯୋଜନା ରହିଛି । ଭଦ୍ରକ ଏବଂ ଯାଜପୁର ଜେଲ୍‌ର ସ୍ଥାନାନ୍ତରୀକରଣ ନିମନ୍ତେ ସରକାରୀ ଜମି ଅଧିଗ୍ରହଣ ହୋଇଅଛି ।

### ୩.୪ କାରାଗାର କର୍ମଚାରୀଙ୍କ ପ୍ରଶିକ୍ଷଣ ଏବଂ ନୂତନ ଶିଳ୍ପ:-

- ବିଜୁ ପଟ୍ଟନାୟକ ମୁକ୍ତାକାଶ ଆଶ୍ରମରେ prison textile mill ନିର୍ମାଣାଧୀନ ମଣ୍ଡଳ କାରାଗାର, ସମ୍ବଲପୁର, ସ୍ୱତନ୍ତ୍ର କାରାଗାର, ରାଉରକେଲା, ଜିଲ୍ଲା କାରାଗାର, ବଲାଙ୍ଗିରୀ

ଏବଂ ବିଜୁ ପଟ୍ଟନାୟକ ମୁକ୍ତାକାଶ ଆଶ୍ରମ, ଜାମୁଝରୀ ଠାରେ ୨୦୧୮ ମସିହା ଠାରୁ fabrication unit ପ୍ରତିଷ୍ଠା ନିମନ୍ତେ ପଦକ୍ଷେପ ନିଆଯାଇଛି ।

- ମଣ୍ଡଳ କାରାଗାର, ବ୍ରହ୍ମପୁର ଠାରେ food processing unit ୨୦୧୮-୧୯ ମସିହାରୁ ପ୍ରତିଷ୍ଠା ନିମନ୍ତେ ପଦକ୍ଷେପ ନିଆଯାଇଛି ।
- ମଣ୍ଡଳ କାରାଗାର, ବ୍ରହ୍ମପୁର ଠାରେ fly ash brick ପ୍ରତିଷ୍ଠା ନିମନ୍ତେ ୨୦୧୮-୧୯ମସିହାରୁ ପଦକ୍ଷେପ ନିଆଯାଇଛି ।
- କାରାଗାରରେ କାର୍ଯ୍ୟରତ ବନ୍ଦୀମାନଙ୍କ ପ୍ରୋତ୍ସାହନ ରାଶିକୁ ଯଥା କ୍ରମେ ୪୦ ଟଙ୍କାରୁ ୫୦ ଟଙ୍କା ଏବଂ ୬୦ ଟଙ୍କା ଦିନକୁ କୁଶଳୀ, ଅର୍ଦ୍ଧକୁଶଳୀ ବନ୍ଦୀମାନଙ୍କ ପାଇଁ ବୃଦ୍ଧି କରାଯାଇଛି । vide Govt. of Odisha Home Deptt. letter No.52457 dt.27.11.2019.

### ୩.୫ କାରାଗାର ଶିଳ୍ପ:-

- ବାଲିଯାତ୍ରା, କଟକ ରାଜ୍ୟସ୍ତରୀୟ ଆଦିବାସୀ ମେଳା, ଭୁବନେଶ୍ୱର, ଜାତୀୟ ରଥଯାତ୍ରା ପୁରୀରେ, ମହାଲକ୍ଷ୍ମୀ ପୂଜା, ଢେଙ୍କାନାଳରେ ହସ୍ତ ଶିଳ୍ପ, ତୋଶାଳୀ ମେଳା ଇତ୍ୟାଦି ଅବସରରେ ଜେଲ ନିର୍ମିତ ବିଭିନ୍ନ ସାମଗ୍ରୀ ଗୁଡିକ ପ୍ରଦର୍ଶନ ଓ ବିକ୍ରି କରାଯାଇଛି ।

### ୩.୬ ପ୍ରସ୍ତାବିତ ଯୋଜନା:-

- ମଣ୍ଡଳ କାରାଗାର, କଟକ ଠାରେ oxidation plant ପ୍ରତିଷ୍ଠା ନିମନ୍ତେ ପଦକ୍ଷେପ ନିଆଯାଉଅଛି ।
- ମଣ୍ଡଳ କାରାଗାର, କଟକ ଠାରେ ହସ୍ତତନ୍ତ କାରାଖାନା ଉନ୍ନତି ନିମନ୍ତେ ପଦକ୍ଷେପ ନିଆଯାଉଅଛି ।
- Prison Academy ଏବଂ B.P.O.A.A., Jamujhari ର ପରିସୀମାକୁ ସବୁଜ ମୟ କରାଯିବା ପାଇଁ ପଦକ୍ଷେପ ନିଆଯାଇଛି ।
- ଜେଲ କାରାଖାନା ଗୁଡିକୁ ସୁଚାରୁ ରୁବେ ପରିଚାଳନା ନିମନ୍ତେ Corpus Fund ଗଠନ ନିମନ୍ତେ ପଦକ୍ଷେପ ନିଆଯାଇଅଛି ।
- e. prisons project କୁ କ-ୁଟରୀକରଣ କରାଯାଉଅଛି ।

## ୩.୭ କଲ୍ୟାଣ କାର୍ଯ୍ୟକ୍ରମ:-

- ବନ୍ଦୀମାନଙ୍କୁ ଶାରୀରିକ ମାନସିକ ସ୍ତରରେ ସୁସ୍ଥରଖିବା ପାଇଁ ବିଭିନ୍ନ ପ୍ରକାର ଚିତ୍ତବିନୋଦନ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇଅଛି । ସ୍ୱୟଂଶାସିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଯଥା:-
- ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ, ଆର୍ଟ ଅଫ ଲିଭିଙ୍ଗ୍, ଜାତୀୟ କାରାଗାର ମନ୍ତ୍ରାଳୟ, ଭାରତ ଓ ଇସ୍କନ ସଂସ୍ଥା ମାନେ କାରାଗାର ଗୁଡିକରେ ବନ୍ଦୀମାନଙ୍କର ମାନସିକ ଓ ଶାରିରୀକ ସ୍ୱଚ୍ଛତା ନିମନ୍ତେ ଯୋଗ, ଧ୍ୟାନ ଓ ଧାର୍ମିକ ଆଲୋଚନା ପ୍ରଭୃତି କାର୍ଯ୍ୟକ୍ରମ ଚାଲୁ ରଖିଛନ୍ତି ।

- ସ୍ୱାସ୍ଥ୍ୟ ସେବା, ସ୍ୱାସ୍ଥ୍ୟ ସଚେତନତା, ଚକ୍ଷୁ ସେବା ପ୍ରଭୃତିର ଆୟୋଜନ କରାଯାଇଛି ।
- ବିଭିନ୍ନ କାରାଗାର ମଧ୍ୟରେ ନୂତନଭାବେ କ୍ୟାଣ୍ଟିନ୍ ଗୁଡିକ କାର୍ଯ୍ୟକ୍ଷମ ହୋଇଅଛି ।
- ମହିଳା ବନ୍ଦୀମାନଙ୍କ ପାଇଁ ଭୁବନେଶ୍ୱର ସ୍ୱତନ୍ତ୍ର କାରାଗାରରେ ସାନିଟାରି ନାପ୍‌କିନ୍ (ସ୍ୱଚ୍ଛତା ପାଇଁ କପଡା) ବ୍ୟବସ୍ଥା କରାଯାଇଛି ।
- ଜିଲ୍ଲା ଆଇନ ସେବା ପ୍ରାଧିକରଣ ମାଧ୍ୟମରେ ୧୩୦୧ ଜଣ କଏଦୀଙ୍କୁ ମାଗଣା ଆଇନଗତ ସେବା ଓ ସହାୟତା ଯୋଗାଇ ଦିଆଯାଇଛି ।
- ୨୦୨୦-୨୧ ମସିହାରେ ଉଚ୍ଚ ମାଧ୍ୟମିକ ପରୀକ୍ଷାରେ ମୋଟ୍ ୧୭୪ ଜଣ ବନ୍ଦୀ ମାନଙ୍କର ପିଲାମାନେ ଉର୍ତ୍ତିନ୍ନ ହୋଇଛନ୍ତି ।
- ରାଜ୍ୟ ସରକାର ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଯୋଜନାର ଅନ୍ତର୍ଭୁକ୍ତ ବନ୍ଦୀମାନଙ୍କର ପରିବାର ବର୍ଗଙ୍କୁ ସେମାନଙ୍କର ପୁନଃ ଥଇଥାନ ପାଇଁ ୮ ଲକ୍ଷ ଟଙ୍କାର ସହାୟତା ଏବଂ ଚଳିତ ଆର୍ଥିକ ବର୍ଷରେ ୮ ଲକ୍ଷ ଟଙ୍କାର ସହାୟତା ରାଶି ଯୋଗାଇ ଦିଆଯାଇଅଛି ।
- ବିଗତ ୫ ବର୍ଷ ମଧ୍ୟରେ ୨୭୭ ଜଣ ଆଜୀବନ ବନ୍ଦୀଙ୍କୁ ସମୟ ଅବଧି ପୂର୍ବରୁ ମୁକ୍ତ କରାଯାଇଅଛି ଏବଂ ମହାତ୍ମାଗାନ୍ଧୀଙ୍କର ୧୫୦ ତମ ଜନ୍ମ ଶତବାର୍ଷିକ ସ୍ମୃତି ଉତ୍ସବ ପାଳନ ଅବସରରେ ରାଜ୍ୟର ବିଭିନ୍ନ କାରାଗାରରୁ ୩୫ ଜଣ ଆଜୀବନ କଏଦୀଙ୍କୁ ସମୟ ପୂର୍ବକ ଖଲାସ କରାଯାଇ ଅଛି ।

- ସୌର ଚାଳିତ ତାପଜ୍ ନିୟନ୍ତ୍ରିତ ହିଟର କିଛି କାରାଗାର ମାନଙ୍କରେ ପ୍ରତିଷ୍ଠା କରାଯାଇଛି ।
- ୨୦୧୯ କୋଭିଡ୍ ମହାମାରୀ ସମୟରେ ୨୦୨୦ ମସିହାରେ ବିଭିନ୍ନ କାରାଗାର ମାନଙ୍କୁ ସଙ୍ଗରୋଧ ସ୍ୱଚ୍ଛ ଓ ପରିମଳ ସହିତ ବନ୍ଦୀମାନଙ୍କର ସୁରକ୍ଷା ପ୍ରଦାନ ପାଇଁ ଥର୍ମାଲ୍‌ସ୍କାନର ମଧ୍ୟ ଯୋଗାଇ ଦିଆଯାଇଛି ।
- ଚଳିତ ୨୦୨୦-୨୧ ମସିହାରେ (୦୧.୦୭.୨୦୧୯ ରୁ ୩୧.୧୦.୨୦୨୦) ଫର୍ଲୋରେ ୭୦୨ ଜଣ ପାରୋଲରେ ୩୦ ଜଣ ଏବଂ ସ୍ପେଶାଲ ଫର୍ଲୋରେ ୩୮୯ ଜଣଙ୍କୁ ସର୍ତ୍ତମୂଳକ ଛୁଟି ମଞ୍ଜୁର କରାଯାଇଛି ।

## ୩.୮ ପରିବୀକ୍ଷଣ ସେବାର ପ୍ରଗତିଶୀଳ ସଫଳତା:-

| ବର୍ଷ | ସମୁଦାୟ ପରିବୀକ୍ଷାଧୀନ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ପର୍ଯ୍ୟବେକ୍ଷଣ ଥିବା ସଂଖ୍ୟା | ସମୁଦାୟ ବର୍ଷ ଶେଷରେ ପର୍ଯ୍ୟବେକ୍ଷଣ ଅବସ୍ଥାରେ ଥିବା ସଂଖ୍ୟା |
|---|---:|---:|
| ୨୦୧୩ | ୧୧୪୭ | ୬୮୨ |
| ୨୦୧୪ | ୭୯୭ | ୫୭୩ |
| ୨୦୧୫ | ୪୦୩ | ୫୪୭ |
| ୨୦୧୬ | ୪୨୨ | ୫୯୭ |
| ୨୦୧୭ | ୪୦୩ | ୬୦୦ |
| ୨୦୧୮ | ୩୫୧ | ୧୦୮୮ |
| ୨୦୧୯ | ୩୭୪ | ୪୬୪ |
| ୨୦୨୦ (୩୦.୦୯.୨୦୨୦) ପର୍ଯ୍ୟନ୍ତ | ୧୧୦ | ୪୧୩ |

# ଚତୁର୍ଥ ଅଧ୍ୟାୟ

## ୪ ଅଗ୍ନିଶମ ସେବା ସଂଗଠନ

ଓଡିଶା ଅଗ୍ନିଶମ ସେବା ସଂସ୍ଥା ଓଡିଶା ବାସୀଙ୍କ ଧନ, ଜୀବନକୁ ଅଗ୍ନି କବଳରୁ ରକ୍ଷା କରିବା ସଙ୍ଗେସଙ୍ଗେ ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜନସାଧାରଣଙ୍କୁ ସହାୟତା ପ୍ରଦାନ କରିଆସୁଅଛି । ଭୟାବହ ଦୁର୍ଘଟଣାରୁ ଜନସାଧାରଣଙ୍କୁରକ୍ଷା କରିବା ସହ ଅଗ୍ନିଶମ ସେବା ସଂସ୍ଥା ସମସ୍ତ ପ୍ରକାରର ଦୁର୍ବିପାକ ଓ ମନୁଷ୍ୟକୃତ ବିପର୍ଯ୍ୟୟ, ବିପ୍ଳାତ, ଦୁର୍ଘଟଣା ଉତ୍ୟାଦି ସମୟରେ ସେବା କାର୍ଯ୍ୟରେ ପ୍ରଥମେ ଘଟଣାସ୍ଥଳରେ ପହଞ୍ଚିଥାଏ । ପୂର୍ବରୁ ସଂଗଠିତ ହୋଇଥିବା ସମସ୍ତ ପ୍ରକାରର ଦୁର୍ବିପାକ ସମୟରେ ଅଗ୍ନିଶମ ସେବା ସଂସ୍ଥାର କର୍ମଚାରୀ ମାନେ ଘଟଣା ସ୍ଥଳରେ ପ୍ରଥମ ସାହାଯ୍ୟକାରୀ ଭାବରେ ପହଞ୍ଚି ଦକ୍ଷତାର ସହିତ କାର୍ଯ୍ୟ ସମ୍ପାଦନ କରିବା ସହିତ ଉଚ୍ଚ ପ୍ରଶଂସିତ ହୋଇଅଛନ୍ତି ।

ବର୍ତ୍ତମାନ ରାଜ୍ୟରେ 338 ଗୋଟି ଦମକଳକେନ୍ଦ୍ର କାର୍ଯ୍ୟ କରୁଅଛି । ଚଳିତ ଆର୍ଥିକ 2020-21 ବର୍ଷରେ (ଏପ୍ରିଲ 2020 ଠାରୁ ଅକ୍ଟୋବର 2020) 4416 ଗୋଟି ଅଗ୍ନିକାଣ୍ଡ ଡାକରା ଓ 11243 ଗୋଟି ସ୍ୱତନ୍ତ୍ର ସେବା ଡାକରା ପାଇଁ ଅଗ୍ନିଶମ କର୍ମଚାରୀଙ୍କ ଅବିଳମ୍ବ ସେବା ପ୍ରଦାନ କରାଯାଇଅଛି । ଯାହା ଫଳରେ 4720 ଗୋଟି ମନୁଷ୍ୟ ଜୀବନ, 5192 ଗୋଟି ପଶୁ ଜୀବନ ଅଗ୍ନୀକାଣ୍ଡ ଜନୀତ, ନଦୀ ପୋଖରୀରେ ବୁଡିଯିବା ଦୁର୍ଘଟଣାରୁ ରକ୍ଷା କରାଯାଇଅଛି ଏବଂ ଏଥିସହିତ ଅନ୍ୟୁନ ଟ. 149.87 କୋଟି ଟଙ୍କା ସମ୍ପତ୍ତି ଅଗ୍ନିକବଳରୁ ରକ୍ଷା କରାଯାଇଅଛି ।

ଚଳିତ ବର୍ଷ ମେ ମାସରେ ମହା ପ୍ରଳୟଙ୍କରୀ ବାତ୍ୟା "ଅମ୍ପାନ" ଉପକୂଳବର୍ତ୍ତୀ ଜିଲ୍ଲା ଗୁଡିକରେ ଯଥା ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା, ଜଗତସିଂହପୁର, ଯାଜପୁର ଏବଂ ମୟୁରଭଞ୍ଜରେ ବିନାଶ ଘଟାଇଥିଲା । ଉଦ୍ଧାର ପୁନଉଦ୍ଧାର ଏବଂ ରିଲିଫ କାର୍ଯ୍ୟ ପାଇଁ 1739 ଅଗ୍ନିଶମ କର୍ମଚାରୀଙ୍କୁ ନେଇ 238 ଟି ଟିମ୍ ପ୍ରଭାବିତ ଜିଲ୍ଲା ଗୁଡିକରେ ତା 20.05.2020 ରୁ 23.05.2020 ରିଖ ପର୍ଯ୍ୟନ୍ତ ନିୟୋଜିତ ହୋଇଥିଲେ । ଏହି ଉଦ୍ଧାର କାର୍ଯ୍ୟ ସମୟରେ ଅଗ୍ନିଶମ କର୍ମଚାରୀମାନେ 2126 ଟି ଗଛ କାଟି 801 ଟି ରାସ୍ତା ସଫା କରିଥିଲେ ଏବଂ ଜଣେ ଗର୍ଭବତୀ ମହିଳାଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲେ । ଏହି ଭୟଙ୍କର ବାତ୍ୟା ସମୟରେ ଅଗ୍ନିଶମ କର୍ମଚାରୀ ମାନେ ଦକ୍ଷତାର ସହ ଉଦ୍ଧାର କାର୍ଯ୍ୟ ସମ୍ପାଦନ କରିଥିଲେ ।

ଏତଦବ୍ୟତୀତ, ଗାଡି, ପମ୍ପ ଏବଂ ଅନ୍ୟାନ୍ୟ ଯନ୍ତ୍ରପାତି ସହିତ 372 ଜଣ ଅଗ୍ନିଶମ କର୍ମଚାରୀଙ୍କୁ ନେଇ 30 ଟି ଟିମ୍ ମଧ୍ୟ ପଡୋଶୀ ରାଜ୍ୟ ପଶ୍ଚିମବଙ୍ଗକୁ ଯାଇ ସେଠାରେ ତା 24.05.2020 ରୁ

05.06.2020 ରିଖ ପର୍ଯ୍ୟନ୍ତ ମହାପ୍ରଳୟଙ୍କରୀ ବାତ୍ୟା ଅମ୍ଫାନ ସମୟରେ ଉଦ୍ଧାର ଏବଂ ପୁନରୁଦ୍ଧାର କାର୍ଯ୍ୟ ସମ୍ପାଦନ କରିଥିଲେ ।

କରୋନା ଭାଇରସ୍ (COVID-19) ର ପ୍ରସାରକୁ ଅବରୋଧ କରିବା ପାଇଁ ଅଗ୍ନିଶମ କର୍ମଚାରୀମାନେ ସୋଡିୟମ ହାଇପ୍ରୋକ୍ଲୋରାଇଡ ବ୍ୟବହାର  କରି ସାନିଟାଇଜେସନ କାର୍ଯ୍ୟରେ ଅବିରତ ନିୟୋଜିତ ଅଛନ୍ତି ।  ସେମାନେ ବିଭିନ୍ନ COVID କେୟାର ସେଣ୍ଟର/ହସ୍ପିଟାଲ , ସରକାରୀ ଅଫିସ୍ ଏବଂ ଅନ୍ୟାନ୍ୟ ସର୍ବସାଧାରଣ ସ୍ଥାନଗୁଡିକରେ  କରୋନା ଭାଇରସ୍ ର ବିସ୍ତାରକୁ ରୋକିବାକୁ 81287 ଟି ସ୍ଥାନରେ ବିଶୋଧନ କାର୍ଯ୍ୟ କରିଛନ୍ତି । ଗୁରୁତର କୋଭିଡ ରୋଗୀଙ୍କ ଚିକିତ୍ସା ପାଇଁ ଆଜି ପର୍ଯ୍ୟନ୍ତ 100 ଜଣ ଅଗ୍ନିଶମ କର୍ମଚାରୀ ପ୍ଲାଜମା ଦାନ କରିଛନ୍ତି ।

ରାଜ୍ୟରେ ବିଭିନ୍ନ ବସ୍ ଦୁର୍ଘଟଣା ସମୟରେ ଉଦ୍ଧାର କାର୍ଯ୍ୟ କରି ଅଗ୍ନିଶମ କର୍ମଚାରୀମାନେ ପ୍ରଶଂସନୀୟ ସେବା ପ୍ରଦାନ କରିଛନ୍ତି ଯେଉଁଥିପାଇଁ ଅନେକ ଲୋକଙ୍କ ଜୀବନ ରକ୍ଷା କରାଯାଇପାରିଛି ।  ଚଳିତ ବର୍ଷ ରାଜ୍ୟରେ ଘଟିଥିବା କେତେକ ଦୁଖଦ ବସ୍ ଦୁର୍ଘଟଣା ଏବଂ ଅଗ୍ନିଶମ କର୍ମଚାରୀଙ୍କ ଦ୍ୱାରା କରାଯାଇଥିବା ଉଦ୍ଧାର କାର୍ଯ୍ୟ ନିମ୍ନରେ ଦିଆଗଲା ।

ତା 02.05.2020 ରିଖ ଦିନ ପ୍ରାୟ ଘ. 7.30 ସମୟରେ, ପଟେଲ ନାମକ ଏକ ବସ୍ ନମ୍ବର GJ18X-2693 ସୁରଟରୁ 65 ଜଣ ପ୍ରବାସୀ ଶ୍ରମିକଙ୍କୁ ନେଇ ଓଡିଶାକୁ ଆସୁଥିବା ସମୟରେ କନ୍ଧମାଳ ଜିଲ୍ଲାର ଜି. ଉଦୟଗିରି ପୋଲିସ ଷ୍ଟେସନ ଅନ୍ତର୍ଗତ ଆନ୍ଧାରିକୋଟର କଳିଙ୍ଗା ଘାଟିରେ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା । ଜି. ଉଦୟଗିରି ଅଗ୍ନିଶମ କେନ୍ଦ୍ରର କର୍ମଚାରୀମାନେ ଉଦ୍ଧାର କାର୍ଯ୍ୟକରି ଉକ୍ତ ଦୁର୍ଘଟଣାରେ ଫସି ରହିଥିବା ଜଣେ ଆହତ ବ୍ୟକ୍ତିଙ୍କୁ ବସ୍ ଭିତରୁ ଜୀବନ୍ତ ଉଦ୍ଧାର କରି ଦୁର୍ଘଟଣାସ୍ଥଳରେ ଥିବା ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନାକୁ ପଠାଇଥିଲେ ଏବଂ ଦୁର୍ଘଟଣାସ୍ଥଳରୁ ଏକ ମୃତଦେହ ଉଦ୍ଧାର କରି ମହାପ୍ରୟଣ ଗାଡି ଯୋଗେ ଡାକ୍ତେରଖାନାକୁ ପଠାଉଥିଲେ ।

ଗୁଜୁରାଟ ରାଜ୍ୟର ସୁରାଟରୁ 57 ଜଣ ପ୍ରବାସୀ ଶ୍ରମିକଙ୍କୁ ନେଇ ଆସୁଥିବା ଆମ୍ବିକା ନାମକ ଅନ୍ୟ ଏକ ବସ୍ ନମ୍ବର  GJ06ZZ9559 ତା 03.05.2020 ରିଖ ରେ ଜି. ଉଦୟଗିରି ପୋଲିସ ଷ୍ଟେସନ ଅନ୍ତର୍ଗତ କଳିଙ୍ଗା ଘାଟି ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା  ।  ଜି. ଉଦୟଗିରି ଅଗ୍ନିଶମ କେନ୍ଦ୍ରର କର୍ମଚାରୀମାନେ ଉଦ୍ଧାର କାର୍ଯ୍ୟକରି  ସମସ୍ତ ପ୍ରବାସୀ ଶ୍ରମିକଙ୍କୁ ଜୀବନ୍ତ ଉଦ୍ଧାର କରିଥିଲେ । ଉଦ୍ଧାର ହୋଇଥିବା ପ୍ରବାସୀ ଶ୍ରମିକଙ୍କ ମଧ୍ୟରେ ଦୁଇ ଆହତଙ୍କୁ ଚିକିତ୍ସା ପାଇଁ ସେଠାରେ ଉପସ୍ଥିତ ଥିବା ଡାକ୍ତରୀ ଦଳକୁ ହସ୍ତାନ୍ତର କରାଯାଇଥିଲା ।

ଏହା ବ୍ୟତୀତ ତା 16.11.2020 ରିଖରେ ରାୟାଗଡା ଜିଲ୍ଲାର ବିଷମକଟକ ପୋଲିସ ଷ୍ଟେସନ ଅନ୍ତର୍ଗତ ଡେଗାଲବୁଦୁନି ଗ୍ରାମ ନିକଟରେ ଏକ ବସ୍ ଦୁର୍ଘଟଣା ଘଟିଥିଲା ଯେଉଁଥିରେ ଅତି କମ୍‌ରେ ଦୁଇଜଣ ଯାତ୍ରୀଙ୍କ ମୃତ୍ୟୁ ଘଟିଥିବା ବେଳେ 19 ଜଣ ଗୁରୁତର ଆହତ ହୋଇଥିଲେ । ଦୁର୍ଘଟଣା ସ୍ଥଳରେ ବିଷମକଟକ ଅଗ୍ନିଶମ କେନ୍ଦ୍ରର କର୍ମଚାରୀମାନେ ଠିକ୍ ସମୟରେ ପହଞ୍ଚି 2 ମୃତଦେହ ଏବଂ 19 ଜଣ ଆହତ ଯାତ୍ରୀଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଡାକ୍ତରଖାନା ପଠାଇଥିଲେ ।

ଅଗ୍ନି ନିବାରଣ ଓ ଅଗ୍ନି ସୁରକ୍ଷା ନିୟମ-2017 ଅନୁଯାଇ ଚଳିତ ବର୍ଷ 2178 ଗୋଟି କୋଠାବାଡି କୁ ଅଗ୍ନି ନିରାପତ୍ତା ଦୃଷ୍ଟିରୁ ତଦାରଖ କରାଯାଇ 1243 ଗୋଟି କୋଠାବାଡି କୁ ଅଗ୍ନି ସୁରକ୍ଷା ପ୍ରମାଣପତ୍ର ଦିଆଯାଇଅଛି ଏବଂ 535 ଗୋଟି ନିର୍ମିତ ହେବାକୁଥିବା କୋଠାବାଡି ଗୁଡିକରେ ଅଗ୍ନି ନିବାରଣ ଓ ଅଗ୍ନି ସୁରକ୍ଷା ବ୍ୟବସ୍ଥା କରିବା ପାଇଁ ସୁପାରିସ କରାଯାଇଅଛି ।

ଚଳିତ ଆର୍ଥିକ ବର୍ଷ ଆକ୍ଟୋବର ମାସ ଶେଷ ଶୁଦ୍ଧା ଟ.1,03,57,001 /- ଙ୍କ ସରକାରୀ ରାଜସ୍ୱ ଆଦାୟ କରାଯାଇ ସରକାରୀ ତହବିଲରେ ଜମା କରାଯାଇଅଛି । ଗତ 15 ଅଗଷ୍ଟ 2020 ସ୍ୱାଧୀନତା ଦିବସ ଅବସରରେ 6 ଜଣ ଅଗ୍ନିଶମ କର୍ମଚାରୀଙ୍କୁ ରାଷ୍ଟ୍ରପତି ସେବା / ବିଶିଷ୍ଟ ସେବା ପଦକ ପ୍ରଦାନ କରାଯାଇଅଛି ଏବଂ ଆସନ୍ତା ସାଧାରଣତନ୍ତ୍ର ଦିବସ-2021 ରେ 9 ଜଣ ଅଗ୍ନିଶମ ସେବା କର୍ମଚାରୀଙ୍କର କାର୍ଯ୍ୟ ଦକ୍ଷତା ପାଇଁ ରାଷ୍ଟ୍ରପତି ସେବା / ବିଶିଷ୍ଟ ସେବା ପଦକ ପ୍ରଦାନ କରାଯିବ । ସେହିପରି 2020-2021 ବର୍ଷରେ ବାଲେଶ୍ୱର ଜିଲ୍ଲା ବାହାନଗା ଠାରେ 1 ଗୋଟି ଦମକଳ କେନ୍ଦ୍ର କାର୍ଯ୍ୟକ୍ଷମ କରାଯାଇଅଛି ଓ ଜନସାଧାରଣଙ୍କୁ ସୁବିଧା ଯୋଗାଉଦେବା ପାଇଁ ଆଉ 2 ଗୋଟି ଦମକଳ କେନ୍ଦ୍ର ପ୍ରତିଷ୍ଠା ନିମନ୍ତେ ପଦକ୍ଷେପ ନିଆସାଉଅଛି ।

ଚଳିତ ବର୍ଷ 3 ଗୋଟି ଅଗ୍ନିଶମ କେନ୍ଦ୍ରରେ ଗୃହ, 2 ଗୋଟି 100 ଜଣ ବିଶିଷ୍ଟ ବ୍ୟାରେକ, ଗୋଟିଏ ୱାର୍କସପ ଗୃହ, 6 ଗୋଟି ଅଗ୍ନିଶମ କେନ୍ଦ୍ର ଗୃହର ଏବଂ 113 ଗୋଟି କର୍ମଚାରୀ ବାସଗୃହର ଅତିରିକ୍ତ କାର୍ଯ୍ୟ ସମାପ୍ତ ହୋଇଛି । ଏତଦ୍ ବ୍ୟତୀତ, 3 ଗୋଟି ଅଗ୍ନିଶମ କେନ୍ଦ୍ରର ଗୃହ, କେନ୍ଦ୍ରୀୟ ଷ୍ଟୋର ଗୃହ, 33 ଗୋଟି ଅଗ୍ନିଶମ କେନ୍ଦ୍ର ଗୃହର ଅତିରିକ୍ତ କାର୍ଯ୍ୟ ଏବଂ 443 ଗୋଟି କର୍ମଚାରୀ ବାସଗୃହର ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ କରିବା ପାଇଁ ଚଳିତ ଆର୍ଥିକ ବର୍ଷ 2020-21 ରେ 47.63 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ସୋହିପରି ଦୁଇ ହୋଟି ହାଇଡ୍ରୋଲିକ୍ ପ୍ଲାଟଫର୍ମ ଏବଂ ଅନ୍ୟାନ୍ୟ ଅଗ୍ନି ନିର୍ବାପକ/ଉଦ୍ଧାର କାର୍ଯ୍ୟ ପାଇଁ ଆବଶକୀୟ ଯନ୍ତ୍ରପାତି କ୍ରୟ ପାଇଁ 19.00 କୋଟି ଟଙ୍କା ପ୍ରଦାନ କରାଯାଇଛି ।

# ପଞ୍ଚମ ଅଧ୍ୟାୟ

## ୫. ବେସାମରିକ ପ୍ରତିରକ୍ଷା ସଂଗଠନ

ବେସାମରିକ ପ୍ରତିରକ୍ଷା ଅଧିନିୟମ ୧୯୬୮ ଅନୁଯାୟୀ ସମଗ୍ର ଭାରତରେ ବେସାମରିକ ପ୍ରତିରକ୍ଷା ସଂଗଠନ କାର୍ଯ୍ୟକ୍ଷମ ହୋଇଆସୁଅଛି । ଯୁଦ୍ଧକାଳୀନ ଜରୁରୀ ପରିସ୍ଥିତିକୁ ମୁକାବିଲା କରିବା ନିମନ୍ତେ ଏହି ସଂଗଠନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ ଭୂମିକା ନିର୍ବାହ କରିପାରିଥିଲା । ସାଂପ୍ରତିକ ପରିସ୍ଥିତିରେ ଏହି ସଂଗଠନ ଜନସାଧାରଣଙ୍କୁ ବର୍ହିଶତ୍ରୁ ଆକ୍ରମଣର ମୁକାବିଲା ଓ ପ୍ରସ୍ତୁତି କରିବା ସହିତ ପ୍ରାକୃତିକ ଓ ମନୁଷ୍ୟକୃତ ବିପର୍ଯ୍ୟୟ ସମ୍ମୁଖୀନ ହେବାକୁ ପ୍ରେରଣା ଯୋଗାଇଆସୁଅଛି । ଅଧିନିୟମ ଅନ୍ତର୍ଗତ ସଂଗଠନର ମୂଳଲକ୍ଷ୍ୟ ଓ ଉଦ୍ଦେଶ୍ୟକୁ ବଜାୟ ରଖି , ଏହି ବାହିନୀକୁ ବିପର୍ଯ୍ୟୟ ପରିଚାଳନାର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଅଛି ।

ଓଡିଶାର ପାଞ୍ଚଟି ସହର ଯଥା ଭୁବନେଶ୍ୱର , କୋରାପୁଟ , ପାରାଦୀପ , ରାଉରକେଲା ଏବଂ ତାଳଚେରରେ ବେସାମରିକ ପ୍ରତିରକ୍ଷା କାର୍ଯ୍ୟ କରୁଥିଲା । ବେସାମରିକ ପ୍ରତିରକ୍ଷା ପୁନଃନିର୍ମାଣ ଯୋଜନାନୁଯାୟୀ, ଭାରତ ସରକାରଙ୍କ ଦ୍ୱାରା ବାଲେଶ୍ୱର , ଭଦ୍ରକ , କେନ୍ଦ୍ରାପଡା , ଜଗତସିଂହପୁର ଓ ଢେଙ୍କାନାଳ ଭଳି ପାଞ୍ଚଟି ଜିଲ୍ଲାକୁ ବହୁମୁଖୀ ବିପର୍ଯ୍ୟୟ ପ୍ରବଣ ଜିଲ୍ଲା ଭାବରେ ଘୋଷଣା କରାଯାଇଅଛି । ଏହିପରି ଭାବରେ ଅନୁଗୁଳ ବାଲେଶ୍ୱର, ଭଦ୍ରକ, ଢେଙ୍କାନାଳ, ଜଗତସିଂହପୁର, କେନ୍ଦ୍ରାପଡା, ଖୋର୍ଦ୍ଧା, କୋରାପୁଟ ଓ ସୁନ୍ଦରଗଡ ଆଦି ନଅଗୋଟି ଜିଲ୍ଲାରେ ବେସାମରିକ ପ୍ରତିରକ୍ଷା କାର୍ଯ୍ୟକ୍ଷମ ହେଉଛି । ପୁନଶ୍ଚ ବେସାମରିକ ପ୍ରତିରକ୍ଷା ସଙ୍ଗଠନକୁ ବିପର୍ଯ୍ୟୟ ଓ ବିପତ୍ତି ହ୍ରାସ ଜନିତ କାର୍ଯ୍ୟକ୍ରମର ମୁଖ୍ୟ ସ୍ରୋତରେ ସାମିଲ କରିବା ନିମନ୍ତେ ଏକ ନୂତନ କାର୍ଯ୍ୟକ୍ରମ ରୂପାୟନ କରି ପୁରୀ ଓ ଗଞ୍ଜାମ ଜିଲ୍ଲାକୁ ମଧ୍ୟ ଏଥିସହିତ ସାମିଲ କରାଯାଇଅଛି ।

ବେସାମରିକ ପ୍ରତିରକ୍ଷା ସଂଗଠନରେ ତାଲିମ ପ୍ରଦାନ ଏକ ସ୍ୱତନ୍ତ୍ର ବୈଶିଷ୍ଟ୍ୟ ବହନ କରେ । ବିଭିନ୍ନ ଅଞ୍ଚଳରୁ ତଥା ବିଭିନ୍ନ ବର୍ଗରୁ ସ୍ୱେଚ୍ଛାସେବୀ ଗ୍ରହଣ କରି ବେସାମରିକ ପ୍ରତିରକ୍ଷା ସଂଗଠନ ମାଧ୍ୟମରେ ଜନସଚେତନତା ସହିତ ଏକୀଭୂତ ତାଲିମ ଶିବିରମାନ ଆୟୋଜନ କରାଯାଉଅଛି । ବେସାମରିକ ପ୍ରତିରକ୍ଷା ସଂଗଠନରେ ବିଭିନ୍ନ ବର୍ଗରେ କର୍ମଚାରୀ ଏବଂ ଅଧିକାରୀ ବୃନ୍ଦଙ୍କର ଘୋର ଅଭାବ ସତ୍ତ୍ୱେ ଉଭୟ ଅଗ୍ନିଶମ ଏବଂ ବେସାମରିକ ପ୍ରତିରକ୍ଷା ଏକୀକୃତ ଶାସନାଧୀନ ହୋଇଥିବାରୁ ଅଗ୍ନିଶମ ସେବା ବାହିନୀ ସହ ସମନ୍ୱୟ ରକ୍ଷାକରୀ କାର୍ଯ୍ୟକାରୀ ହେଉଅଛି । ବିଭିନ୍ନ ଶିକ୍ଷା ପ୍ରତିଷ୍ଠାନରେ ତାଲିମ କାର୍ଯ୍ୟକ୍ରମ କରାଯାଇ ଛାତ୍ରଛାତ୍ରୀ ଏବଂ ଜନସାଧାରଣଙ୍କୁ ବିପତ୍ତି ନିସ୍ତାର ଓ

ସୁରକ୍ଷା ଜନିତ ସଚେତନତା ସୃଷ୍ଟି କରାଯାଇଅଛି । ଓଏସଡିଏମଏ , ରାଜ୍ୟ ରେଡ କ୍ରସ ତଥା ଅନ୍ୟାନ୍ୟ ବେସରକାରୀ ସଂଗଠନ ସହଭାଗିତାରେ ବିପର୍ଯ୍ୟୟ ସମ୍ବନ୍ଧିତ ତାଲିମ କାର୍ଯ୍ୟକ୍ରମମାନ ମଧ୍ୟ ଆୟୋଜନ କରାଯାଇଅଛି ।

କୋଭିଡ – ୧୯ ଭୂତାଣୁ ଦ୍ୱାରା ବ୍ୟାପିଥିବା ମହାମାରୀର ପ୍ରାରମ୍ଭରୁ ସମ୍ପୃକ୍ତ ଜିଲ୍ଲା ପ୍ରଶାସନିଙ୍କ ନିର୍ଦ୍ଦେଶକ୍ରମେ ବେସାମରିକ ପ୍ରତିରକ୍ଷା ସ୍ୱେଚ୍ଛାସେବକଗଣ ତଦାରଖ, ସଂକ୍ରମଣ ଚିହ୍ନଟ ଓ ରୋଗୀ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିର ଖୋଜଖବର ନେବା ଉତ୍ୟାଦି କୋଭିଡ – ୧୯ ନିରାକରଣ କାର୍ଯ୍ୟରେ ସେବାପ୍ରଦାନ କରିଅଛନ୍ତି । ଏତଦ ବ୍ୟତୀତ ବିଭିନ୍ନ ଶାଖାରେ ବେସାମରିକ ପ୍ରତିରକ୍ଷା ସ୍ୱେଚ୍ଛାସେବୀମାନେ ଲକଡାଉନ ସମୟରେ ଗୋଷ୍ଠୀ ସଚେତନତା, ଖାଦ୍ୟ ବଣ୍ଟନ, ସର୍ବସାଧାରଣ ସ୍ଥାନରେ ପରିମଳକରଣ / ଜୀବାଣୁନାଶନ, ସଙ୍ଗରୋଧ କେନ୍ଦ୍ରର ତଦାରଖ ଓ ପରିଚ୍ଛାଳନା, ସାମାଜିକ ଦୂରତା ରକ୍ଷାରେ ପୋଲିସର ସହାୟତା, ପେନସନ ଭୋଗୀଙ୍କୁ ସୁରକ୍ଷିତ ଭାବେ ଧାଡିରେ ପଠାଇବା, ମାସ୍କ (ନୁଖା) ଓ ଗ୍ଲୋଭସ ବଣ୍ଟନ ଉତ୍ୟାଦିରେ ସେବାପ୍ରଦାନ କରିଛନ୍ତି । ବେସାମରିକ ପ୍ରତିରକ୍ଷା ସ୍ୱେଚ୍ଛାସେବୀଙ୍କର ଏତାଦୃଶ ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ଚଳିତ 2020-21 ବର୍ଷରେ ମହାମାନ୍ୟ ରାଷ୍ଟ୍ରପତିଙ୍କ ପ୍ରଦତ୍ତ ଗୃହରକ୍ଷୀ ଓ ବେସାମରିକ ପ୍ରତିରକ୍ଷା ଅତିବିଶିଷ୍ଟ ସେବାପଦକରେ ଏହି ସଂଗଠନର ଜଣେ ସ୍ୱେଚ୍ଛାସେବୀଙ୍କୁ ସମ୍ମାନିତ କରାଯାଉଛି ।

# ଷଷ୍ଠ ଅଧ୍ୟାୟ

## ୬. ଗୃହରକ୍ଷୀ ସଂଗଠନ

ଓଡିଶା ଗୃହରକ୍ଷୀ ସଂସ୍ଥା ନଭେମ୍ବର 11 ତାରିଖ 1961 ମସିହାରେ ପ୍ରତିଷ୍ଠା ହୋଇଥଲା । ଉକ୍ତ ସମସ୍ତ ଗୃହରକ୍ଷୀ ସ୍ୱେଚ୍ଛାସେବୀଗଣ ଓଡିଶା ପୁଲିସ ଓ ଅଗ୍ନୀଶ୍ରମ ସେବା ସଂସ୍ଥାର ଏକ ସହାୟକ ବିହିନୀ ଭାବେ ସମାଜ ତଥା ନାଗରିକଙ୍କୁ ନିଷ୍କାମ ସେବା ପ୍ରଦାନ କରିଆସୁଛନ୍ତି । ରାଜ୍ୟରେ ଗୃହରକ୍ଷୀ ସ୍ୱଚ୍ଛାସେବୀମାନେ ଆଇନ ଶୃଙ୍ଖଳା, ଅପରାଧ ନିରାକରଣ, ବିଶିଷ୍ଟ ବ୍ୟକ୍ତିମାନଙ୍କ ସୁରକ୍ଷା, ଟ୍ରାଫିକ ନିୟନ୍ତ୍ରଣ, ରାତ୍ରିକାଳୀନ ପ୍ରହରା ଇତ୍ୟାଦି କାର୍ଯ୍ୟ ସମ୍ପାଦନ କରିବାରେ ନିୟୋଜିତ ହୋଇଛନ୍ତି । ଓଡିଶା ସରକାର 1961 ମସିହାରେ ଓଡିଶା ଗୃହରକ୍ଷୀ ଅଧିନିୟମ ପ୍ରଣୟନ କରି ଏହି ବାହିନୀକୁ ଗଠନ କରିଥିଲେ । ପରେ ଏହାକୁ ସୁସଂଗଠିତ ସଂସ୍ଥାରେ ପରିଣତ କରିବା ପାଇଁ ସରକାର 1962 ମସିହାରେ ଓଡିଶା ଗୃହରକ୍ଷୀ ନିୟମାବଳୀ ପ୍ରବର୍ତ୍ତନ କରିଥିଲେ ।

ଆମ ରାଜ୍ୟରେ ବର୍ତ୍ତମାନ 17,675 ଜଣ ଗୃହରକ୍ଷୀ ଅଛନ୍ତି । ତନ୍ମଧ୍ୟରୁ 100 ଜଣ ଗୃହରକ୍ଷୀ ବିଭିନ୍ନ ଦେଶରୁ ଆସୁଥିବା ପରିଭ୍ରମଣକାରୀ ମାନଙ୍କର ସୁରକ୍ଷା ନିମନ୍ତେ ପୁରୀ ସମୁଦ୍ର କୂଳରେ ନିଯୁକ୍ତ ହୋଇଛନ୍ତି । 2020 ମସିହାରେ (ତା 31.10.2020 ରିଖ ସୁଦ୍ଧା) ଜୀବନ ରକ୍ଷାକାରୀ ଗୃହରକ୍ଷୀମାନେ 101 ଟି ଉଦ୍ଧାର ଡାକରା ପାଇଛନ୍ତି ଏବଂ ସେମାନଙ୍କର ଉତ୍ସର୍ଗୀକୃତ ଉଦ୍ୟମ ପାଇଁ 120 ଜଣ ଜନସାଧାରଣଙ୍କ ଜୀବନ ସମୁଦ୍ର ପାଣିରୁ ରକ୍ଷା ହୋଇପାରିଛି ।

ବର୍ତ୍ତମାନ ଦେଖାଦେଇଥିବା କୋଭିଡ ମହାମାରୀ ସମୟରେ ଗୃହରକ୍ଷୀ ମାନେ ଆଗଧାଡିରେ କୋଭିଡ ଯୋଦ୍ଧା ଭାବରେ ଉଲ୍ଲେଖନୀୟ ଓ ଉତ୍ସର୍ଗୀକୃତ ସେବା ପ୍ରଦାନ କରିଛନ୍ତି । ଚଳିତ ବର୍ଷ ଘଟିଥିବା ସାମୁଦ୍ରିକ ଝଡ "ଅମ୍ଫାନ" ସମୟରେ ଜନସାଧାରଣଙ୍କୁ ସହାୟତା ଓ ଉଦ୍ଧାର କାର୍ଯ୍ୟରେ ସେମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି ।

ସାଧାରଣତନ୍ତ୍ର ଦିବସ 2020 ଅବସରରେ ଭଦ୍ରକ ଜିଲ୍ଲାର ଗୃହରକ୍ଷୀ କମ୍ପାନୀ କମାଣ୍ଡର ଶ୍ରୀ ବରୁଣ କୁମାର ମିତ୍ର ଓ କନ୍ଧମାଳ ଜିଲ୍ଲାର ଗୃହରକ୍ଷୀ ଶ୍ରୀ ସିଦ୍ଧାର୍ଥ ଶଙ୍କର ପତିଙ୍କୁ ସେମାନଙ୍କର ଉଲ୍ଲେଖନୀୟ ସେବା ପାଇଁ ମାନ୍ୟବର ରାଷ୍ଟ୍ରପତି ମହୋଦୟ ପ୍ରସନ୍ନ ହୋଇ ଯଥାକ୍ରମେ "ଗୃହରକ୍ଷୀ ଓ ବେସାମରିକ ପ୍ରତିରକ୍ଷା ବିଶିଷ୍ଟ ସେବା ପଦକ " ଓ "ଗୃହରକ୍ଷୀ ଓ ବେସାମରିକ ପ୍ରତିରକ୍ଷା ପ୍ରଶଂସନୀୟ ସେବା ପଦକ" ପ୍ରଦାନ କରିଛନ୍ତି । ଏତଦ ବ୍ୟତୀତ, 2020 ମସିହା ସ୍ୱାଧୀନତା ଦିବସ ଉପଲକ୍ଷେ ଏହି ରାଜ୍ୟର 4 ଜଣ ଗୃହରକ୍ଷୀ ଯଥା ଶ୍ରୀମତୀ ଗୀତାରାଣୀ ବେହେରା, ମହିଳା ଗୃହରକ୍ଷୀ, ଢେଙ୍କାନାଳ ଜିଲ୍ଲା, ଶ୍ରୀ ଅରୁଣ କୁମାର ସାହୁ ଗୃହରକ୍ଷୀ ଅନୁଗୁଳ ଜିଲ୍ଲା, ଶ୍ରୀ ପ୍ରଦୀପ କୁମାର ଦାସ, ଗୃହରକ୍ଷୀ କଟକ

ଜିଲ୍ଲା ଓ ଶ୍ରୀ ବିଷ୍ଣୁ ଚରଣ ଭୁଜବଳ, ଗୃହରକ୍ଷୀ ପ୍ଲାଟୁନ କମାଣ୍ଡର, ରାଉରକେଲାଙ୍କୁ ସେମାନଙ୍କର ଉଲ୍ଲେଖନୀୟ ସେବା ପାଇଁ ମାନ୍ୟବର ରାଷ୍ଟ୍ରପତି ମହୋଦୟ ପ୍ରସନ୍ନ ହୋଇ ଗୃହରକ୍ଷୀ ଓ ବେସାମରିକ ପ୍ରତିରକ୍ଷା ପ୍ରଶଂସନୀୟ ସେବା ପଦକ ପ୍ରଦାନ ପାଇଁ ଘୋଷଣା କରିଛନ୍ତି ।

# ସପ୍ତମ ଅଧ୍ୟାୟ

## ୭. ନ୍ୟାୟପାଳିକା

## ୭.୧ ଭିତ୍ତିଭୂମି

ନ୍ୟାୟପାଳିକା ଅନୁଷ୍ଠାନରେ ଭିତ୍ତିଭୂମିର ସୁବିଧାସୁଯୋଗ ମୁଖ୍ୟ ଗୁରୁତ୍ୱ ବହନ କରେ । ଦୂର ଦୂରାନ୍ତ ଅଞ୍ଚଳରେ ନ୍ୟାୟ ପ୍ରଦାନ ଓ ନ୍ୟାୟପ୍ରଦାନ ବ୍ୟବସ୍ଥାର ଆନୁଷ୍ଠାନିକ ଉପସ୍ଥିତି ଏକ ଅପରିହାର୍ଯ୍ୟ ପ୍ରସ୍ତାବ । ତେଣୁ ରାଜ୍ୟସରକାର ନ୍ୟାୟପାଳିକାର ଭିତ୍ତିଭୂମି ବିକାଶ ଉପରେ ଗୁରୁତ୍ୱ ଦେଉଛନ୍ତି । ଏଥି ନିମିତ୍ତ ୨୦୨୦–୨୧ ଆର୍ଥିକ ବର୍ଷରେ ରାଜ୍ୟ ସରକାର ୧୨୭.୭୫ କୋଟି ଟଙ୍କାର ବ୍ୟୟବରାଦ ନିଜସ୍ୱ ଯୋଜନାରେ କରିଛନ୍ତି । ସେହିଭଳି କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନାରେ ରାଜ୍ୟ ସରକାର ୬୯.୮୧ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି । ୨ଟି କୋର୍ଟ ବିଲ୍ଡିଂ, ୧୬ ଗୋଟି କୋର୍ଟ ହଲ୍ , ନ୍ୟାୟାଧୀଶ ଓ କର୍ମଚାରୀମାନଙ୍କ ପାଇଁ ୩୦ ଟି ବାସଗୃହ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି । ୩୧.୦୩.୨୦୨୧ ସୁଦ୍ଧା ୮୪ଟି କୋର୍ଟ ବିଲ୍ଡିଂ ୧୪୪ ଟି ବାସଗୃହ ନିର୍ମାଣ କାର୍ଯ୍ୟ ଶେଷହେବାପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏହି ଆର୍ଥିକ ବର୍ଷରେ ୧୯ ଟି କୋର୍ଟ ହଲ୍ ରେ CCTV ବ୍ୟବସ୍ଥା କରାଯାଇଛି । ସଂବେଦନଶୀଳ ସାକ୍ଷୀ ମାନଙ୍କପାଇଁ ୬ ଗୋଟି ସଂବେଦନଶୀଳ ସାକ୍ଷୀ କେନ୍ଦ୍ର ବୌଦ୍ଧ, କଟକ,ଢେଙ୍କାନାଳ, ଯାଜପୁର, ଖୋର୍ଦ୍ଧା ଓ ସୋନ୍‌ପୁର ଠାରେ ଖୋଲାଯାଇଛି ।

## ୭.୨ ନୂତନ ଓ ସ୍ୱତନ୍ତ୍ର ଅଦାଲତ ପ୍ରତିଷ୍ଠା

ସମାଜର ମୂଳସ୍ତରରେ ଏବଂ ସବୁବର୍ଗର ଲୋକଙ୍କ ପାଖରେ ନ୍ୟାୟ ପହଞ୍ଚାଇବାରର ଅଙ୍ଗୀକାରବଦ୍ଧତା ସରକାର ପୁନରାବୃତ୍ତି କରିଛନ୍ତି । ନ୍ୟାୟସେବା ପରିସରକୁ ଅଧିକ ବ୍ୟାପକ କରିବାପାଇଁ ସରକାର ୨ ଗୋଟି ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ, ୧ ଗୋଟି ଗ୍ରାମ ନ୍ୟାୟାଳୟ ୧ ଗୋଟି ସିନିୟର ସିଭିଲ୍ ଜଜ୍ କୋର୍ଟ ପ୍ରତିଷ୍ଠା କରିଛନ୍ତି । ଏହି ସମୟ ମଧ୍ୟରେ ୧ ଗୋଟି ଗ୍ରାମ ନ୍ୟାୟାଳୟ ଓ ୫ ଟି ସିନିୟର ସିଭିଲ୍ ଜଜ୍ କୋର୍ଟ କାର୍ଯ୍ୟକ୍ଷମ କରାଯାଇଛି । ଅନୁରୂପ ଭାବରେ କମର୍ସିଆଲ କୋର୍ଟ ଆକ୍ଟ ୨୦୧୫ ବଳରେ କଟକ, ଗଞ୍ଜାମ, ଖୋର୍ଦ୍ଧା ଓ ସମ୍ବଲପୁର ଠାରେ ୪ ଟି ସ୍ୱତନ୍ତ୍ର କୋର୍ଟ ପ୍ରତିଷ୍ଠା କରାଯାଇଛି । ଇତ୍ୟବସରରେ, ୫୬୨୮ ଦେୱାନୀ ଓ ୪୨୩୨୪ ଫୌଜଦାରୀ ମାମଲା ଫଇସଲା ହୋଇଯାଇଛି ।

## ୭.୩ କୋର୍ଟ ଆଧୁନିକୀକରଣ

ବର୍ତ୍ତମାନ ଯୁଗର ଚାହିଦା ସହିତ ତାଳ ଦେଇ ଚାଲିବାପାଇଁ ସରକାର କୋର୍ଟ ସଂଗଠନର ଆଧୁନିକୀକରଣ ଉପରେ ଗୁରୁତ୍ୱ ପ୍ରଦାନ କରିଆସୁଛନ୍ତି । ଆଭାସୀ ପ୍ରକ୍ରୀୟାରେ କୋର୍ଟ କେସ୍‌ଗୁଡିକର ଶୁଣାଣି ଏବଂ ବିଚାରପାଇଁ ଓଡିଶା ଉଚ୍ଚ ନ୍ୟାୟାଳୟରେ ୧୦୦ ଏମ.ବି.ପି.ଏସ କ୍ଷିପ୍ରତା ସମ୍ପନ୍ନ ଇଣ୍ଟରନେଟସେବା ନିମିତ୍ତ ସରକାର ୩୬.୬୦ ଲକ୍ଷ ବ୍ୟୟ ଅଟକଳର ଏକ କାର୍ଯ୍ୟକ୍ରମ ହାତକୁନେଇଛନ୍ତି । ୩୦ ଗୋଟି ଜିଲ୍ଲା ଜଜସିପରେ ଏହି ସମକକ୍ଷ ସେବା ଉପଲବ୍ଧକରିବାପାଇଁ ଯୋଜନାଅଛି । ଏଥିନିମନ୍ତେ ୭୫ ଜଣ କୁଶଳୀ ଟେକ୍‌ନିକାଲ କର୍ମଚାରୀଙ୍କୁ ଠିକାଭିତ୍ତିକ ନିଯୁକ୍ତିପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି । କୋର୍ଟ କଚେରୀ ମାମଲା ସମ୍ବନ୍ଧୀୟ କାଗଜପତ୍ର ସହଜଲଭ୍ୟ କରିବାପାଇଁ ସ୍କାନିଂ ଓ ଡିଜିଟାଇଜେସନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଏହି କାର୍ଯ୍ୟକ୍ରମର ତଦାରଖ କରିବାପାଇଁ ମାନ୍ୟବର ଉଚ୍ଚ ନ୍ୟାୟାଳୟର ୨୦ ଜଣ ସେବାନିବୃତ୍ତ କର୍ମଚାରୀଙ୍କୁ ଏକ ବର୍ଷ ନିମନ୍ତେ ଠିକାଭିତ୍ତିକ ନିଯୁକ୍ତିଦିଆଯାଇଛି । ସୁବିଧା ସୁଯୋଗ ମଧ୍ୟ ଇ–କୋର୍ଟ କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟ ମାଧ୍ୟମରେ ଯୋଗାଇଦିଆଯାଇଛି ।

## ୭.୪ ଓଡିଶା ଜୁଡିସିଆଲ ଏକାଡେମି

ନ୍ୟାୟବିଭାଗୀୟ ଅଧିକାରୀମାନଙ୍କୁ ତାଲିମଦେବାରେ ଓଡିଶା ଜୁଡିସିଆଲ ଏକାଡେମୀ ଏକ ଅଗ୍ରଣୀ ସଂସ୍ଥା । ନ୍ୟାୟବିଭାଗୀୟ ଅଧିକାରୀମାନଙ୍କୁ ସେମାନଙ୍କ ନ୍ୟାୟସେବା ସମୟରେ ମଧ୍ୟବର୍ତ୍ତୀକାଳୀନ ତାଲିମ, ନୂତନଭାବେ ନିଯୁକ୍ତ ଅଧିକାରୀମାନଙ୍କୁ ତାଲିମ ତଥା ଅନେକଗୁଡିଏ ସ୍ୱଳ୍ପମିଆଦୀ ତାଲିମ ଏହି ଏକାଡେମୀରେ ପ୍ରଦାନ କରାଯାଉଛି । ଏତଦ୍‌ବ୍ୟତୀତ ନ୍ୟାୟପ୍ରଦାନ କ୍ଷେତ୍ରରେ ନୂତନ ବିଚାରଧାରା ଉପରେ ଏହି ସଂସ୍ଥା କର୍ମଶାଳା ଓ ପାଠଚକ୍ର ଆୟୋଜନ କରୁଛନ୍ତି । ଏହି ଏକାଡେମୀ ଦ୍ୱାରା ୨୦୨୦–୨୧ ରେ ୩ ଟି ମଧ୍ୟବର୍ତ୍ତୀକାଳୀନ ତାଲିମ, ନୂତନଭାବେ ନିଯୁକ୍ତ ଅଧିକାରୀମାନଙ୍କ ପାଇଁ ୩ ଟି କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ୧୪୬ ଜଣ ନ୍ୟାୟଧୀଶଙ୍କୁ ତାଲିମ ପ୍ରଦାନକରାଯାଇଛି ।

# ଅଷ୍ଟମ ଅଧ୍ୟାୟ

## ୮. ନିର୍ବାଚନ

ସ୍ୱତନ୍ତ୍ର ଚିଠା ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ , ୦୧.୦୧.୨୦୨୦ ସମ୍ବନ୍ଧରେ ଚୂଡାନ୍ତ ଭୋଟର ତାଲିକା ୧୫.୦୨.୨୦୨୦ ରେ ପ୍ରକାଶିତ ହୋଇଥିଲା।୩୧ ଅକ୍ଟୋବର , ୨୦୨୦ ପର୍ଯ୍ୟନ୍ତ ଇଲେକ୍ଟୋରାଲ୍ ରୋଲ୍ସର ନିରନ୍ତର ଅଦ୍ୟତନ କରାଯାଇଥିଲା। ମୋଟ ୫୦୦୩୬ ଭୋଟରଙ୍କ ନାମ ଭୋଟର ତାଲିକାରେ ସଂଯୋଗ କରାଯାଇଥିଲା , ୯୧୮୦୨ ଭୋଟରଙ୍କ ତଥ୍ୟ ପରିବର୍ତ୍ତନ କରାଯାଇଥିଲା, ୧,୮୧,**୧୬୯** ଭୋଟରଙ୍କ ନାମକୁ ଭୋଟର ତାଲିକାରୁ ବାଦ ଦିଆଯାଇଥିଲାଏବଂ କ୍ରମାଗତ ଅଦ୍ୟତନ ସମୟରେ ୭୩୦ ଭୋଟରଙ୍କ ତଥ୍ୟକୁ ସ୍ଥାନାନ୍ତରଣ କରାଯାଇଥିଲା | ଭୋଟର ତାଲିକାରେ ମୋଟ ୩,୨୩,୭୯,୦୯୭ ଭୋଟର ଥିଲେ, ଏଥି ମଧ୍ୟରୁ ୧,୬୫,୬୧,୫୭୨ ପୁରୁଷ, ୧,୫୮,୧୪,୫୫୮ ମହିଳା ୨୯୬୭ ତୃତୀୟ ଲିଙ୍ଗ ଅଟନ୍ତି |

୨୦୨୦ନିର୍ବାଚନ ତାଲିକାର ଅନ୍ତିମ ପ୍ରକାଶନ, ୧୫.୦୨.୨୦୨୦ ସମୟରେ,୨୫୨୩୩୨ ଡେମୋଗ୍ରାଫିକ ସୀମିଲ୍ଲାର ଏଣ୍ଟ୍ରି ଗୁଡିକ ) ରୋଲରେ ଏକରୁ ଅଧିକ ଏଣ୍ଟ୍ରି ଥିବା ବ୍ୟକ୍ତି (ମାମଲା ଥିଲା ଯାହାକି ପ୍ରାକ-ସଂଶୋଧନ କାର୍ଯ୍ୟକଳାପ ସମୟରେ ୭୭୯୬୦ କୁ ହ୍ରାସ କରାଯାଇଥିଲା |

୧୫.୦୨.୨୦୨୦ ରେ ୨୦୨୦ ର ରୋଲ୍ସର ଅନ୍ତିମ ପ୍ରକାଶନ ସମୟରେ , ରୋଲଗୁଡିକରେ ୫୭୩୫୬ ଲଜିକାଲ୍ ତ୍ରୁଟି ରହିଥିଲା ଯାହା ପ୍ରାକ -ସଂଶୋଧନ କାର୍ଯ୍ୟକଳାପ ସମୟରେ ୨୩୯୬୪ କୁ ହ୍ରାସ କରାଯାଇଥିଲା |

ସେହିପରି , ଶ୍ରୀ ମଦନ ମୋହନ ଦତ୍ତ , ମାନ୍ୟବର ପୂର୍ବତନ ବିଧାନ ସଭା ସଦସ୍ୟ , ୩୮ – ବାଲେଶ୍ୱର ନିର୍ବାଚନ ମଣ୍ଡଳୀ ଓ ଶ୍ରୀ ବିଷ୍ଣୁ ଚରଣ ଦାସ , ମାନ୍ୟବର ପୂର୍ବତନ ବିଧାନସଭା ସଦସ୍ୟ, ୧୦୨ – ତିର୍ତୋଲ (SC) ନିର୍ବାଚନ ମଣ୍ଡଳୀ ଙ୍କର ଅକାଳ ବିୟୋଗ ଯୋଗୁ ଓଡିଶା ବିଧାନସଭାରେ ୨ ଗୋଟି ବିଧାନସଭା ସଦସ୍ୟ ପଦ ଖାଲି ହୋଇଥିଲା । ଓଡିଶା ବିଧାନସଭାର ୨ ଗୋଟି ସଦସ୍ୟ ପଦ ଖାଲି ହୋଇଥିବା ବିଷୟ ଭାରତ ନିର୍ବାଚନ ଆୟୋଗଙ୍କୁ ଜଣାଇ ଦିଆଯାଇଥିଲା ।ପରବର୍ତ୍ତୀ ପ୍ରସ୍ତୁତି କାର୍ଯ୍ୟାନୁଷ୍ଠାନ ସ୍ୱରୁପ ଅନ୍ୟ ରାଜ୍ୟରୁ ଏମ୍-୩ ମଡେଲ୍ ଇ.ଭି.ମ୍. ଓ ଭି.ଭି.ପି.ଏ.ଟି. ମେସିନ୍ ଏବଂ ଇ.ସି.ଆଇ.ଏଲ. ରୁ ଥର୍ମାଲ୍ ପେପର ରୋଲ୍ ଓ ପାୱାର ପ୍ୟାକ୍ (ବ୍ୟାଟେରୀ) ଉପ-ନିର୍ବାଚନ ୨୦୨୦ ରେ ବ୍ୟବହାର ପାଇଁ କିଣାଯାଇଥିଲା । ବିଭିନ୍ନ ପ୍ରକାର ଲଫାଫା , ଫାରମ୍ , ଭୋଟର ଚିରିକୁଟ୍ , ମାନୁଆଲ୍ ଓ ବହି ଇତ୍ୟାଦି ଉପ – ନିର୍ବାଚନରେ ବ୍ୟବହାର ନିମନ୍ତେ ସରକାରୀ ଛାପାଖାନା,କଟକ ଠାରେ ଛପାଇବାର ବନ୍ଦୋବସ୍ତ କରାଯାଇଥିଲା । ଉପ-ନିର୍ବାଚନର

ସୁପରିଚାଳନା ନିମନ୍ତେ ଡେପୁଟେସନରେ ଇ.ସି.ଆଇ.ଏଲ. (E.C.I.L.) ରୁ ଆସିଥିବା ଇଞ୍ଜିନିୟର ଓ ବାଲେଶ୍ୱର ଏବଂ ଜଗତସିଂହପୁର ଜିଲ୍ଲାର କର୍ମଚାରୀଙ୍କ ସହାୟତାରେ ଇ.ଭି.ମ୍. ଓ ଭିଭିପିଏଟି ଗୁଡିକର (FLC) ପ୍ରାଥମିକ ଯାଞ୍ଚ୍ କରାଗଲା ।

ଓଡିଶା ବିଧାନସଭା ର ଖାଲି ପଡିଥିବା ସ୍ଥାନ ୩୮- ବାଲେଶ୍ୱର ଓ ୧୦୨- ତିର୍ତୋଲ ( SC) ନିର୍ବାଚନ ମଣ୍ଡଳୀ ର ବିଧାନସଭା ସଦସ୍ୟପଦ ପୂରଣ ନିମନ୍ତେ ହେବାକୁଥିବା ଉପ –ନିର୍ବାଚନ ବିଷୟରେ ଭାରତ ନିର୍ବାଚନ ଆୟୋଗ ତାଙ୍କ ପ୍ରେସ୍ ନୋଟ୍ ତା. ୨୯ -୦୯ -୨୦୨୦ ରିଖ ରେ ଘୋଷଣା କରିଥିଲେ । କୋଭିଡ଼ ( COVID-19) ମହାମାରୀ ସାରା ଦେଶରେ ତଥା ରାଜ୍ୟରେ ତାର କାୟାବିସ୍ତାର କରିଥିବାବେଳେ ଭୟ ଓ ଆହ୍ୱାନ୍ ମଧ୍ୟରେ ନିର୍ବାଚନ ପରିଚାଳନା କରାଇବାର ଏହା ସର୍ବପ୍ରଥମ ଅନୁଭୂତି ଥିଲା ।ତେଣୁ ଉଭୟ ଉପ-ନିର୍ବାଚନ ହେବା ସମୟରେ କୋଭିଡ଼-୧୯ (COVID- 19) ମହାମାରୀ କୁ ଦୃଷ୍ଟିରେ ରଖି ସତର୍କତା ମୂଳକ ପଦକ୍ଷେପ ନିଆଯାଇଥିଲା । କୋଭିଡ଼-୧୯ (COVID- 19) ମହାମାରୀ କୁ ଦୃଷ୍ଟିରେ ରଖି ଆୟୋଗଙ୍କ ତରଫରୁ ନିର୍ବାଚନ ପରିଚାଳନା ନିମନ୍ତେ ବ୍ୟାପକ କୋଭିଡ଼-୧୯ (COVID- 19) ନିୟମାବଳୀ ଜାରି କରଯାଇଥିଲା । ତଦନୁସାରେ ମତଦାନ କେନ୍ଦ୍ରପିଛା ସର୍ବାଧିକ ୧୦୦୦ ମତଦାତା ସୀମିତ ରଖି ଅଧିକ Auxiliary ମତଦାନକେନ୍ଦ୍ର ଉଭୟ ବିଧାନସଭା ମଣ୍ଡଳୀ ରେ ଗଠନ କରାଯାଇଥିଲା ଏବଂ ୩୮– ବାଲେଶ୍ୱର ବିଧାନସଭା ମଣ୍ଡଳୀରେ ୩୪୬ ଟି ଓ ୧୦୨ - ତିର୍ତୋଲ ( SC) ବିଧାନସଭା ମଣ୍ଡଳୀରେ ୩୭୩ ଟି ମତଦାନ କେନ୍ଦ୍ର ଗଠିତ ହୋଇଥିଲା । ମତଦାନ ପାଇଁ ବାଲେଶ୍ୱର ବିଧାନସଭା ମଣ୍ଡଳୀରେ ମୋଟ୍ ୨,୨୬,୫୮୨ ଜଣ ଓ ୧୦୨- ତିର୍ତୋଲ ( SC) ବିଧାନସଭା ମଣ୍ଡଳୀରେ ୨ ,୩୯,୦୬୨ ଜଣ ମତଦାତାଙ୍କ ନାମ ଭୋଟ ଦେବା ପାଇଁ ପଞ୍ଜୀକରଣ ହୋଇଥିଲା ।

ନିର୍ବାଚନ ଆୟୋଗ ,ନୂଆଦିଲ୍ଲୀଙ୍କ ନିର୍ଦ୍ଦେଶାନୁସାରେ ଇନ୍ଡେଲିବୁଲ୍ ଇଙ୍କ୍ ଏବଂ କୋଭିଡ୍-୧୯ ନିରାପତ୍ତା ଓ ନିରାକରଣ ସାମଗ୍ରୀ ଯଥା:- ମାସ୍କ ,ଫେସ୍ ସିଲଡ୍,ଗ୍ଲୋବସ୍,ବିଶୋଧକ ସାମଗ୍ରୀ ଇତ୍ୟାଦି କ୍ରୟ କରାଯାଇଥିଲା । ପ୍ରଥମକରି ନିର୍ବାଚନ ଆୟୋଗ ୮୦ ବର୍ଷରୁ ଉର୍ଦ୍ଧ ବୟସ୍କ ଭୋଟର, ଦିବ୍ୟାଙ୍ଗ ଭୋଟର ଓ କୋଭିଡ୍ ଆକ୍ରାନ୍ତ ସନ୍ଦିଗ୍ଧ ଭୋଟରଙ୍କ ମତଦାନପାଇଁ ପୋଷ୍ଟାଲ ବାଲାଟ୍ ବକ୍ସ ବ୍ୟବସ୍ଥା ପ୍ରଚଳନ କରିଥିଲେ ଓ ମାର୍ଗଦର୍ଶିକାଜାରୀ କରିଥଲେ । ଏହାକୁ ଆଖିଆଗରେ ରଖି ଏହି ଶ୍ରେଣୀର ଭୋଟରମାନଙ୍କ ପାଇଁ ବିଶଦ ବନ୍ଦୋବସ୍ତ କରାଯାଇଥିଲା।

ମତଦାତାଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ଯାଇ କିଭଳି ଭାବରେ କୋଭିଡ୍ ନିୟମ ମାନି ଭୋଟ୍ ପ୍ରଦାନ କରିବେ ସେଥିପାଇଁ ବିଜ୍ଞାପନ ପ୍ରକାଶନ କରାଯାଇଥିଲା । ନିର୍ବାଚନ ଆୟୋଗ,ନୂଆଦିଲ୍ଲୀ ତା-୦୯.୧୦.୨୦୨୦ ଦିନ ଉପନିର୍ବାଚନ ସମ୍ବନ୍ଧୀୟ କାର୍ଯ୍ୟସୂଚୀ ପ୍ରକାଶନ କରିଥିଲେ ।

ନିର୍ବାଚନ ସମ୍ବନ୍ଧୀୟ ବିଭିନ୍ନ ବିଷୟ ଗୁଡିକରେ ଅବଗତ କରାଇବା ପାଇଁ ରାଜ୍ୟସ୍ତରୀୟ ଓ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମମାନ ପାଇଁ ରାଜ୍ୟସ୍ତରୀୟ ଓ ଜିଲ୍ଲାସ୍ତରୀୟ ପ୍ରଶିକ୍ଷକମାନଙ୍କ ଜରିଆରେ ଅନୁଷ୍ଠିତ କରାଯାଇଥିଲା।

ତଦନୁଯାୟୀ ରାଜ୍ୟ ମୁଖ୍ୟନିର୍ବାଚନ ଅଧିକାରୀଙ୍କ ଦ୍ୱାରା ସର୍ବାସାଧାରଣଙ୍କ ଅବଗତି ନିମିତ୍ତ ଓଡିଶା ରାଜ୍ୟ ରାଜପତ୍ରରେ ଏହାର ପ୍ରକାଶନ କରାଯାଇଥିଲା। ନିର୍ବାଚନ ଆୟୋଗଙ୍କ ସମୟାନୁ କ୍ରମେ ବିଭିନ୍ନ ପ୍ରକାରର ନିର୍ଦ୍ଦେଶାବଳୀର ଅନୁପାଳନ କରି-ମଦବିକ୍ରୀନିଷେଧ ଦିବସ, ଏକ ଜିଓ୍ବୋଲ୍ମାର୍ଗ ଦର୍ଶିକା,ଫାରମ୍-୭ (କ) ରର ଯାଞ୍ଚ ଓ ବାଲଟ ପେପର ମୁଦ୍ରଣ ଆବଣ୍ଟନ ଇତ୍ୟାଦି କରାଯାଇଥିଲା। ଆୟୋଗଙ୍କ ନିର୍ଦ୍ଦେଶାନୁକ୍ରମେ ଯଥାବିଧି ନିର୍ବାଚନ ସମ୍ବଧୀୟ କାର୍ଯ୍ୟକ୍ରମ ଗୁଡିକ ସଠିକ୍ ଭାବରେ ମୁଖ୍ୟ ନିର୍ବାଚନ ଅଧିକାରୀ , ଓଡିଶାଙ୍କ ତରଫରୁ କରାଯାଇଥିଲା । ତା-୦୩.୧୧.୨୦୨୦ ରିଖ ଦିନ ଉଭୟ ନିର୍ବାଚନ ମଣ୍ଡଳୀରେ ମତଦାନ ପାଖାପାଖି 70% ମତଦାନ ହୋଇଥିଲା ଏବଂ ତା-୧୦.୧୧.୨୦୨୦ ରିଖ ଦିନ ଭୋଟ୍ ଗଣତି ସମ୍ପନ୍ନ କରାଯାଇଥିଲା ଏବଂ ଉଭୟ ନିର୍ବାଚନର ଗଣତି ଫଳାଫଳ ଘୋଷଣା କରାଯାଇଥିଲା । ରିଟର୍ଣ୍ଣିଂଙ୍ଗ୍ ଅଧିକାରୀଙ୍କ ଦ୍ୱାରା ନିର୍ବାଚନ ଫଳାଫଳ ଘୋଷଣା ପରେ, ୩୮-ବାଲେଶ୍ୱର ଏବଂ ୧୦୨- ତିର୍ତ୍ତୋଲ୍ ( SC) ନିର୍ବାଚନ ମଣ୍ଡଳୀର ଇଣ୍ଡେକ୍ସ କାର୍ଡ , ଫର୍ମ-୨୧ଡି ଏବଂ ୨୧ଇ ଭାରତ ନିର୍ବାଚନ ଆୟୋଗ, ନୂଆଦିଲ୍ଲୀଙ୍କୁ ପ୍ରେରଣ କରାଯାଇଥିଲା ।

ଦୃଷ୍ଟିହୀନ ଭୋଟରମାନଙ୍କ ପାଇଁ ବ୍ରହ୍ମପୁରସ୍ଥିତ ବ୍ରେଲି ଛପାଖାନାରେ ବ୍ରେଲି ନମୁନା ବାଲାଟ ପେପର ଛପାଯାଇ ଦୁଇଗୋଟି ବିଧାନସଭା ନିର୍ବାଚନ ମଣ୍ଡଳୀକୁ ବିତରଣ କରାଯାଇଥିଲା। ଉପ-ନିର୍ବାଚନର ପ୍ରକ୍ରିୟା ଶୃଙ୍ଖଳିତ ଭାବେ ପରିଚାଳନା ପାଇଁ ବିଭିନ୍ନ ପ୍ରକାରର ନିୟନ୍ତ୍ରଣ ପରିଚାଳନା କକ୍ଷ (CELL) ମାନଯଥା- ନିର୍ବାଚନ ଖର୍ଚ୍ଚ ପରିଚାଳନାକକ୍ଷ, ଗଣମାଧମ ପର୍ଯ୍ୟବେକ୍ଷଣକକ୍ଷ, ଆଦର୍ଶ ଆଚରଣ ବିଧିକକ୍ଷ, ପର୍ଯ୍ୟବେକ୍ଷକକକ୍ଷ, ଯାନବାହନ ଅନୁମତି ପ୍ରଦାନ କକ୍ଷ ଇତ୍ୟାଦି ଖୋଲାଯାଇଥିଲା।

# ନବମ ଅଧ୍ୟାୟ

## ୯. ରାଜ୍ୟ ସୈନିକ ବୋର୍ଡ

**ଉପକ୍ରମ –**

ରାଜ୍ୟ ସମସ୍ତ ପୂର୍ବତନ ସାମରିକ କର୍ମଚାରୀ, ଯୁଦ୍ଧ ବିଧବା, ଅକ୍ଷମ ସାମରିକ କର୍ମଚାରୀ ଏବଂ ମୃତ କର୍ମଚାରୀମାନଙ୍କ ପରିବାର ବର୍ଗଙ୍କର ଉପଯୁକ୍ତ ଥଇଥାନ, ପୁନଃର୍ବାସ ଏବଂ ସେମାନଙ୍କ ସାମାଜିକ ଓ ଆର୍ଥିକ କଲ୍ୟାଣ ସାଧନା ହେଉଛି ସୈନିକ ବୋର୍ଡର ମୁଖ୍ୟ ଲକ୍ଷ ଏବଂ ଉଦ୍ଦେଶ୍ୟ ।ଏହି ବୋର୍ଡ ସଦାସର୍ବଦା ଉକ୍ତ କର୍ମଚାରୀ ଓ କର୍ମଚାରୀଙ୍କ ପରିବାର ସହ ଆଲୋଚନା କରିବା ସହିତ ପେନସନ୍ ଅଦାଲତ, ନିଯୁକ୍ତି ରାଲି, ସଚେତନା ଶିବିର ସଂଯୋଜନା କରିଥାନ୍ତି । ବର୍ତ୍ତମାନ ରାଜ୍ୟରେ ଥିବା ୮ ଗୋଟି ଜିଲ୍ଲା ସୈନିକ ବୋର୍ଡ ଏହି ଉଦ୍ଦେଶ୍ୟରେ ପରିଚାଳିତ ଓ ଏହି ବୋର୍ଡ ଗୁଡିକ ୪୮,୩୬୮ ରୁ ଅଧିକ ପୂର୍ବତନ ସୈନିକ ଏବଂ ସେମାନଙ୍କ ପରିବାରଙ୍କ ପାଇଁ ଉତ୍ସର୍ଗୀକୃତ । ଦୀର୍ଘ ଏକ ବର୍ଷ ହେଲା ଜିଲ୍ଲା ସୈନିକ ବୋର୍ଡ ମାନଙ୍କରେ ସେକ୍ରେଟାରୀ ଏବଂ ଷ୍ଟାଫମାନଙ୍କ ଅଭାବ ଫଳରେ ଭୂତପୂର୍ବ ସୈନିକମାନଙ୍କ କଲ୍ୟାଣ କାର୍ଯ୍ୟରେ ଏକ ଗମ୍ଭୀର ପରିସ୍ଥିତି ସୃଷ୍ଟି ହୋଇଛି । ଏହି ସମ୍ବନ୍ଧରେ ଓଡ଼ିଶା ସରକାର ଗୃହ ବିଭଗକୁ ଚିଠି ଦ୍ଵଆରା ବାରମ୍ବାର ଅବଗତ କରାଯାଇଛି । କିନ୍ତୁ ଏହାର କୌଣସି ପ୍ରକାର କରାଯାଇ ନାହିଁ ।

୨୦୨୦–୨୧ ବର୍ଷରେ ରାଜ୍ୟ ସୈନିକ ବୋର୍ଡ ହାସଲ କରିଥିବା ସଫଳତା ନିମ୍ନରେ ପ୍ରଦାନ କରାଗଲା ।

**(କ) ଶିକ୍ଷା ସହାଯତା ରାଶି ଟ.** ୧୨, ୦୦୦/–

ପୂର୍ବତନ ସୈନିକ ତଥା ସେମାନଙ୍କ ବିଧବା ପତ୍ନୀଙ୍କ ଠାରୁ ସେମାନଙ୍କ ପିଲାମାନଙ୍କ ଶିକ୍ଷାବୃତ୍ତି ନିମନ୍ତେ ମୋଟ ୮୪୯ ଗୋଟି ଅନଲାଇନ୍ ଦରଖାସ୍ତ କେନ୍ଦ୍ରିୟ ସୈନିକ ବୋର୍ଡକୁ ଅନୁମୋଦନ କରାଯାଇଛି ।

**(ଖ) କନ୍ୟା ବିବାହ ଅନୁଦାନ ରାଶି ଟ.** ୫୦,୦୦୦/–

ମୋଟ ୪୦ ଗୋଟି ଅନଲାଇନ୍ ଦରଖାସ୍ତ ଗ୍ରହଣ କରାଯାଇ କେନ୍ଦ୍ରିୟ ସୈନିକ ବୋର୍ଡକୁ ଅନୁମୋଦନ ନିମନ୍ତେ ସୁପାରିଶ କରାଯାଇଛି ।

**(ଗ) ପ୍ରଧାନମନ୍ତ୍ରୀ ଛାତ୍ର ବୃତ୍ତି ସହାୟତା (ବାଳିକାମାନଙ୍କ ନିମନ୍ତେ ଟ.** ୩୬,୦୦୦/– **ଏବଂ ବାଳକମାନଙ୍କ ନିମନ୍ତେ ଟ.**୩୦,୦୦୦/–

ପୂର୍ବତନ ସୈନିକ, ମୃତ ସୈନିକ ମାନଙ୍କର ବିଧବା ପତ୍ନୀ ଓ ସେମାନଙ୍କ ପିଲାମାନଙ୍କ ଠାରୁ ମୋଟ ୧୫ ଗୋଟି ଅନଲାଇନ୍ ଦରଖାସ୍ତ ଗ୍ରହଣ କରାଯାଇ କେନ୍ଦ୍ରୀୟ ସୈନିକ ବୋର୍ଡକୁ ଅନୁମୋଦନ ନିମନ୍ତେ ପଠାଯାଇଛି ।

**(ଘ) ପେନୁରୀ ଅନୁଦାନ ସହୟତା ରାଶି ଟ. ୪,୦୦୦/–ପ୍ରତିମାସ –**

ପୂର୍ବତନ ଅଣ ସୈନିକ ପେନସନ ଭୋଗୀ ସୈନିକ ମାନଙ୍କ ଠାରୁ ମୋଟ ୦୪ ଗୋଟି ଅନଲାଇନ୍ ଦରଖାସ୍ତ ଗ୍ରହଣ କରାଯାଇ କେନ୍ଦ୍ରୀୟ ସୈନିକ ବୋର୍ଡକୁ ଅନୁମୋଦନ ନିମନ୍ତେ ପଠାଯାଇଛି 1

**(ଙ) ଜମି ବାବଦରେ ଆର୍ଥିକ ସହାୟତା ଟ. ୫୦,୦୦୦/–**

ଜମି ବାବଦରେ ଟ.୫୦,୦୦୦/– ପାଇବା ପାଇଁ ଯୋଗ୍ୟ ପୂର୍ବତନ ସୈନିକ ମାନଙ୍କଠାରୁ ୦୫ ଗୋଟି ଦରଖାସ୍ତ ଗ୍ରହଣ କରାଯାଇ ଓଡିଶା ସରକାର ଗୃହ ବିଭାଗକୁ ଅନୁମୋଦନ ନିମନ୍ତେ ପଠାଯାଇଛି ।

**(ଚ) ଆମାଲଗାମାଟେଣ୍ଡ ଫଣ୍ଡରୁ ସହାୟତା ରାଶି ପ୍ରଦାନ –**

ଅସହାୟ ଭୂତ ପୂର୍ବ ସୈନିକ ଏବଂ ବିଧବା ପତ୍ନୀ, ପୂର୍ବତନ ଦିବ୍ୟାଙ୍ଗ ସୈନିକ, ମାତୃ ପିତୃ ହୀନ ଭୂତପୂର୍ବ ସୈନିକମାନଙ୍କ ପିଲାମାନଙ୍କ ଏବଂ ପୂର୍ବତନ ସୈନିକମାନଙ୍କ ପିଲାମାନଙ୍କ ନିମନ୍ତେ ଛାତ୍ରବୃତ୍ତି ବାବଦରେ ମୋଟ ଟ.୩,୮୩,୦୦୦/– ସହାୟତା ରାଶି ପ୍ରଦାନ କରାଯାଇଛି ।

**(ଛ) ସାଧୁତା ପ୍ରମାଣ ପତ୍ର ( Bonafide Certificate)**

ମୋଟ ୬୦୩ ଜଣ ପୂର୍ବତନ ସୈନିକମାନଙ୍କର କାଗଜ ଆଦି ଯାଞ୍ଚ କରାଯାଇ ବିଭିନ୍ନ ଶିକ୍ଷା ଅନୁଷ୍ଠାନରେ ସଂରକ୍ଷିତ ଥିବା ଅଣ ସ୍ନାତକ, ସ୍ନାତକ, ଡିପ୍ଲୋମା ଓ ବୈଷୟୀକ ଶିକ୍ଷା ଅନୁଷ୍ଠାନର ପଢିବା ପାଇଁ ପ୍ରମାଣପତ୍ର ଯୋଗାଇ ଦିଆଯାଇଛି ।

**(ଜ) ସାଧାରଣ ସେବା ଅଧିକାର –**

"ଜନ ସାଧାରଣ ସେବା ଆଇନ" ଅନୁଯାୟୀ ଧାର୍ଯ୍ୟ ସମୟ ସୀମା ମଧ୍ୟରେ ୦୬ ଗୋଟି ସେବା ଯୋଗାଇ ଦିଆଯାଇଛି ।

**(ଝ) ସ୍ୱୀକୃତୀପ୍ରାପ୍ତ ପୂର୍ବତନ ବୈଠକ ସଂଗଠନ ସହିତ ମତ ଆଦାନ ପ୍ରଦାନ –**

ପୂର୍ବତନ ସାମରିକ କର୍ମଚାରୀମାନଙ୍କ ଅସୁବିଧା ବିଷୟରେ ସମ୍ପୃକ୍ତ ସମ୍ପ୍ରଦାୟ ସହିତ ଆଲୋଚନା କରାଯାଇ ବିଭିନ୍ନ ଜନମଙ୍ଗଳ କାର୍ଯ୍ୟକ୍ରମ ବିଷୟରେ ସେମାନଙ୍କୁ ସଚେତନ କରାଯାଇଛି ।

**(ଞ) ସାମରିକ ବଳ ପତାକା ଦିବସ ପାଣ୍ଠି –**

ପତାକା ଦିବସ ପାଣ୍ଠିକୁ ବୃଦ୍ଧି କରିବାପାଇଁ ଜିଲ୍ଲା ପ୍ରଶାସନ ତଥା ସରକାରୀ ଉଦ୍ୟୋଗମାନଙ୍କ ସହିତ ନିୟମିତ ଯୋଗାଯୋଗ କରାଯାଇଛି ।

**(ଟ) ଭୁବନେଶ୍ୱରରେ ସୈନିକ ସଦନ ନିର୍ମାଣ –**

ସୈନିକ ସଦନ ନିର୍ମାଣ ପ୍ଲାନ BMC ଦ୍ୱାରା ଅନୁମୋଦନ କରାଯାଇଛି । ନିର୍ମାଣ କାର୍ଯ୍ୟ ଚାଲୁଅଛି । କାର୍ଯ୍ୟର ଅଗ୍ରଗତି ଦ୍ୱାରା ଜଣା ପଡୁଛି ଯେ, ମାର୍ଚ୍ଚ ମାସ ଶେଷ ସୁଦ୍ଧା ସମ୍ପନ୍ନ ହେବ ।

୨୦୨୦–୨୧ **ଆର୍ଥିକ ବର୍ଷପାଇଁ ଲକ୍ଷ୍ୟ ଓ ଉଦ୍ଦେଶ୍ୟ**

ପୂର୍ବତନ ସାମରିକ କର୍ମଚାରୀ ମାନଙ୍କର ଉଦ୍ଦେଶ୍ୟ ହାସଲ ନିମ୍ନଲିଖିତ ପଦକ୍ଷେପ ପାଇଁ ପ୍ରସ୍ତାବ ରହିଛି ।

(କ) ସୈନିକ ବୋର୍ଡ ସେକ୍ରେଟାରୀ ଏବଂ ଷ୍ଟାଫଙ୍କ ଉପଯୁକ୍ତ ଦରମା ସହିତ ଖାଲିଥିବା ପଦବୀ ପୂରଣ ନିମନ୍ତେ ପ୍ରଚେଷ୍ଟା ।

(ଖ) ରାଜ୍ୟସରକାର ଏବଂ ସରକାରୀ ଅଧିନସ୍ଥ ସଂସ୍ଥା ମାନଙ୍କରେ ନିଯୁକ୍ତି ପାଉଥିବା ପୂର୍ବତନ ସୈନିକ ମାନଙ୍କର ସଠିକ ଏବଂ ନିର୍ଭୁଲ ହିସାବ ।

(ଗ) ଓଡିଶା ସରକାରଙ୍କ ORTPSA-2012 ସୂଚନା ଅନୁଯାୟୀ CMS ଜରିଆରେ ଜନସାଧାରଣଙ୍କୁ ଅନଲାଇନ ସେବା ଯୋଗାଣ ଏବଂ ଇ-ସର୍ଭିସ୍ "ଓଡ଼ିଶା ଏକ" ପ୍ରୋର୍ଟାଲ ସହିତ ଏକତ୍ରୀକରଣ ।

(ଘ) ଅନ୍ୟରାଜ୍ୟ ମାନଙ୍କ ଭଳି ଅତିରିକ୍ତ କଲ୍ୟାଣକାରୀ ଯୋଜନାମାନ ପ୍ରଚଳନ କରିବା ।

# <u>ଦଶମ ଅଧ୍ୟାୟ</u>

## ୧୦ ରାଜ୍ୟ ଅତିଥି ଭବନ

ରାଜ୍ୟ ଅତିଥି ଭବନରେ ସର୍ବମୋଟ 39 ଟି ଡବଲ ବେଡ୍ ଏସି ରୁମ୍ ଅଛି ଯେଉଁଥିରେ ଗୋଟିଏ ଭି.ଭି.ଆଇ.ପି ରୁମ୍ ଏବଂ 17 ଟି ଭି.ଆଇ.ପି ରୁମ୍ ଅଛି । 2020-21 ମସିହାରେ, ଭୁବନେଶ୍ୱରର ରାଜ୍ୟ ଅତିଥି ଭବନରେ ପ୍ରାୟ 45 ଜଣ ରାଜ୍ୟ ଅତିଥି ଏବଂ 3517 ଜଣ ଅନ୍ୟ ଅତିଥିଙ୍କୁ ସ୍ଥାନିତ କରାଯାଇଛି ।

### ୧୦.୧ ମୁଖ୍ୟ ସଫଳତା 2020-21

- 01-04-2020 ରୁ 30-11-2020 ମଧ୍ୟରେ ସମୁଦାୟ ରାଜସ୍ୱ ସଂଗ୍ରହ ହେଉଛି ଟ. 17,37,976.00.
- ରାଜ୍ୟ ଅତିଥି ଭବନରେ କାର୍ଯ୍ୟରତ କର୍ମଚାରୀଙ୍କ ନିମନ୍ତେଏକ ନୂତନ କ୍ୟାଡର ନିୟମ ପ୍ରସ୍ତୁତ ।
- ରାଜ୍ୟ ଅତିଥି ଭବନରେ ସେବା ବିତରଣ ବ୍ୟବସ୍ଥାର ଦକ୍ଷ ପରିଚାଳନା ପାଇଁ ଇ-ଅତିଥି ଏକ ବିସ୍ତୃତ ଇଣ୍ଟରନେଟ୍ ଗେଷ୍ଟ ହାଉସ୍ ମ୍ୟାନେଜମେଣ୍ଟ ସଫ୍ଟୱେର୍ ବିକଶିତ ହୋଇଛି ।
- ରାଜ୍ୟ ଅତିଥି ଭବନର କର୍ମଚାରୀଙ୍କ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ ଭୁବନେଶ୍ୱରର ଇନଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ ସହିତ ସଫଳତାର ସହିତ ସମ୍ପୂର୍ଣ୍ଣ କରାଯାଇଛି ।
- ରାଜ୍ୟ ଅତିଥି ଭବନର ସୌନ୍ଦର୍ଯ୍ୟ ବୃଦ୍ଧି ନିମନ୍ତେ ଉତ୍କଳିକା, ଭୁବନେଶ୍ୱର ଏବଂ SCSTRTI, ଭୁବନେଶ୍ୱର ସହିତ ସମନ୍ୱୟ ରକ୍ଷାକରି ଓଡ଼ିଶା କଳାର ସମୃଦ୍ଧି ଓ ଐତିହ୍ୟକୁ ସ୍ଥାନିତ କରି ସଫଳ ରୂପାୟନ କରାଯାଇଛି ।
- ରାଜ୍ୟ ଅତିଥି ଭବନର ନୁତନ ଆନେକ୍ସ ବିଲଡିଂ ର ନିର୍ମାଣ କାର୍ଯ୍ୟ OSHP ଦ୍ୱାରା ଆରମ୍ଭ ହୋଇଛି ।
- ଗୃହ (ପ୍ରୋଟକଲ୍) ବିଭାଗ ସହିତ ସମନ୍ୱୟ ରକ୍ଷାକରି 22 ମଇ 2020 ରେ ଭାରତର ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା ।

**ଭବନ ପ୍ରତିଷ୍ଠାନର ବାର୍ଷିକ ବିବରଣୀ, 2020-21**

### ୧୦.୨ ଉତ୍କଳ ଭବନ,କୋଲକତା

ଉତ୍କଳ ଭବନ ,କୋଲକତା ରେ ୬୨ ଗୋଟି ଶଯ୍ୟା ଥିବା ୨୭ ଟି ଶୀତତାପ ବାତାନୁକୁଳ କୋଠରି ଅଛି। ଏଥି ମଧ୍ୟରୁ ଛଅ ଗୋଟି ଦୁଇ ଶଯ୍ୟା ବିଶିଷ୍ଟ ସ୍ୱତନ୍ତ୍ର କୋଠରି , ପନ୍ଦର ଗୋଟି ଦୁଇ ଶଯ୍ୟା ବିଶିଷ୍ଟ ସାଧାରଣ କୋଠରି ,ଏକ ଶଯ୍ୟା ବିଶିଷ୍ଟ ଚାରି ଗୋଟି ସାଧାରଣ କୋଠରି ଏବଂ ଆଠ

ଶଯ୍ୟା ବିଶିଷ୍ଟ ଦୁଇ ଗୋଟି ସାଧାରଣ କୋଠରି ଉପଲବ୍ଧ ଅଛି। ୨୦୨୦-୨୧ ବର୍ଷରେ ,୫୮୧ ଗୋଟି ଶଯ୍ୟା ଅତିଥି ମାନଙ୍କ ରହଣି ପାଇଁ ବ୍ୟବହାର ହୋଇଛି ଏବଂ ଅତିଥି ମାନଙ୍କ ଠାରୁ ଏ ବାବଦରେ ୧,୮୪,୧୫୦/- ଟଙ୍କା ଆଦାୟ ହୋଇଛି ।

**୧୦.୩ ଓଡିଶା ଭବନ ,ଭାସି ,ନାଭି ମୁମ୍ବାଇ**

ଓଡିଶା ଭବନ , ନାଭି ମୁମ୍ବାଇ ର ଭାସି ଠାରେ ୩୦ .୧୦.୨୦୧୦ ଠାରୁ କାର୍ଯ୍ୟକ୍ଷମ କରାଯାଇଅଛି। ଏହି ଭବନରେ ନିମ୍ନପ୍ରଦତ୍ତ କୋଠରି ଉପଲବ୍ଧ ଅଛି।

| **କୋଠରି** | | **ସଂଖ୍ୟା** |
|---|---|---|
| ୧। ଭି ଆଇ ପି ସୁଇଟ | - | ୪ |
| ୨। ଦୁଇ ଶଯ୍ୟା ବିଶିଷ୍ଟ କୋଠରି | - | ୨୩ |
| ୩। ଛଅ ଶଯ୍ୟା ବିଶିଷ୍ଟ କୋଠରି | - | ୩ |
| ୪। ସମ୍ମିଳନୀ କକ୍ଷ (ଏକ ଶହ ବ୍ୟକ୍ତି ଙ୍କ ପାଇଁ ଉଦ୍ଦିଷ୍ଟ ) | - | ୧ |
| ୫। ପୋଡିୟମ (ତିନି ଶହ ପଚାଶ ବ୍ୟକ୍ତି ଙ୍କ ପାଇଁ ଉଦ୍ଦିଷ୍ଟ ) | - | ୧ |
| ୬। ଭୋଜନାଳୟ (ପଚାଶ ବ୍ୟକ୍ତି ଙ୍କ ପାଇଁ ଉଦ୍ଦିଷ୍ଟ) | - | ୧ |

ଏଥି ମଧ୍ଯରୁ ଆଠ ଗୋଟି ଦୁଇ ଶଯ୍ୟା ବିଶିଷ୍ଟ ଶୀତତାପ ବାତନୁକୁଳ କୋଠରି , ଏବଂ ଗୋଟିଏ ଛଅ ଶଯ୍ୟା ବିଶିଷ୍ଟ କୋଠରି କର୍କଟ ରୋଗୀଙ୍କ ପାଇଁ ଉଦ୍ଦିଷ୍ଟ । ୨୦୨୦-୨୧ ମସିହାରେ ୧୨୫୬୩ ଜଣ ରୋଗୀ ମାନଙ୍କ କୋଠରି ଭଡା ଏବଂ ସମ୍ମିଳନୀ କକ୍ଷ ଭଡା ବାବଦରେ ୧୦,୯୩,୦୦୫/- ଟଙ୍କା ଆଦାଯ କରାଯାଇଛି ।

ଏକ ଟୁରିଷ୍ଟ ଅଫିସ , ଏକ ସମ୍ବଲପୁରୀ ବସ୍ତ୍ରାଳୟ ପ୍ରଦର୍ଶନ କକ୍ଷ , ଉତ୍କଳିକା ପ୍ରଦର୍ଶନ କକ୍ଷ ସେମାନଙ୍କ ବିଭାଗର କ୍ରିୟାକଳାପକୁ ବିକଶିତ କରିବାପାଇଁ ଓଡିଶା ଭବନ ,ନାଭି ମୁମ୍ବାଇ ପରିସରମଧ୍ୟରେ କାର୍ଯ୍ୟକରୁଅଛି ।

**ଓଡିଶା ଭବନ / ନିବାସ / ସଦନ ନୂଆଦିଲ୍ଲୀ**

**୧୦.୪ ମୁଖ୍ୟ ଆବାସିକ କମିଶନରଙ୍କ କାର୍ଯ୍ୟାଳୟ ସମ୍ପର୍କରେ**

ମୁଖ୍ୟ ଆବାସିକ କମିଶନର , ଓଡିଶା ସରକାର , ନୂଆଦିଲ୍ଲୀଙ୍କର କାର୍ଯ୍ୟାଳୟ ରାଜ୍ୟସରକାର ଏବଂ କେନ୍ଦ୍ର ସରକାରଙ୍କ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ସମୋନ୍ୱୟ ନିମନ୍ତେ କାର୍ଯ୍ୟକରୁଅଛି ଏବଂ ଏଠାରେ ତିନିଗୋଟି ଅତିଥିଶାଳା ଯଥା ଓଡିଶା ଭବନ , ଓଡିଶା ନିବାସ ଏବଂ ଓଡିଶା ସଦନର ରକ୍ଷଣବ୍ୟକ୍ଷଣ ଉପରେ ସଦାସର୍ବଦା ଧ୍ୟାନ ଦେଇଥାଆନ୍ତି ।

ରାଜ୍ୟ ସରକାରଙ୍କର ସୂଚନା ଓ ଲୋକସମ୍ପର୍କ ବିଭାଗ , ରାଜ୍ୟ ଜଳ ସମ୍ପଦ ବିଭାଗ ଏବଂ ପର୍ଯ୍ୟଟନ ବିଭାଗର ଯୋଗାଯୋଗ କାର୍ଯ୍ୟାଳୟ ଏଠାରେ ଅବସ୍ଥାପାନା କରାଯାଇଅଛି ଏବଂ ପବ୍ଲିକ୍ ସେକ୍ଟର ୟୁନିଟ୍ ଗୁଡିକ ଯଥା ଇଡକୋ, ଗ୍ରୀଡକୋର ଡେକ୍ସ ଏଠାରେ ସ୍ଥାପନା କରାଯାଇଅଛି ଏତଦବ୍ୟତିତ ଏଠାରେ ଶ୍ରମ ବିଭାଗ ତରଫରୁ ପ୍ରବାସୀ ଶ୍ରମିକ ଡେକ୍ସ , ଶିଶୁ ଅଧିକାର ସେଲ୍ , ଓଡିଶା ବିନିଯୋଗ ରପ୍ତାନୀ ପ୍ରୋତ୍ସାହନ ସେଲର୍ କାର୍ଯ୍ୟାଳୟ ଇତ୍ୟାଦି ମଧ୍ୟ ଏହି କାର୍ଯ୍ୟାଳୟର ଅଂଶବିଶେଷ ଅଟନ୍ତି ।

**୧୦.୫ ୨୦୨୦-୨୧ ରେ ନିଆଯାଇଥିବା କାର୍ଯ୍ୟକଳାପ**

- **୨୪/୭ କୋଭିଡ୍ – ୧୯ ସହାୟତା କେନ୍ଦ୍ର :-**

ମାର୍ଚ୍ଚ ୨୦୨୦ ରେ କୋଭିଡ୍ ୧୯ ମହାମାରୀରେ ତାଲାବନ୍ଦକୁ ଦୃଷ୍ଟିରେ ରଖି ମୁଖ୍ୟ ଆବାସିକ କମିଶନରଙ୍କ କାର୍ଯ୍ୟାଳୟ ନୂଆଦିଲ୍ଲୀ ଏବଂ ଜାତୀୟ ରାଜଧାନୀ ଅଞ୍ଚଳରେ ରହୁଥିବା ଓଡିଆ ଲୋକଙ୍କ ନିକଟରେ ପହଞ୍ଚାଇବା ପା ଇଁ ତଥା ସେମାନଙ୍କର ଆବଶ୍ୟକତା ଏବଂ ଅସୁବିଧା ଗୁଡିକୁ ସମାଧାନ କରିବାପାଇଁ ତୁରନ୍ତ ଏକ ସହାୟତା କେନ୍ଦ୍ର ସ୍ଥାପନା କରାଯାଇଥିଲା ।ଏହି କେନ୍ଦ୍ର ୨୪/୭ ସମୟ କାର୍ଯ୍ୟ କରୁଥିଲା ଏବଂ ଶହ ଶହ ଫୋନ୍ ସବୁ ଗ୍ରହଣ କରୁଥିଲା ଏବଂ ଅସୁବିଧାରେ ଥିବା ଲୋକମାନଙ୍କୁ ସମସ୍ତ ସମ୍ଭାବ୍ୟ ସହାୟତା ପ୍ରଦାନ କରାଯାଇଥିଲା । ଗମନା ଗମନରେ ଫସି ରହିଥିବା ଲୋକଙ୍କୁ ମଧ୍ୟ ରାସ୍ତାରେ ଯିବାପାଇଁ ଆବଶ୍ୟକ ଅନୁମତି ଦିଆଯାଇଥିଲା । ଭାରତୀୟରେଳର ସ୍ୱତନ୍ତ୍ର ରେଳ ଦ୍ୱାରା ଯାତ୍ରା କରିବାପାଇଁ ସଂଯୋଜନା କରାଯାଇଥିଲା ।

- **ସଂସଦ ଅଧିବେଶନ ସଂକ୍ଷିପ୍ତ :-**

୨୦୨୦ରେ ସଂସଦର ବଜେଟ୍ ଅଧିବେଶନ ଏବଂ ସଂସଦର ମୌସୁମୀ ଅଧିବେଶନ ପୂର୍ବରୁ ବିଭାଗ ଗୁଡିକରୁ ସଂକ୍ଷିପ୍ତତଥ୍ୟ ସଂଗ୍ରହ କରାଯାଇଥିଲା । ଆଲୋଚନା ଏବଂ ବିଚାରବିମର୍ଶ ପାଇଁ ସାଂସଦର ମାନ୍ୟବର ସଦସ୍ୟ ମାନଙ୍କୁ ୪ଟି କରି ସଂକ୍ଷିପ୍ତ ସଂକଳନ ଠିକ୍ ସମୟରେ ବଣ୍ଟନ କରାଯାଇଥିଲା ।

- **ମକଦ୍ଦମା ପରିଚାଳାନା ପ୍ରଣାଳୀ (ଏଲ.ଏମ.ଏସ) କକ୍ଷ:-**

ତା ୦୮/୦୮/୨୦୨୦ ରେ ଅନୁଷ୍ଠିତ ପଞ୍ଜୀକୃତ ଓକିଲ (ଏ .ଓ.ଆର୍) ମାନଙ୍କର ବୈଠକର ବିବରଣୀ ଅନୁସାରେ, ଏହି କାର୍ଯ୍ୟାଳୟ ଏ .ଓ.ଆରଙ୍କ ଦ୍ୱାରା ନିଷ୍କାସିତ ନଥିଗୁଡିକୁ ଗ୍ରହଣ କରିବାପାଇଁ ପ୍ରାଧିକୃତ ଅଟେ । ତଦନୁଯାୟୀ ସର୍ବୋଚ୍ଚନ୍ୟାୟଳୟର ପଞ୍ଜୀକୃତ ଓକିଲ ମାନଙ୍କଠାରୁ ଗ୍ରହଣ କରାଯାଇଥିବା ନଥିପତ୍ର ଗୁଡିକୁ ଯତ୍ନର ସହିତ ବଛାଯାଇଥିଲା ଏବଂ ସେଗୁଡିକୁ ଓଡିଶା ସରକାରଙ୍କର ସମ୍ପୃକ୍ତ ବିଭାଗ ଗୁଡିକୁ ପ୍ରେରଣ କରାଯାଇଥିଲା ।

- **ବନ୍ଦୀଥିବା ସାଧାରଣ ନାଗରିକଙ୍କର ପ୍ରତ୍ୟାବର୍ତ୍ତନ:**

୨୬.୧୦.୨୦୨୦ ରେ ବାହ୍ୟବ୍ୟାପାର ମନ୍ତ୍ରାଳୟରୁ ସୂଚନା ମିଳିଲା ଯେ ଶ୍ରୀ ବିରଜୁ ବୋଲି ଜଣେ ଭାରତୀୟ ସାଧାରଣ ନାଗରିକ ବନ୍ଦୀ ପାକିସ୍ଥାନରୁ ପ୍ରତ୍ୟାବର୍ତ୍ତନ କରିଛନ୍ତି ସେହି ସାଧାରଣ ନାଗରିକଙ୍କର ବାସସ୍ଥାନ ଓଡିଶାରେ ଥିବାର ସୂଚନା ଥିଲା । ତଦନୁଯାୟୀ ଶ୍ରୀ ବିରଜୁଙ୍କୁ ପଞ୍ଜାବର ଅମ୍ରିତସରରୁ ଓଡିଶାର ସୁନ୍ଦରଗଡକୁ ଫେରାଇ ଆଣିବାର ବ୍ୟବସ୍ଥା କରାଗଲା । ଶ୍ରୀ ବିରଜୁ ସୁନ୍ଦରଗଡର କୁତ୍ରା ଉପଖଣ୍ଡଠାରେ ଥିବା ତାଙ୍କ ନିଜଘରେ ତା ୧୩.୧୧.୨୦୨୦ ରିଖରେ ପହଞ୍ଚିଲେ ।

- **ଶିଶୁ ଅଧିକାର ସୁରକ୍ଷା କକ୍ଷ୍ୟ:**

ଏହି କାର୍ଯ୍ୟାଳୟରେ କାର୍ଯ୍ୟକରୁଥିବା ଶିଶୁଅଧିକାର ସୁରକ୍ଷା କକ୍ଷ୍ୟ କୁମାରୀ ତୁଳସୀ ଭୁମିଆଙ୍କୁ ୧୨ ବର୍ଷ ପରେ ମାଲକାନାଗିରିକୁ ଫେରିବାରେ ସହଯୋଗ ଓ ସୁବିଧା ଯୋଗାଇ ଦେଇଥିଲା । ଏହି କାର୍ଯ୍ୟଳୟର ଶିଶୁ ଅଧିକାର ସୁରକ୍ଷା କକ୍ଷ୍ୟର ଶ୍ରମଅଧିକାରୀ ଏବଂ ସହକାରୀ ଶ୍ରମ ଅଧିକାରୀ ମାଲକାନାଗିରି, ଦିଲ୍ଲୀ ସରକାରଙ୍କର ପ୍ରାଧୀକରଣଙ୍କର ଆବଶ୍ୟକୀୟ ସହାୟତାରେ ତା ୦୭.୧୧.୨୦୨୦ ରେ ବାଳିକାଙ୍କୁ ସେ କାର୍ଯ୍ୟକରୁଥିବା ବାସସ୍ଥାନରୁ ଉଦ୍ଧାର କରିଥିଲେ ।

- **ବିସ୍ତୃତ ବ୍ୟାପକ ସୁବିଧା ପରିଚାଳନା ବ୍ୟବସ୍ଥା**

ବିସ୍ତୃତ ବ୍ୟାପକ ସୁବିଧା ପରିଚାଳାନା ବ୍ୟବସ୍ଥା (ସି .ଏଫ.ଏମ.ଏସ୍) ପ୍ରକ୍ରୀୟାକୁ ତ୍ୱାରାନିତ କରାଗଲା ଏହା ନଭେମ୍ବର ୨୦୨୦ ରେ ସଂପୂର୍ଣ୍ଣ କରାଗଲା । ଓଡିଶା ଭବନ, ଓଡିଶା ନିବାସ ଏବଂ ଓଡିଶା ସଦନରେ ଉନ୍ନତ ଅତିଥି ସେବା ଯୋଗାଇଦେବା ହେଉଛି ସି .ଏଫ୍.ଏମ୍.ଏସ୍ କାର୍ଯ୍ୟକାରୀ କରିବାର ଉଦ୍ଦେଶ୍ୟ ।

- **କେନ୍ଦ୍ରୀୟ ସହାୟତା ଯୋଜନାରୁ ପାଣ୍ଠି ପ୍ରାପ୍ତି**

ରାଜ୍ୟ ଅର୍ଥ ବିଭାଗର ଚିଠି ସଂଖ୍ୟା ୩୦୦୧୭ ତା ୧୧/୧୧/୨୦୨୦ ରିଖ ଅନୁସାରେ ବିଭିନ୍ନ କେନ୍ଦ୍ରୀୟ ସହାୟତା ଯୋଜନାରୁ ପାଣ୍ଠି ପ୍ରାପ୍ତି ପାଇଁ ଏହିକାର୍ଯ୍ୟାଳୟ ଦ୍ୱାରା ଅନୁସରଣ କରାଯାଉଛି । ରାଜ୍ୟ ସରକାରଙ୍କର ସଂମ୍ପୃକ୍ତ ବିଭାଗ ଗୁଡିକୁ ବକେୟା ଉପଯୋଗ ପ୍ରମାଣପତ୍ର ଏବଂ ଆବଶ୍ୟକୀୟ କାଗଜପତ୍ର ଦାଖଲ ପାଇଁ ଯୋଗାଯୋଗ କରାଯାଉଛି । ପାଣ୍ଠିପ୍ରାପ୍ତି ସମ୍ବନ୍ଧୀୟ ପ୍ରଥମ ସ୍ଥିତିର ସୂଚନା,ରାଜ୍ୟ ଅର୍ଥ ବିଭାଗକୁ ଏହି କାର୍ଯ୍ୟାଳୟ ପତ୍ରସଂଖ୍ୟା ୩୭୪୯ ତା ୨୦/୧୧/୨୦୨୦ ରିଖରେ ପ୍ରେରଣ କରାଯାଇଛି ।

- **କ୍ୟାଣ୍ଟିନ୍ ପରିଚାଳନା -** ନୂଆଦିଲ୍ଲୀ ଏବଂ ଜାତୀୟ ରାଜଧାନୀ ଅଞ୍ଚଳରେ ଓଡିଆ ଭୋଜନକୁ ଲୋକପ୍ରିୟ କରିବାପାଇଁ ଓଡିଶା ଭବନ ଏବଂ ଓଡିଶା ନିବାସରେ ଖାଇବା ସେବାପାଇଁ ପ୍ରତିଷ୍ଠିତ

ହେବା ଉଦ୍ଦେଶ୍ୟରେ ଅନୁଭବୀ ଠିକାଦାରଙ୍କଠାରୁ ଟେଣ୍ଡର ଆମନ୍ତ୍ରିତ କରାଯାଇଛି । ଓଡିଆ ବ୍ୟଞ୍ଜନକୁ ଲୋକପ୍ରିୟ କରିବା ସହିତ ଅତିଥି ଶାଳାରେ ରହୁଥିବା ଅତିଥି ମାନଙ୍କୁ ଉତ୍କୃଷ୍ଟ ସେବା ଯୋଗାଇଦେବା ମଧ୍ୟ ଏହାର ଉଦ୍ଦେଶ୍ୟ ।

## ଓଡିଶା ଭବନ,ଚେନ୍ନାଇ

ଓଡିଶା ଭବନ , ଚେନ୍ନାଇ ୨୫.୦୯.୨୦୧୮ ଠାରୁ କାର୍ଯ୍ୟକ୍ଷମ କରାଯାଇଅଛି। ଏହି ଭବନରେ ନିମ୍ନପ୍ରଦତ୍ତ କୋଠରି ଉପଲବ୍ଧ ଅଛି।

| କୋଠରି | ସଂଖ୍ୟା |
|---|---|
| ୧। ସୁଇଟ | - ୫ |
| ୨। ଦୁଇ ଶଯ୍ୟା ବିଶିଷ୍ଟ କୋଠରି | - ୧୬ |
| ୩। ଏସି ଡୋର୍ମିଟରୀ (୬ ଶଯ୍ୟା ବିଶିଷ୍ଟ) | - ୨ |
| ୪। ସମ୍ମିଳନୀ କକ୍ଷ | - ୧ |
| ୫। ଅଡିଟରିୟମ | - ୨ |
| ୬। ଭୋଜନାଳୟ | - ୧ |

୨୦୨୦-୨୧ ମସିହାରେ ୮୨୨ କୋଠରି ଭଡା ଏବଂ ସମ୍ମିଳନୀ କକ୍ଷ ଭଡା ବାବଦରେ ୩,୬୯,୯୫୦/- ଟଙ୍କା ଆଦାୟ କରାଯାଇଛି ।

## ଓଡିଶା ଭବନ,ବେଙ୍ଗାଲୁରୁ

କର୍ଣ୍ଣାଟକ ରାଜ୍ୟ ସରକାରଙ୍କ ଦ୍ୱାରା ବେଙ୍ଗାଲୁରୁ ଠାରେ ଏକ ଓଡିଶା ଭବନର ନିର୍ମାଣ ପାଇଁ , କର୍ଣ୍ଣାଟକ ର ବେଙ୍ଗାଲୁରୁ ଅନ୍ତର୍ଗତ ସାମ୍ପିଗେହଲ୍ଲୀ ର ଅର୍କବତୀ (ଲେଆଉଟ -3rd Block) ସର୍ଭେ ନମ୍ବର 37,47 ଏବଂ 48 ର ୩୭୪୮.୫୦ ସ୍କୋୟାର ମିଟର ପରିମାଣର ଜମି ଓଡିଶା ସରକାରଙ୍କ ସପକ୍ଷରେ ଆବଣ୍ଟନ କରାଯାଇଅଛି । ଏହି ଭବନ ନିର୍ମାଣ ପାଇଁ ୨୭ ,୬୨,୩୨,୯୯୭/- ଟଙ୍କାର ବିଭାଗୀୟ ସ୍ୱୀକୃତି ( Administrative Approval) କରାଯାଇଅଛି। ଓଡିଶା ଭବନ ,ବେଙ୍ଗାଲୁରୁ ର ନିର୍ମାଣ ନିମନ୍ତେ କରାଯାଇଥିବା ୧୮ ,୫୬,୦୫ ,୦୦୦/- ଟଙ୍କା ର ସମୁଦାୟ ବ୍ୟୟ ଅଟକଳ ମଧ୍ୟରୁ ୨୦୧୭-୧୮ ବର୍ଷରେ ଓଡିଶା ପୋଲିସ ହାଉସିଂ କର୍ପୋରେସନ କୁ ଜମି କ୍ରୟ ବାବଦରେ ୩,୯୮,୧୦,୦୯୪/- ଟଙ୍କା ଓ ନିର୍ମାଣ ନିମନ୍ତେ ୧୪,୫୭,୯୪,୯୦୬ ଟଙ୍କା ପ୍ରଦାନ କରାଯାଇଅଛି. ମେସର୍ସ କ୍ରିଏଟିଭ ଆର୍କିଟେକ୍ କମ୍ବାଇନ ପ୍ରାଇଭେଟ ଲିମିଟେଡ , ଭୁବନେଶ୍ବରକୁ ଓଡିଶା ଭବନ , ବେଙ୍ଗାଲୁରୁ ନିର୍ମାଣ ର ଆର୍କିଟେକ୍ଚରିଆଲ ସର୍ଭିସ ପ୍ରଦାନ ନିମନ୍ତେ ଚୟନ କରାଯାଇଅଛି।

# ଏକାଦଶ ଅଧ୍ୟାୟ

## ୧୧. ଅଭିଯୋଜନ ନିର୍ଦ୍ଦେଶାଳୟ 2019-20

ପ୍ରୋସିକ୍ୟୁସନ ବ୍ୟବସ୍ଥାର ଉନ୍ନତି ଉଦ୍ଦେଶ୍ୟରେ 1982 ମସିହରେ ଅଭିଯୋଜନ ନିର୍ଦ୍ଦେଶାଳୟ ପ୍ରତିଷ୍ଠା କରାଯାଇଥିଲା । ଏହାର ପ୍ରାରମ୍ଭରେ ଅଭିଯୋଜକ ମାନେ **OLR 1971 Rules** ଅନୁସାରେ ବିଧିବିଭାଗ ଦ୍ୱାରା ନିଯୁକ୍ତି ହେଉଥିଲେ । କିନ୍ତୁ ଅଭିଳକ୍ଷିତ ଫଳ ହାସଲ ନ ହେବାରୁ 1997 ମସିହାରେ ସରକାର ପ୍ରାରମ୍ଭିକ ଭାବରେ କ୍ୟାଡର ଭିତିକ ଅଭିଯୋଜନ ବ୍ୟବସ୍ଥା ( **OSPS Rules 1997)** ପ୍ରଚଳନ କଲେ ଅଭିଯୋଜନ ବ୍ୟବସ୍ଥାର ଉନ୍ନତିକରଣ ଉଦ୍ଦେଶ୍ୟର ସରକାରଙ୍କର ଦ୍ୱାରା 2 ଜଣ ଉପ ଡାଇରେକ୍ଟର, 30 ଜଣ ପବ୍ଲିକ୍ ପ୍ରସିକ୍ୟୁଟର 68 ଜଣ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଓ 202 ଜଣ ସହକାରୀ ପବ୍ଲିକ ପ୍ରସିକ୍ୟୁଟର ପଦବୀ ସୃଷ୍ଟି କରାଗଲା ସେଥିମଧ୍ୟରୁ ଏବେ ଜଣେ ଡେପୁଟି ଡାଇରେକ୍ଟର ପି.ପି.-28 ଜଣ, ପବ୍ଲିକ ପ୍ରସିକ୍ୟୁଟର-27 ଜଣ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଓ 143 ଜଣ ସହକାରୀ ପବ୍ଲିକ ପ୍ରସିକ୍ୟୁଟର ରାଜ୍ୟରେ ବିଭିନ୍ନ ଜିଲ୍ଲା ଗୁଡିକରେ କାମ କରୁଛନ୍ତି, ଏତଦ୍ ବ୍ୟତୀତ ଅଭିଯୋଜନର ମାନ ବୃଦ୍ଧି ଉଦ୍ଦେଶ୍ୟରେ ନିମ୍ନଲିଖିତ ପଦକ୍ଷେପ ଗୁଡିକ ନିଆଯାଇଛି ।

1. ଏହି ନିର୍ଦ୍ଦେଶାଳୟ ରାଜ୍ୟରେ କ୍ୟାଡର/ନନ୍ କ୍ୟାଡର ଅଭିଯୋଜକମାନଙ୍କର କାର୍ଯ୍ୟ ସଂପାଦନ ବିବରଣୀ ଗୁଡିକ ସମୟାନୁପାତିକ ଭିତିରେ ସମୀକ୍ଷା କରୁଛି ଏବଂ ଅଭିଯୋଜନ ମାନ ବୃଦ୍ଧି ଓ ଦୋଷ ସିଦ୍ଧି ହାରରେ ଉନ୍ନତି ଆଣିବାପାଇଁ ଉପଯୁକ୍ତ ପଦକ୍ଷେପ ନିଆଯାଇଛି ।
2. ଏହି ନିର୍ଦ୍ଦେଶାଳୟ ବିଭିନ୍ନ ସରକାରୀ ବିଭାଗର ମୁଖ୍ୟ ମାନଙ୍କ ସହିତ ଯୋଗାଯୋଗ କରି ସରକାରୀ ସାକ୍ଷୀମାନଙ୍କର ସାକ୍ଷ୍ୟ ନିର୍ଦ୍ଧାରିତ ସମୟରେ ଦେବାପାଇଁ ପଦକ୍ଷେପ ନେଇଥାଏ ।
3. ଏହି ନିର୍ଦ୍ଦେଶାଳୟ ବିଭିନ୍ନ କୋର୍ଟର ଜଜମେଣ୍ଟ ଓ ଖଲାସ ନିର୍ଦ୍ଦେଶ ବିପକ୍ଷରେ ନିର୍ଦ୍ଦେଶଙ୍କ ମତ ସହିତ ଏ.ଜି. ଅଫିସ, ଓଡିଶାକୁ ଉଚ୍ଚତମ ନ୍ୟାୟାଳୟରେ ଅପିଲ କରିବାକୁ ପଠାଇଥାଏ ।
4. ଏହି ନିର୍ଦ୍ଦେଶାଳୟ ବିଭିନ୍ନ ପବ୍ଲିକ୍ ପ୍ରସିକ୍ୟୁଟର , ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଓ ସହକାରୀ ପବ୍ଲିକ ପ୍ରସିକ୍ୟୁଟରଙ୍କର ନାମକୁ LNJN,NICFS, NEW DELHI,CENTRAL ACADEMY OF POLICE, BHOPAL, CDTI, KOLKATA, OJA, CUTTACK AND BIJU PATNAIK STATE POLICE ACADEMY BHUBANESWAR -ରେ ଶିକ୍ଷା ନେବାପାଇଁ ମୋନନୀତ କରିଥାଏ ।

ଏହି ନିର୍ଦ୍ଦେଶାଳୟ **D.I.S.C.** ବିବରଣୀ ମୁତାବକ ଖଲାସ ହୋଇଥିବା ମାମଲାରେ ତ୍ରୁଟି ପରିଲକ୍ଷିତ ହୋଇଥିବା ପ୍ରସିକ୍ୟୁଟିଙ୍ଗ ଅଫିସରଙ୍କ ବିରୁଦ୍ଧରେ ପଦକ୍ଷେପ ନେବାପାଇଁ ସୁପାରିଶ କରେ ।

6. ରାଜ୍ୟ ସରକାର **N.I.C. ସାହାଯ୍ୟରେ ପ୍ରଚଳନ କରିଥିବା E-prosecution ମାଧ୍ୟମରେ ପ୍ରତି ମାମଲାର ତଥ୍ୟ ଯୋଗାଇବାକୁ ପବ୍ଲିକ ପ୍ରସିକ୍ୟୁଟର ମାନଙ୍କୁ ନିର୍ଦ୍ଦେଶ ଦେଇଥାଏ ।**

ଏହି ନିର୍ଦ୍ଦେଶାଳୟ ନିଷ୍ଠାପର ଭାବରେ କ୍ରିମିନାଲ ପାଇଁ ଉତ୍ତମ ଅଭିଯୋଜନ ଦେବାପାଇଁ ପ୍ରୟାସ ଜାରି ରଖିଛି, କିନ୍ତୁ ଦକ୍ଷିଣ ଓଡିଶାର ବିଭିନ୍ନ ଜିଲ୍ଲାରେ କାର୍ଯ୍ୟ ବନ୍ଦ ଓ ଚାଲୁଥିବା **(Covid-19 ମହାମାରୀ ର ପ୍ରକୋପ ପାଇଁ ବିଭିନ୍ନ COURT ବିନା ଟ୍ରାଇଲର ଚାଲୁଥିବାରୁ ଏହି ନିର୍ଦ୍ଦେଶାଳୟ ତାର ଅଭିଳକ୍ଷିତ ଲକ୍ଷ** ହାସଲ କରିପାରି ନାହିଁ ।

# ଦ୍ୱାଦଶ ଅଧ୍ୟାୟ

## ଓଡିଶା ରାଜ୍ୟ ଆରକ୍ଷୀ ଗୃହ ନିର୍ମାଣ ଓ କଲ୍ୟାଣ ନିଗମ

* ବିଗତ ପାଞ୍ଚ ବର୍ଷରେ ନିଗମ ଦ୍ୱାରା ହାସଲ ହୋଇଥିବା ଅର୍ଥ କାରାବାରର ବିସ୍ତୃତ ବିବରଣୀ ।

| କ୍ରମିକ ସଂଖ୍ୟା | ଆର୍ଥିକ ବର୍ଷ | କାରବାର |
|---|---|---|
| ୧ | ୨୦୧୫-୧୬ | ୩୪୨.୪୫ |
| ୨ | ୨୦୧୬-୧୭ | ୪୦୩୨.୦୮ |
| ୩ | ୨୦୧୭-୧୮ | ୩୮୦.୫୧ |
| ୪ | ୨୦୧୮-୧୯ | ୩୯୬.୩୦ |
| ୫ | ୨୦୧୯-୨୦ | ୩୨୬.୨୬ |

* ନିଗମ ବି.ଏସ.ଏଫ ଓ ସି.ଆର.ପି.ଏଫ ଯବାନ ମାନଙ୍କ ପାଇଁ ମାଓ ପ୍ରବଣ ଅଞ୍ଚଳ ତଥା ଏସ.ଆର.ଇ ଜିଲ୍ଲା ମାନଙ୍କରେ ଥାନା ଓ ଦୁର୍ଗୀକରଣ କରିବ ସହିତ ଜମସାଧାରଣ ମାନଙ୍କର ସୁରକ୍ଷା ନିମନ୍ତେ ଅଗ୍ନିଶମ କେନ୍ଦ୍ର ସ୍ଥାପନ ଓ ଜେଲ ବିଭାଗ ପାଇଁ କାରାଗାର ଗୃହ ନିର୍ମାଣ କରିଅଛି ।

* ନିଗମ ୨୦୧୯-୨୦ ଆର୍ଥିକ ବର୍ଷରେ ପୁଲିସ, ଅଗ୍ନିଶମ, କାରାଗାର, ନ୍ୟାୟପାଳିକା ଏବଂ ଜମା କାର୍ଯ୍ୟର ସମୁଦାୟ ୮୭୦ ରୁ ଅଧିକ ଗୃହ କାର୍ଯ୍ୟ ସମ୍ପାଦନ କରିଅଛି ।

* ନିଗମ ମାଲକାନାଗିରି, ଡୁମୁରିବାହାଲ, ନୂଆପଡା ଓ ଲାଞ୍ଜିଗଡ଼ ଠାରେ ଇ.ଏମ. ଆର.ଏସ. ରାଇକିଆ, କୋରକୋଣ୍ଡା, ଖଜୁରୀପଡା, ଉମରକୋଟ ଓ ବିସମକଟକ ଠାରେ କେ.ଏମ.ଆର.ଏସ. ଏବଂ ଅନ୍ୱେଷା ଓ ଆକାଂକ୍ଷା ଭଳି ଛାତ୍ରାବାସ ଗୃହ ଏସ.ଟି.ଓ ଏସ.ସି. ଜନଜାତି ନିମନ୍ତେ ନିର୍ମାଣ କରିଅଛି ।

* ପତ୍ର ସଂଖ୍ୟା ୧୭୬୧୭/ଏଚ.ଇ. ତା ୦୩.୦୬.୨୦୨୦ ରିଖ ମାଧମରେ ଉଚ୍ଚ ଶିକ୍ଷା ବିଭାଗ, ଓଡିଶା ସରକାର ନିଗମକୁ ଏକମାତ୍ର କାର୍ଯ୍ୟାକାରୀ ସଂସ୍ଥା ରୂପେ ତାର ସମସ୍ତ ବିଶ୍ୱବିଦ୍ୟାଳୟର ଗୃହ ନିର୍ମାଣ କାର୍ଯ୍ୟ (ସିଭିଲ/ଇଲେକଟ୍ରିକାଲ) କରିବାକୁ ଅନୁମତି ଦେବା ସହିତ ରକ୍ଷଣା ଦାୟିତ୍ୱ ମଧ ପ୍ରଦାନ କରିଅଛି ।

* ନିଗମ ଗଞ୍ଜାମ ଜିଲ୍ଲାରେ ଆଇ.ଆର.ଇ.ଏଲ., ଭାରତ ସରକାରଙ୍କ ନିମନ୍ତେ ଗୃହ ନିର୍ମାଣ କାର୍ଯ୍ୟ ହାତକୁ ନେବା ସହିତ ଓ.ଏସ.ଡି.ଏମ.ଏ ନିମନ୍ତେ ସମସ୍ତ ଓ.ଡି.ଆର.ଏ.ଏଫ ପାଇଁ ନୂତନ ଗୃହ ତଥା ମରାମତି ଓ ପୁନରୁଦ୍ଧାର କାର୍ଯ୍ୟ ହାତକୁ ନେଇଛି ।

*      ନିଗମ ରାଜ୍ୟ ଅତିଥି ଭବନରେ ସଂପୃକ୍ତ ଗୃହ ନିର୍ମାଣ କାର୍ଯ୍ୟ ହାତକୁ ନେଇଅଛି ଯାହାର ନିର୍ମାଣ କାର୍ଯ୍ୟ ଏବେ ସମ୍ପୂର୍ଣ୍ଣ ହେବାକୁ ଯାଉଅଛି ।

*      ନିଗମ ବଲାଙ୍ଗିର, ଜୟପୁର ଓ ମୋଟୁ ଠାରେ ବସ ଷ୍ଟାଣ୍ଡର ପୁନରୁଦ୍ଧାର ଓ ନବୀକରଣ କାର୍ଯ୍ୟ ହାତକୁ ନେଇଛି ଏବଂ ବାଦାମବାଡି (କଟକ) ଓ ଅନୁଗୁଳ ବସ ଷ୍ଟାଣ୍ଡର ପୁନରୁଦ୍ଧାର କାର୍ଯ୍ୟ ସମ୍ପାଦନ କରିଅଛି ।

*      ନିଗମ ସି.ଏସ.ଅର ଯୋଜନାରେ ବିଭିନ୍ନ ନିର୍ମାଣ କାର୍ଯ୍ୟ କମ୍ପାନି ଅଧିନିୟମ ଅନ୍ତର୍ଗତ ହାତକୁ ନେଇଅଛି ।

*      ନିଗମ ଓଡିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଅଧିନସ୍ଥ      "ଉତ୍କଳିକା" ର ମୁଖ୍ୟ ପ୍ରାସାଦ ନିର୍ମାଣ କାର୍ଯ୍ୟ ହାତକୁ ନେଇଥିବା ସହିତ ଓଡିଶା ତାଳଗୁଡ ସମବାୟ ସଂଘ ନିମନ୍ତେ ପ୍ରଶିକ୍ଷଣ ତଥା ଉତ୍ପାଦନ କେନ୍ଦ୍ର, ଓ.ଏମ.ସି ପାଇଁ ଖଣି ଅଞ୍ଚଳରେ ସୁରକ୍ଷା ସେନାଦଳ ନିମନ୍ତେ ସେନା ନିବାସ ନିର୍ମାଣ କାର୍ଯ୍ୟ ହାତକୁ ନେଇଅଛି ।

*      ନିଗମ  ଡି.ଟି.ଇ.ଟି. ନିମନ୍ତେ ୧୦୦ ରୁ ଅଧିକ ସ୍ମାର୍ଟ ଶ୍ରେଣୀ ଗୃହ କାର୍ଯ୍ୟ ହାତକୁ ନେଇଅଛି ।

*      ନିଗମ ଏସ.ଟି ଓ ଏସ.ସି ବିଭାଗ ନିମନ୍ତେ ସି.ସି.ଟି.ଭି ସ୍ଥାପନା କାର୍ଯ୍ୟ ସମ୍ପାଦନ କରିଅଛି ।

*      ୧୧୨ ଟି ସୌରଶକ୍ତି ସମ୍ପନ୍ନ ଆଲୋକିକରଣ କାର୍ଯ୍ୟ ନିଗମ କମ୍ପାନି ଅପରେଶନ ବେସ ରେ ଓ ୨ ଟି ଏସ.ଓ.ଜି ରେ ସମ୍ପାଦନ କରିଅଛି ।

*      ଡି.ଏମ.ଏପ. ଫାଣ୍ଡି ଅନ୍ତର୍ଗତ ଅନୁଗୁଳ ରେ ସହର ସଂନିରୀକ୍ଷଣ କାର୍ଯ୍ୟ ସମ୍ପାଦନ କରିବା ସହିତ ସୌରଶକ୍ତି ପଦ୍ଧତି ଓ ବିଜୁଳି ନିୟନ୍ତ୍ରଣ ବ୍ୟବସ୍ଥା ବିଭିନ୍ନ ପ୍ରାସାଦରେ କରିଅଛି ।

*      ୨୦୧୯-୨୦  ଆର୍ତିଅଆର୍ଥିକ ବର୍ଷରେ ନିଗମ  ୬.୦୧ କୋଟି ଟଙ୍କା ସରକାରଙ୍କୁ ଲାଭାଂଶ ରୁପେ ପ୍ରଦାନ କରିବା ପାଇଁ ସ୍ଥିର କରିଛି ।

--O--